# ଧରିତ୍ରୀ
DHARITRI

୧୮ଶ ଭାଗ ୫ ସଂଖ୍ୟା | ସମ୍ବଲପୁର, ସୋମବାର, ଡିସେମ୍ବର ୨୦/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Monday, December 20/2021 ★★

www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-


## ଆଜିଠୁ ୪ ଜିଲାକୁ ଏୟାର ଆମ୍ବୁଲାନ୍ସ ସେବା

**ଭୁବନେଶ୍ୱର/ ସମ୍ବଲପୁର, ୧୯।୧୨ (ବ୍ୟୁରୋ)**

ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଏୟାର ଆମ୍ବୁଲାନ୍ସ ସେବା ଆରମ୍ଭ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ପ୍ରଥମ ପର୍ଯ୍ୟାୟରେ ୪ଟି ଜଲାରେ ଏହି ସେବା ଯୋଗାଇ ଦିଆଯିବ। ସେଗୁଡ଼ିକ ହେଲା ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡ଼ା। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏହି ଏୟାର ଆମ୍ବୁଲାନ୍ସ ସେବାର ଉଦ୍‌ଘାଟନ କରିବେ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ରବିବାର ସମ୍ବଲପୁର ଗସ୍ତରେ ଆସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଉଚ୍ଚସ୍ଥାନରୁ ଚିତ୍କାର**

**ଆଜିର ମନ୍ତବ୍ୟ**

"କୃଷି ଆଇନ ଉଚ୍ଛେଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଐତିହାସିକ ପଦକ୍ଷେପ। ତଥାପି ଏହି ଆଇନରେ ଥିବା ସୁବିଧାଗୁଡ଼ିକ ସମ୍ପର୍କରେ ନିର୍ବାଚନମୁହାଁ ରାଜ୍ୟର କୃଷକଙ୍କୁ ଭାଜପା କର୍ମୀମାନେ ଅବଗତ କରାଇବେ।

–ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ

# ସ୍ୱତନ୍ତ୍ର ଓଜେଇଇ ଚିନ୍ତା

## ୬୦ ପ୍ରତିଶତ ସିଟ୍ ଖାଲି ପଡ଼ିଛି, ରାଜ୍ୟ ସରକାରଙ୍କୁ ଚିଠି ଲେଖିଲା ଓପେକା

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ରାଜ୍ୟରେ ଖାଲିପଡ଼ିଛି ୬୦%ରୁ ଊର୍ଦ୍ଧ୍ୱ ଇଞ୍ଜିନିୟରିଂ ସିଟ୍। ଏହି ଖାଲି ସିଟ୍‌ରେ ନାମ ଲେଖାଇବା ପାଇଁ ପ୍ରତିବର୍ଷ ସ୍ୱତନ୍ତ୍ର ଓଜେଇଇ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ଏଯାଏ ସେଭଳି କୌଣସି ସ୍ୱତନ୍ତ୍ର ଓଜେଇଇ ପାଇଁ ସରକାର ଚିନ୍ତା କରି ନାହାନ୍ତି। ଫଳରେ ଆଶାୟୀ ଛାତ୍ରୀଛାତ୍ର ଆଶଙ୍କା ଭିତରେ ରହିଥିବାବେଳେ ସିଟ୍ ପୂରଣ ପାଇଁ ଅଡି ବସିଛି ଓଡ଼ିଶା ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜ ଆସୋସିଏଶନ (ଓପେକା)।

ରାଜ୍ୟରେ ୮୦ ଘରୋଇ ଇଞ୍ଜିନିୟରିଂ କଲେଜ ଓ ୮ ସରକାରୀ ଇଞ୍ଜିନିୟରିଂ କଲେଜ ରହିଛି। ମିଳିଥିବା ସୂଚନାନୁସାରେ, ଘରୋଇ କଲେଜରେ ୩୦ ହଜାରରୁ ଊର୍ଦ୍ଧ୍ୱ ଓ ସରକାରୀ କଲେଜରେ ୪ହଜାରରୁ ଊର୍ଦ୍ଧ୍ୱ ସିଟ୍ ରହିଛି। ଏବେ ରାଜ୍ୟର ବିଭିନ୍ନ ଇଞ୍ଜିନିୟରିଂ କଲେଜରେ ୬୦ ପ୍ରତିଶତରୁ ଅଧିକ ସିଟ୍ ଖାଲି ପଡ଼ିଛି।



ତେବେ ସରକାରୀ କଲେଜରେ ପ୍ରାୟ ୧୦ ପ୍ରତିଶତ ସିଟ୍ ଖାଲି ପଡ଼ିଥିବାବେଳେ ଘରୋଇ କଲେଜରେ ଅଧିକ ସିଟ୍ ପଡ଼ିଛି। ତେଣୁ ଡିସେମ୍ବର ୩୧ ମଧ୍ୟରେ ସ୍ୱତନ୍ତ୍ର ଓଜେଇଇ କରିବା ପାଇଁ ଓପେକା ପ୍ରଥମେ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସେଠାରୁ ନିରାଶ ହେବା ପରେ ସଂଘ ଏବେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି।

ଓପେକା ପକ୍ଷରୁ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଖଲ କରାଯାଇଥିଲା। ଗୋଟିଏ ହେଉଛି ନାମଲେଖା ଅବଧି ବୃଦ୍ଧି କରିବା ଓ ଅନ୍ୟଟି ହେଉଛି ସ୍ୱତନ୍ତ୍ର ☞ପୃଷ୍ଠା-୪

# ଅନ୍‌ଲାଇନ୍ ଗେମ୍ ଖେଳି ଘରୁ ପଳାଇଲେ ଯୁବକ

- ବାପାଙ୍କ ଆକାଉଣ୍ଟରୁ ଗଲା ୨୩ ହଜାର
- ପୋଷ୍ଟର ଧରି ଖୋଜୁଛନ୍ତି ପରିବାର ଲୋକେ

**ଭଦ୍ରକ ଅଫିସ, ୧୯।୧୨**

ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳି ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଏଭଳି ଗେମ୍ ଖେଳି ଜଣେ ଯୁବକ ତାଙ୍କ ବାପାଙ୍କ ଆକାଉଣ୍ଟ ଖାଲି କରି ଦେଇଛନ୍ତି। ଆଉ ଗାଳି ଭୟରେ ଘର ଛାଡ଼ି ପଳାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦେହୁଡ଼ି ଆନନ୍ଦପୁରର ହାତିବାଡ଼ି ଗାଁରେ। ସୂଚନା ଅନୁଯାୟୀ, ଗ୍ରାମର ଖଗେଶ୍ୱର ନାୟକ(୧୯) ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳି ତାଙ୍କ ବାପା ପଦ୍ମନାଭ ନାୟକଙ୍କ ଆକାଉଣ୍ଟରୁ ୨୩, ୭୭୫ ଟଙ୍କା ହରାଇଛନ୍ତି। ପଦ୍ମନାଭଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫୋନ ପେ' ସହ ଲିଙ୍କ୍ କରାଇ ସେ ଏଭଳି ଟଙ୍କା ଖର୍ଚ୍ଚ କରି ଦେଇଛନ୍ତି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ୩ ଦିନ ହେଲା ସେ କେଉଁଆଡ଼େ ଚାଲି ଯାଇଛନ୍ତି। ଏପଟେ ଚାଷବାସ କରି କଷ୍ଟ ଉପାର୍ଜିତ ଟଙ୍କା ହରାଇଥିବା ବେଳେ ଅନ୍ୟପଟେ ପୁଅର ପତ୍ତା ମିଳୁ ନ ଥିବାରୁ ମା' ବାପା ଭାଙ୍ଗି ପଡ଼ିଛନ୍ତି। ପୁଅର ଫଟୋ ପୋଷ୍ଟର ଧରି ସେମାନେ ଚାରିଆଡ଼େ ଘୂରି ବୁଲୁଛନ୍ତି। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପୁଅକୁ ପାଉ ନାହାନ୍ତି। ପରିବାର ☞ପୃଷ୍ଠା-୪







ବିଦାୟ ନେବ ୨୦୨୧। ନୂତନବର୍ଷକୁ ସ୍ୱାଗତ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ବିଦାୟୀ ବର୍ଷରେ ପଶ୍ଚିମଓଡ଼ିଶା ଅନେକ ଘଟଣାବଳୀକୁ ନେଇ ଚର୍ଚ୍ଚାରେ ରହିଥିଲା। ବିଶେଷକରି କଳାହାଣ୍ଡି ମହାଲିଙ୍ଗ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାକୁ ନେଇ କେବଳ ପଶ୍ଚିମଓଡ଼ିଶା କାହିଁକି ସାରା ରାଜ୍ୟ ହୁଲସ୍ଥୂଲ୍ ହୋଇଥିଲା। କରୋନା ଯୋଗୁ ଜୀବନଯାତ୍ରା ସାମାନ୍ୟ ପ୍ରଭାବିତ ହୋଇଥିଲା। ବରଗଡ଼ ଧନୁଯାତ୍ରା ମହୋତ୍ସବ ବାତିଲ, ପୋଲିସ ହେପାଜତରେ ମୃତ୍ୟୁ, ହାତୀ ମୃତ୍ୟୁ ସହ ଚାଷୀ ଆତ୍ମହତ୍ୟା ପଶ୍ଚିମଓଡ଼ିଶାର ପ୍ରମୁଖ ଘଟଣାବଳୀ ଥିଲା। ଏଭଳି କିଛି ଘଟଣା ପ୍ରବାହକୁ ନେଇ ଏଥର ବର୍ଷାନ୍ତ ଆଲେଖ୍ୟ।

## ଏଥର ବି ଧନୁଯାତ୍ରାପ୍ରେମୀ ନିରାଶ



କରୋନା ଯୋଗୁ ଗତଥର ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବ ବନ୍ଦ ରହିଥିଲା। ଏଥର ଧନୁଯାତ୍ରା କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ କୋଭିଡ ଗାଇଡଲାଇନକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଚଳିତବର୍ଷ ଧନୁଯାତ୍ରାକୁ ଅନୁମତି ଦେଇନାହିଁ। ଫଳରେ ଗତଥର ଭଳି ଏଥର ମଧ ଧନୁଯାତ୍ରା ପ୍ରେମୀ ନିରାଶ ହୋଇଛନ୍ତି। ଆସନ୍ତା ୨୦୨୨ ଜାନୁୟାରୀ ୭ରୁ ଆରମ୍ଭ ହେବାକୁ ଥିବା ୭୩ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ବନ୍ଦ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି।

## ଦୁର୍ଘଟଣା ନେଲା ପରିବାରର ୪ ଜୀବନ

ଝାଡ଼ଖଣ୍ଡ ରାଜ୍ୟ ଖୁଣ୍ଟି ଥାନା ତୋରପା ତୁରାଗୀରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଭୀର ଖାତକୁ ଖସିପଡିବାରୁ ରାଉରକେଲାର ଗୋଟିଏ ପରିବାରର ୪ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ। ଏଭଳି ଦୁଃଖଦ ଖବରକୁ ନେଇ ରାଉରକେଲା ସିଭିଲଟାଉନଶିପ୍ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।

## ଆର୍‌ଏସ୍‌ପିରେ ଗ୍ୟାସ୍ ଲିକ୍
## ଅକାଳରେ ଝଡ଼ିଗଲା ୪ ଜୀବନ




ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) କୋଲ୍ କେମିକାଲ ଡିଭିଜନରେ ଗ୍ୟାସ୍ ଲିକ୍ ଯୋଗୁ କାର୍ଯ୍ୟରତ ୪ଜଣ ଠିକା ଶ୍ରମିକ ବ୍ରହ୍ମାନନ୍ଦ ପଣ୍ଡା(୫୧), ଅଭିମନ୍ୟୁ ସା(୩୩), ରବୀନ୍ଦ୍ର ସାହୁ(୫୯) ଓ ଗଣେଶ ଚାନ୍ଦ ପହିଲ(୫୫)ଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ୬ଜଣ ଅସୁସ୍ଥ ହୋଇଥିଲେ। କର୍ତ୍ତବ୍ୟରେ ଅବହେଳା କରିଥିବା ୨ ବିଭାଗୀୟ ଅଧିକାରୀ ଡିଜିଏମ୍ ଗୋପବନ୍ଧୁ ବାରିକ ଓ ନଭେନ୍ଦୁ ଦାସଙ୍କୁ ଆରଏସ୍‌ପି କର୍ତ୍ତୃପକ୍ଷ ନିଲମ୍ବନ କରିଥିଲେ। ପ୍ରତ୍ୟେକ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ଆରଏସ୍‌ପି ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଅଢେଇ ଲକ୍ଷ ଟଙ୍କାର ଚେକ୍ ଏବଂ ଅନ୍ତିମ ସଂସ୍କାର ପାଇଁ ୧୦ ହଜାର ଟଙ୍କା ଲେଖାଏଁ ଦିଆଯାଇଥିଲା।

# ମମିତା ନିଅାଁ





କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗ ସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣା ବହୁଚର୍ଚ୍ଚିତ ହୋଇ ରହିଛି। ଏହି ଘଟଣା କେବଳ କଳାହାଣ୍ଡି କି ବଲାଙ୍ଗୀର ଜିଲା ନୁହେଁ ସାରା ଓଡିଶାରେ ଚହଳ ପକାଇଛି। ମମିତା ହତ୍ୟାକାଣ୍ଡରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ ହେବା ପରେ ରାଜ୍ୟ ରାଜନୀତି ସରଗରମ ହୋଇଛି। ମନ୍ତ୍ରୀଙ୍କ ବହିଷ୍କାର ଏବଂ ଘଟଣାର ସିବିଆଇ ତଦନ୍ତ ଦାବିରେ ବିରୋଧୀ ଦଳଗୁଡିକ ରାଜ୍ୟ ସରକାରଙ୍କୁ ନିଶାନା କରି ରାଜ୍ୟବ୍ୟାପୀ ଆନ୍ଦୋଳନ କରିଛନ୍ତି। ଉକ୍ତ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ, ସହଯୋଗୀ ରାଧେଶ୍ୟାମ ଚଣ୍ଡୀ ଏବେ କଣ୍ଟାବାଞ୍ଜି ସବ୍‌ଜେଲରେ ଅଛନ୍ତି।

## କୋର୍ଟ ନିର୍ଦ୍ଦେଶ ପରେ ଶ୍ରମିକ ସଂଘ ନିର୍ବାଚନ

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। କୋର୍ଟ ନିର୍ଦ୍ଦେଶ ଦେବା ପରେ ରାଉରକେଲା ଇସ୍ପାତ କାରଖାନାରେ ସ୍ୱୀକୃତି ଶ୍ରମିକ ସଙ୍ଗଠନ ନିର୍ବାଚନ ହୋଇଛି। ଦେଢ଼ ବର୍ଷ ହେଲା ଶ୍ରମିକ ସଙ୍ଗଠନର ଅବଧି ସରିଯାଇଥିଲେ ମଧ ନିର୍ବାଚନ ହେଉ ନ ଥିଲା। ଫଳରେ ରାଉରକେଲା ଶ୍ରମିକ ସଂଘ କୋର୍ଟର ଦ୍ୱାରସ୍ଥ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନଭେମ୍ବର ୧୫ ତାରିଖରେ ସ୍ୱୀକୃତି ନିର୍ବାଚନ ଶେଷ ହୋଇଛି। କୋର୍ଟରେ ମାମଲା ଥିବାରୁ ଫଳାଫଳ ଘୋଷଣା କରାଯାଇନାହିଁ। ତେବେ ଏକ ଅସମର୍ଥିତ ସୂତ୍ର ଅନୁସାରେ, ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଏହି ନିର୍ବାଚନରେ ପ୍ରଥମ ସ୍ଥାନରେ ରହିଥିବା ଜଣାପଡିଛି।

## କର୍ଲାପାଟରେ ୬ ହାତୀ ମୃତ



କଳାହାଣ୍ଡି ଜିଲା କର୍ଲାପାଟ ଅଭୟାରଣ୍ୟରେ ୬ ହାତୀଙ୍କ ମୃତ୍ୟୁ ଘଟଣା ପରିବେଶପ୍ରେମୀଙ୍କୁ ବ୍ୟଥିତ କରିଥିଲା। ଏହି ଘଟଣାରେ ୩ଜଣିଆ କେନ୍ଦ୍ରୀୟ ଟିମ୍ କଳାହାଣ୍ଡି ଯାଇ ହାତୀ ମୃତ୍ୟୁର କାରଣ ଖୋଜିଥିଲେ।

## ରଙ୍ଗବତୀ ରଚୟିତା ମିତ୍ରଭାନୁ ଗୌନ୍ତିଆଙ୍କୁ ପଦ୍ମଶ୍ରୀ



ସମ୍ବଲପୁରୀ ରଙ୍ଗବତୀ ଗୀତର ରଚୟିତା କୁଚିଣ୍ଡା ଉପଖଣ୍ଡ ରଙ୍ଗବତୀ ବିଲୁଙ୍ଗ ଗ୍ରାମର ମିତ୍ରଭାନୁ ଗୌନ୍ତିଆଙ୍କୁ ୨୦୨୦ ବର୍ଷ ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ନଭେମ୍ବର ୭ରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିଥିଲେ।

## କରୋନା ସଂକ୍ରମଣ ଶୀର୍ଷରେ ଥିଲା ସୁନ୍ଦରଗଡ଼

ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ ଜିଲା କରୋନା ସଂକ୍ରମଣରେ ରାଜ୍ୟରେ ଶୀର୍ଷରେ ଥିଲା। ୨୦୨୧ରେ କରୋନାର ଦ୍ୱିତୀୟ ଲହର ପ୍ରଥମ ଲହର ତୁଳନାରେ ବେଶ ଘାତକ ସାଜିଥିଲା। ଏପ୍ରିଲଠାରୁ ପଡ଼ୋଶୀ ଛତିଶଗଡ଼-ଝାଡଖଣ୍ଡ ସୀମାକୁ ଲାଗିରହିଥିବା ସୁନ୍ଦରଗଡ ଜିଲାରେ କରୋନା ସଂକ୍ରମଣ ଲଗାତର ଶୀର୍ଷରେ ରହିଥିଲା। ଜିଲାର ବାଲିଶଙ୍କରା ବ୍ଲକ ବନଡେଗା ଗ୍ରାମପଞ୍ଚାୟତର ମୁରୁକିଆ ଗ୍ରାମରେ ପ୍ରଥମେ ୪୩ଜଣ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ସମ୍ପୃକ୍ତ ଅଞ୍ଚଳକୁ ପ୍ରଶାସନ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଥିଲା। ଜିଲାରେ ନାଇଟ୍ କର୍ଫ୍ୟୁକୁ କଡାକଡି ଭାବେ ଆରମ୍ଭ ସହ ପର୍ଯ୍ୟାୟ କ୍ରମେ ଲକ୍‌ଡାଉନ, ଶଟଡାଉନ୍ ପରେ ଜୁଲାଇ ଶେଷକୁ ଜିଲାରେ ପରିସ୍ଥିତି ସ୍ୱାଭାବିକ ଆଡକୁ ଗତି କରିଥିଲା। ଏପ୍ରିଲରୁ ଜୁଲାଇ ମଧ୍ୟରେ ଜିଲାରେ କରୋନାର ସ୍ଥିତି ବେଶ ଗମ୍ଭୀର ଥିଲା।



## କୋଭିଡ୍ ଟିକା ନେଇ ପ୍ରଥମ ମୃତ୍ୟୁ

କରୋନାରୁ ରକ୍ଷା ପାଇବା ପାଇଁ ଟିକା ନେଲେ । ଟିକା ନେବାର ୨ଦିନ ପରେ ମୃତ୍ୟୁ ଘଟିଲା। ଏଭଳି ଏକ ଘଟଣା ଘଟିଥିଲା ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ। ହସ୍ପିଟାଲରେ କାର୍ଯ୍ୟରତ ସୁରକ୍ଷା କର୍ମୀ ନାନକରାମ କେଉଁଟ (୨୬) ଟିକା ନେଇ ମୃତ୍ୟୁ ବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଟଣା ଓଡ଼ିଶାରେ ପ୍ରଥମ ଥିଲା।

## ପରଲୋକରେ ଜଣାଶୁଣା ଶ୍ରମିକ ନେତା



ବଲାଙ୍ଗୀର ଜିଲାର ବିଶିଷ୍ଟ ସାମାଜିକ କର୍ମୀ ତଥା ଜଣାଶୁଣା ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ପରଲୋକ ଯୋଗୁ ଶ୍ରମିକ ଆନ୍ଦୋଳନ ପ୍ରଭାବିତ ହୋଇଥିଲା। ବିଜୁ ଶ୍ରମିକ ସାମ୍ମୁଖ୍ୟର ପ୍ରତିଷ୍ଠାତା ସଦସ୍ୟ ତଥା ଉପସଭାପତି ଭାବେ ଶେଷ ଜୀବନ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଥିଲେ। ଲଳିତ ଏଥିସହିତ ପଶ୍ଚିମ ଓଡିଶା ଓ ରାଜ୍ୟର ୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ତଥା ସାମାଜିକ ସଙ୍ଗଠନର ସଭାପତି, ସମ୍ପାଦକ, ଉପଦେଷ୍ଟା ରହିଥିଲେ।

## ଫସଲ ନଷ୍ଟରୁ ଜୀବନ ହାରିଲେ ୩ ଚାଷୀ

ବଲାଙ୍ଗୀର ଜିଲାରେ ଭୟଙ୍କର ମରୁଡିକୁ ନେଇ ଚାଷୀକୁଳ ଚିନ୍ତିତ ଥିବା ବେଳେ ତୁରେକେଲା ବ୍ଲକର ଜଣେ ଚାଷୀ ବିଷପାନ କରି ଆତ୍ମହତ୍ୟା କରିଥିଲେ। ସେ ହେଲେ ତୁରେକେଲା ଥାନା ଘୁନେସ ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଦୋବେଡା ଗ୍ରାମର ରିଚେକ ବନ୍‌ଛୋର (୬୦)। ଭାଗଚାଷରେ ପ୍ରାୟ ଦୁଇ ଏକର ଜମିରେ କପା ଚାଷ କରିଥିବା ବନ୍‌ଛୋର କୀଟନାଶକ ପକାଇବାକୁ ଯାଇ ସେଠାରେ ବିଷପାନ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବର୍ଷାଭାବଜନିତ ମରୁଡି ଯୋଗୁଁ ଫସଲ ନଷ୍ଟ ହୋଇଯିବାରୁ ପାଟଣାଗଡ ବ୍ଲକ ଭଇଁଷା ନିକଟ ଭାଲୁଜୁରି ଗାଁର ଯୁଧିଷ୍ଠିର ଭୋଇ(୪୦) ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଖବର ସାରା ଜିଲାର ଚାଷୀକୁଳକୁ ଚିକିତ କରିଥିଲା। ସେହିପରି ବରଗଡ଼ ଜିଲା ଅତାବିରା ବ୍ଲକ ହିର୍ଲିପାଲି ପଞ୍ଚାୟତ ଟାଙ୍ଗରଟିକ୍ରା ଗ୍ରାମର ଚାଷୀ ବୃନ୍ଦାବନ ଭୁଏ(୬୨) କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା।




## ପୋଲିସ ହେପାଜତରେ ମୃତ୍ୟୁ

ବରଗଡ଼ ଟାଉନ ଥାନା ପୋଲିସ ହେପାଜତରେ ଥିବାବେଳେ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଶିଥିଳ ହୋଇପଡ଼ିଥିବା ବେଳେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତୁମ୍ଭିତୋଫାନ କରାଯାଇଥିଲା। ଫଳରେ ପୋଲିସ ପ୍ରଶାସନ ଘଟଣାର ଏଚ୍‌ଆର୍‌ପିସି ତଦନ୍ତ ପାଇଁ ସୁପାରିଶ କରିଥିଲା। ଏହାସତ୍ତ୍ୱେ ତଦନ୍ତ ଅଗ୍ରଗତି ନ କରିବାରୁ ଘଟଣାର ସିବିଆଇ ତଦନ୍ତ ଦାବି ଜୋର୍ ଧରିଥିଲା।



## ମହାନଦୀରେ ଭାସି ଆସିଥିଲେ ସବାରିରେ ଫେରିଗଲେ

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଶମେଲ ଗ୍ରାମରେ ପାଳିତ ସୋନି ଯାଦବଙ୍କ ବିବାହ ଚର୍ଚ୍ଚିତ ଥିଲା। ସୋନିଙ୍କ ଘର ଛତିଶଗଡ଼ ରାଜ୍ୟ ସାରଙ୍ଗଗଡ଼ ଥାନା ଜୋବ୍ରା ଗ୍ରାମରେ। ୫ବର୍ଷ ତଳେ ମହାନଦୀକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଭାସି ଆସିଥିଲେ। କୁଶମେଲ ଗ୍ରାମର ସନ୍ୟାସୀ କାଲୋ ତାଙ୍କୁ ଉଦ୍ଧାର କରି ଝିଅ ଭାବେ ପାଳିଥିଲେ। ଏପ୍ରିଲ ୨୧ରେ ସେହି ଛତିଶଗଡ଼ର ଧରମଗଡ଼ରେ ଜଣେ ଯୁବକଙ୍କ ସହିତ ବିବାହ ହୋଇଛି। ବାହାଘରରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଓ ତାଙ୍କ ସ୍ତ୍ରୀ ଉପସ୍ଥିତ ରହି ସୋନିଙ୍କୁ ଝିଅ ଭାବେ ଗ୍ରହଣ କରି ବେଦୀରେ କନ୍ୟାଦାନ କରିଥିଲେ। ସୋନି ମହାନଦୀରେ ଭାସିଆସିଥିଲେ ଆଉ ସବାରିରେ ଛତିଶଗଡ଼ ଫେରିଗଲେ।



## ବନ ବିଭାଗ ପଞ୍ଝାରେ ବାଘଛାଲ ବେପାରୀ

କଳାହାଣ୍ଡି, ନୂଆପଡ଼ା, ଦେବଗଡ଼ ଜିଲାରେ ସକ୍ରିୟ ଥିବା ଆନ୍ତଃ ରାଜ୍ୟ ବାଘଛାଲ ର୍‍ୟାକେଟ୍ ବନ ବିଭାଗ ପଞ୍ଝାରେ ପଡିଥିଲା। ମଧ୍ୟପ୍ରଦେଶ ଜବଲପୁର ସ୍ଥିତ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ, ଓଡ଼ିଶା ଓ ଛତିଶଗଡ଼ ବନ ବିଭାଗର ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯ ବାଘଛାଲ, ୨ ଦାନ୍ତ ଜବତ ସହ ଏଥିରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରିଥିଲା। ଜବତ ବାଘ ଛାଲରୁ ୮ କଲରାପତରିଆ ଓ ଗୋଟିଏ ମହାବଳ ବାଘର ବୋଲି ଜଣାପଡିଛି। ସବୁ ବାଘକୁ ଶିକାର କରାଯାଇଥିଲା ବୋଲି ଜଣେ ଅଧିକାରୀ କହିଥିଲେ। ଦେବଗଡ଼ ଜିଲାରେ ବର୍ଷକ ମଧରେ ବିକ୍ରି ଉଦ୍ୟମ ବେଳେ ୪ଟି ସ୍ଥାନରୁ ୪ଟି ବାଘଛାଲ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ୬ଜଣଙ୍କୁ ଗିରଫ କରାଯାଇଛି।



## ବାପାଙ୍କ ସହ ଝିଅପୁଅଙ୍କ ସଲିଳ ସମାଧି

ସମ୍ବଲପୁର ଟାଉନ ଥାନା ଦଲେଇପଡା ମହାନଦୀ ଘାଟରେ ଅକ୍ଟୋବର ୪ରେ ଗାଧୋଇବାକୁ ଯାଇ ଗୋଟିଏ ପରିବାରର ୩ ସଦସ୍ୟ ପାଣିରେ ଭାସିଯାଇ ସଲିଳ ସମାଧି ହୋଇଥିଲେ। ମୃତକମାନେ ହେଲେ ଧନୁପାଲି ଥାନା ପେନସନ୍‌ପଡାର ମହମ୍ମଦ ଅଲତାଫ (୪୫), ପୁଅ ମହମ୍ମଦ ଅଲତାଫ (୧୫) ଓ ଝିଅ ରୁକ୍‌ସାନା ବେଗମ (୧୩)। ସ୍ଥାନୀୟ ମତ୍ସ୍ୟଜୀବୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୪୮,୦୨,୩୧୮ | ୫୩,୬୯,୩୪୯ | ୨୪,୬୫,୬୮,୮୨୧ |
| ଭାରତ | ୩,୪୭,୪୦,୨୭୫ | ୪,୭୭,୪୨୨ | ୩,୪୧,୬୮,୯୪୦ |
| ଓଡ଼ିଶା | ୧୦,୫୨,୮୩୪ | ୮୪୪୪(+୫୩) | ୧୦,୪୨,୭୦୧ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜି ଉଦ୍‌ଘାଟନ ହେବ ଟି' ସେତୁ

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ): କଟକ ଜିଲା ବଡ଼ମ୍ବା ଓ ନରସିଂହପୁରଠାରୁ ବାଙ୍କୀ-ଖୋର୍ଦ୍ଧାକୁ ଯାତାୟାତ ଆହୁରି ସୁଗମ ହେବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ରାଜ୍ୟର ଦୀର୍ଘତମ ଗୋପୀନାଥପୁର- ସିଂହନାଥ ପୀଠ-ବୈଦ୍ୟେଶ୍ୱର ହାଇଲେବଲ ଟି'ସେତୁ ସୋମବାର ରାଜ୍ୟ ସରକାରଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବ। ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ୨୦୧୪ ଫେବୃୟାରୀ ୨୮ରେ ମୁଖ୍ୟମନ୍ତ୍ରୀ ଏହି ସେତୁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୩୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସେତୁର କାର୍ଯ୍ୟ ବର୍ତ୍ତମାନ ଶେଷ ହୋଇଯାଇଛି। ଏହାଦ୍ୱାରା କଟକ ଜିଲା ସମେତ ଖୋର୍ଦ୍ଧାର ଜନସାଧାରଣ ଓ ଲକ୍ଷ ଲକ୍ଷ ପର୍ଯ୍ୟଟକ ଉପକୃତ ହେବେ। ପ୍ରତ୍ୟେକ ବର୍ଷ ବଡ଼ମ୍ବା ବ୍ଲକ ଗୋପୀନାଥପୁରରେ ବାବା ସିଂହନାଥଙ୍କ ପ୍ରସିଦ୍ଧ ବାଲି ମକର ଯାତ୍ରା ପାଇଁ ମହାନଦୀ ମଧ୍ୟରେ ୩ କିମି ମାଟି ରାସ୍ତା ନିର୍ମାଣ ହେଉଥିଲା। ପରେ ଏହାର ଗୁରୁତ୍ୱକୁ ଦେଖି ଲୋକଙ୍କ ଅନୁରୋଧ ପରେ ସରକାର ଏହି ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ।

### ମାଛ ବ୍ୟବସାୟୀଙ୍କୁ ହତ୍ୟା, ୨ଅଟକ

ବାଲେଶ୍ୱର ଅଫିସ,୧୯।୧୨: ବାଲେଶ୍ୱର ସହର ସହଦେବଖୁଣ୍ଟା ମଡ଼େଲ ଥାନା ନିକଟସ୍ଥ ଗଳାପୋଲଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମାଛ ବ୍ୟବସାୟୀଙ୍କୁ ନିର୍ମମ ହତ୍ୟା କରାଯାଇଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ରବି ସିଂ। ଏନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ପୋଲିସ ଏକ ହତ୍ୟା ମାମଲା (ନଂ.୨୬୪/୨୧) ରୁଜୁ କରି ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଗଳାପୋଲ ନିକଟରେ ରବିଙ୍କ ସହ ଦୁର୍ବୃତ୍ତମାନଙ୍କର ବଚସା ହୋଇଥିଲା। ପରେ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ତାଙ୍କ ପେଟ, ଛାତି ଓ ପିଠିକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରବି ସେଠାରେ ପଡ଼ିଥିବା ବେଳେ ଖବର ପାଇ ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ସେଠାରେ ଡାକ୍ତର ରବିଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡ ପରେ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବାରୁ ଉଭୟ ଗୋଷ୍ଠୀର ବହୁ ଯୁବକ ଘର ଛାଡ଼ି ପଳାଇ ଯାଇଥିଲେ। ମୃତକଙ୍କ ଗାଡ଼ିକୁ ଜବତ କରାଯାଇଛି। ଚଢ଼ାଉ ଜାରି ରହିଛି ଓ ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ୭ ଆଟ୍ ରିସ୍କ ଦେଶ ଫେରନ୍ତା ପଜିଟିଭ୍

**ଓମିକ୍ରନ୍ ରୋକିବାକୁ ସର୍ଭେଲାନ୍ସକୁ ଗୁରୁତ୍ୱ**

■ ଜିନୋମ ସିକ୍ୱେନ୍ସିଂ ପାଇଁ ଯାଇଛି ଆଉ ୩ ନମୁନା

■ ଦେଶରେ ଏବେ ବି ଡେଲ୍‌ଟା ଭାରିଆଣ୍ଟ ପ୍ରଭାବ ବଳବତ୍ତର



ଭୁବନେଶ୍ୱର, ୧୯।୧୨(ବ୍ୟୁରୋ) 'ଓମିକ୍ରନ୍' ସଂକ୍ରମିତ ଆଟ୍ ରିସ୍କ ଦେଶରୁ ରାଜ୍ୟକୁ ଫେରିଥିବା ଲୋକଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ୪ଜଣଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ହୋଇଥିଲା। ସେମାନେ ଓମିକ୍ରନ୍ ପୀଡ଼ିତ ନ ଥିବା ଜଣାପଡ଼ିଛି। ଏବେ ଆଉ ତିନିଜଣଙ୍କ ନମୁନା ସିକ୍ୱେନ୍ସିଂ ପାଇଁ ପଠାଯାଇଛି ବୋଲି ରବିବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓମିକ୍ରନ୍‌କୁ ନେଇ ବିଭିନ୍ନ ମଡେଲ ଦେଖାଉଥିବା ଭବିଷ୍ୟବାଣୀ ଗୋଟେ ପରିସଂଖ୍ୟାନ ଉପରେ ଆଧାରିତ। ଆଇଆଇଟି ମଡେଲ ଅନୁସାରେ, ରୋଗ ପ୍ରତିରୋଧକ ଶକ୍ତି ଯଦି ପର୍ଯ୍ୟାପ୍ତ ପରିମାଣର ନ ଥିବ, ତେବେ ଦିନକୁ ଦେଶରେ ଦେଢ଼ଲକ୍ଷ ପର୍ଯ୍ୟନ୍ତ ସଂକ୍ରମିତ ବାହାରିବାର ସମ୍ଭାବନା ରହିଛି। ସର୍ଭେଲାନ୍ସ କରିବା ସବୁଠାରୁ ଭଲ ଉପାୟ। କିନ୍ତୁ କରୋନା ସଂକ୍ରମଣକୁ ପୂରା ଶୂନ କରିପାରିବା ନାହିଁ। ଯଦି ତୁରନ୍ତ ଚିହ୍ନଟ କରି ପ୍ରତିକାର କରାଯିବ, ଆକ୍ରାନ୍ତଙ୍କ ସଂଖ୍ୟା କମିପାରିବ। ନିର୍ବାଚନ ହେଉ କିମ୍ବା ସ୍କୁଲ ଖୋଲିବା ହେଉ, ସଂକ୍ରମିତଙ୍କ ସଂଖ୍ୟା ଓ ପଜିଟିଭିଟି ହାର ଦେଖି କେନ୍ଦ୍ର ସରକାରଙ୍କ ନିୟମ ମୁତାବକ ପ୍ରତିବନ୍ଧକ ଲଗାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସେପଟେ ସାରା ବିଶ୍ୱରେ ଏବେ କରୋନାର ଏହି ନୂଆ ଭାରିଆଣ୍ଟ ଓମିକ୍ରନ ଆତଙ୍କ ଖେଳାଇ ଥିବାବେଳେ ରାଜ୍ୟରେ ପୁଣି ଦୈନିକ ପଜିଟିଭ ସଂଖ୍ୟା ୨୦୦ ମୁହାଁହୋଇଥିବାରୁ ଚିନ୍ତା ବଢ଼ିଛି। ରାଜ୍ୟରୁ ଗତ ୨୪ ଘଣ୍ଟାରେ ୧୯୩ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩୪ ଜଣ ୧୮ ବର୍ଷରୁ କମ୍ ବୟସ ବର୍ଗର ଅଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୦୭ ଜଣ ଆକ୍ରାନ୍ତ ରହିଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦,୫୨,୮୩୪ ଓ ମୃତ୍ୟୁ ସଂଖ୍ୟା ୮,୪୪୪କୁ ବୃଦ୍ଧି ପାଇଛି।

ଅନ୍ୟପଟେ ଦେଶରେ ଡେଲ୍‌ଟା ଭାରିଆଣ୍ଟର ପ୍ରଭାବ ଏବେ ବି ରହିଛି। ଆଇସିଏମ୍ଆର୍‌ର ଅତିରିକ୍ତ ନିର୍ଦ୍ଦେଶକ ସମୀରନ ପଣ୍ଡା କହିଛନ୍ତି, ଯଦିଓ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି, ତଥାପି ଏବେ ବି ଦେଶରେ ଅଧିକାଂଶ ଡେଲ୍‌ଟା ଦ୍ୱାରା ସଂକ୍ରମିତ ହେଉଛନ୍ତି। ଡେଲ୍‌ଟା ଭାରିଆଣ୍ଟବେଳେ ହସ୍ପିଟାଲରେ ଯେଉଁଭଳି ସ୍ଥିତି ଦେଖା ଦେଇଥିଲା, ଦେଶରେ 'ଓମିକ୍ରନ' ସଂକ୍ରମିତଙ୍କ ସଂଖ୍ୟା ବଢ଼ିଲେ ହସ୍ପିଟାଲ ଉପରେ ସେଭଳି ଚାପ ପଡ଼ି ନ ପାରେ। ଏବେ ଯେଉଁମାନେ ଓମିକ୍ରନ ଦ୍ୱାରା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ସେମାନଙ୍କର ଯାତ୍ରା ବିବରଣୀ ହେଉଛି ବିଦେଶ ଗସ୍ତ। ତେଣୁ ଏପରି ସ୍ଥିତିରେ କରୋନା ନିୟମ ମାନିବା ଜରୁରୀ। ରାଜ୍ୟ ସରକାର ଜନ ଗହଳିକୁ ଦୂରେଇ ରଖିବା ସହିତ ବିଦେଶ ଫେରନ୍ତାଙ୍କୁ ଚିହ୍ନଟ କରିବା ଜରୁରୀ। ଏନେଇ ରାଜ୍ୟ ସରକାର ପ୍ରସ୍ତୁତ ରହିବା ସହିତ ହସ୍ପିଟାଲଗୁଡ଼ିକ ସତର୍କ ରହିବା ଆବଶ୍ୟକ। ଓମିକ୍ରନ୍ ଯେପରି ଗୋଷ୍ଠୀ ସଂକ୍ରମଣରେ ପରିଣତ ନ ହୁଏ, ସେଥିପ୍ରତି ସଜାଗ ରହିବାକୁ ହେବ। ଏହାକୁ ରୋକିବାକୁ ଜିଲା ସ୍ତରରେ ପ୍ରସ୍ତୁତ ରହିବାକୁ ହେବ ବୋଲି ଆଇସିଏମ୍ଆର୍ ପରାମର୍ଶ ଦେଇଛି।

# ପଞ୍ଚାୟତ ନିର୍ବାଚନ: ଆଦର୍ଶ ଆଚରଣ ବିଧି ପ୍ରକାଶିତ

**ତାରିଖ ଘୋଷଣା ଦିନଠାରୁ ଲାଗୁ ହେବ**

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ) ରାଜ୍ୟରେ ଖୁବ୍‌ଶୀଘ୍ର ଘୋଷଣା ହେବାକୁ ଯାଉଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତାରିଖ। ଏହାପୂର୍ବରୁ ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ଗୋଟିଏ ପରେ ଗୋଟିଏ ପ୍ରସ୍ତୁତି କରାଯାଉଛି। ଶନିବାର କମିଶନ ପକ୍ଷରୁ ପଞ୍ଚାୟତ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଉଭୟ ଓଡ଼ିଆ ଏବଂ ଇଂଲିଶ୍‌ରେ ପ୍ରକାଶ ପାଇଛି। ଏହା ନିର୍ବାଚନ ତାରିଖ ଘୋଷଣା ପରଠାରୁ ସମଗ୍ର ରାଜ୍ୟରେ ଲାଗୁ ହେବ ଏବଂ ଭୋଟ ଗଣତି ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ରାଜନୈତିକ ଦଳ, କ୍ଷମତାସୀନ ଦଳ ସମେତ ପ୍ରାର୍ଥୀ, ପ୍ରଶାସନିକ ଅଧିକାରୀ କ'ଣ କରିବେ, କ'ଣ ନ କରିବେ ତାହା ଆଦର୍ଶ ଆଚରଣ ବିଧିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ବିଶେଷକରି ସଭାସମିତି, ଶୋଭାଯାତ୍ରା, ପ୍ରଚାର, ଭୋଟ ପାଇଁ ନିବେଦନ ସାଙ୍ଗକୁ ଭୋଟଗ୍ରହଣ ଅଞ୍ଚଳ ଏବଂ ଭୋଟ ଗ୍ରହଣ ଦିବସରେ ଦଳ ଓ ପ୍ରାର୍ଥୀଙ୍କ ଆଚରଣ କେଉଁଭଳି ରହିବା ଉଚିତ ବା ଅନୁଚିତ ତାହା ଦର୍ଶାଯାଇଛି। ସେହିପରି ନିର୍ବାଚନ ସମୟରେ ଦୁର୍ନୀତି ଏବଂ ତତ୍‌ସଂକ୍ରାନ୍ତ ଦଣ୍ଡବିଧି ବ୍ୟବସ୍ଥାକୁ ମଧ୍ୟ ଉଲ୍ଲେଖ କରାଯାଇଛି। ମୁକ୍ତ ଏବଂ ଅବାଧ ନିର୍ବାଚନ କରାଯିବା ନିମନ୍ତେ ଭାରତୀୟ ସମ୍ବିଧାନର ଧାରା ୨୪୩–କେ ଓ ପଞ୍ଚାୟତ ଆଇନ ଅନୁଯାୟୀ କମିଶନ ଏହି ଆଦର୍ଶ ଆଚରଣ ବିଧି ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ଚଳିତ ଥର ଭୋଟ୍ ଗ୍ରହଣ ଦିନ ଗଣତି ହେବ ନାହିଁ। ଜୋନ୍ ତଥା ବ୍ଲକର ସାମଗ୍ରିକ ତ୍ରିସ୍ତରୀୟ ନିର୍ବାଚନ ସରିବା ପରେ ବ୍ଲକ ମୁଖ୍ୟାଳୟରେ ଗଣତି କରାଯିବ। ୫ଟି ପର୍ଯ୍ୟାୟରେ ପଞ୍ଚାୟତ ଭୋଟଗ୍ରହଣ ଏବଂ ୩ଟି ପର୍ଯ୍ୟାୟରେ ଗଣତି କରାଯିବ। ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନିର୍ବାଚନୀ ଖର୍ଚ୍ଚ ରାଶି ସହ ବ୍ୟବହାର ହେବାକୁ ଥିବା ଗାଡ଼ି ସଂଖ୍ୟା ବୃଦ୍ଧି ନେଇ ଘୋଷଣା ସରିଛି। ନିକଟରେ ପଞ୍ଚାୟତ ନିର୍ବାଚନର ଖର୍ଚ୍ଚ ରାଶି ସହ ଗାଡ଼ି ବ୍ୟବହାର ନେଇ କମିଶନଙ୍କ ତରଫରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଖୁବ୍‌ଶୀଘ୍ର ଆଉ ଏକ ସର୍ବଦଳୀୟ ବୈଠକ ଡକାଯାଇ ଚୂଡ଼ାନ୍ତ ଭୋଟର ତାଲିକାର ନକଲ ପ୍ରଦାନ କରାଯିବ। ଏହାପରେ ଅର୍ଥାତ୍ ଚଳିତ ମାସ ଶେଷସୁଦ୍ଧା ନିର୍ବାଚନ ତାରିଖ ଘୋଷଣା ହେବା ସମ୍ଭାବନା ରହିଛି।

# ଏସ୍‌ଟିଏଫ୍ କବ୍‌ଜାରେ ଚୋରା ବନ୍ଧୁକ ବେପାରୀ

**୮ ପିସ୍ତଲ, ୭ ଗୁଳି ଜବତ**





ଗିରଫ ବନ୍ଧୁକ ବେପାରୀ ରତ୍ନାକର କାଲଟା

ଛେଣ୍ଡିପଦା,୧୯।୧୨(ସ୍ୱ.ପ୍ର.) ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କେର୍ଜେଙ୍ଗ ଗ୍ରାମ ନିକଟରୁ ଶନିବାର ରାତିରେ ଜଣେ ଚୋରା ବନ୍ଧୁକ ବେପାରୀଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱରରୁ ଯାଇଥିବା ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ଛେଣ୍ଡିପଦା ପୋଲିସ ଏହି ଗିରଫଦାରି କରିବା ସହ ଘଟଣାସ୍ଥଳରୁ ୮ଟି ଚୋରା ଦେଶୀ ପିସ୍ତଲ ଏବଂ ୭ଟି ଗୁଳି ଜବତ କରିଛି। ଗିରଫ ବେପାରୀ ଜଣଙ୍କ ହେଲେ ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସରାପାଲି ଗ୍ରାମର ରତ୍ନାକର କାଲଟା (୨୮)।

ଦେବଗଡ଼ ଜିଲା ରିଆମାଳ ବ୍ଲକର ବୁଢ଼ାପାଳ ଓ ଛେଣ୍ଡିପଦା ବ୍ଲକ କେର୍ଜେଙ୍ଗକୁ ଯାଇଥିବା ରାସ୍ତାରେ ଚୋରା ବନ୍ଧୁକ କାରବାର ହେଉଥିବା ଏସ୍‌ଟିଏଫ୍‌କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତେଣୁ ଏସ୍‌ଟିଏଫ୍‌ର ଏକ ଟିମ୍ ଛେଣ୍ଡିପଦା ପୋଲିସ ସହାୟତାରେ ଉକ୍ତ ରାସ୍ତାରେ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତ ରତ୍ନାକର ପିସ୍ତଲ ଦେଖାଇ ସେଠାରୁ ଖସିଯିବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ଏସ୍‌ଟିଏଫ୍ ଟିମ୍ ତାଙ୍କ ନିକଟରୁ ୮ ଦେଶୀ ପିସ୍ତଲ, ୭ ଗୁଳି ଓ ଏକ ମୋବାଇଲ ଫୋନ ଜବତ କରିଥିଲା। ଏହାପରେ ଅଭିଯୁକ୍ତଙ୍କୁ ଛେଣ୍ଡିପଦା ପୋଲିସ ଜିମା ଦେଇଥିଲା। ଥାନା ଅଧିକାରୀ ଧୀରେନ କୁମାର ବେହେରା ନଂ. ୫୮୯/୨୧ରେ ମାମଲା ରୁଜୁ କରିବା ସହିତ ତଦନ୍ତ ଦାୟିତ୍ୱ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସଙ୍କୁ ଦେଇଛନ୍ତି। ତଦନ୍ତ ପରେ ଚୋରା ବନ୍ଧୁକ ବେପାର ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଛେଣ୍ଡିପଦା ପୋଲିସ ପକ୍ଷରୁ କୁହାଯାଇଛି।

## 'ରାଜ୍ୟ ସ୍ୱାର୍ଥ ପାଇଁ ଓଡ଼ିଆ ନେତୃତ୍ୱ ଜାଗ୍ରତ ହେଉ'

ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ) ଦିଲ୍ଲୀ ଦରବାରରେ ଓଡ଼ିଆମାନେ ପ୍ରତିନିଧିତ୍ୱ କରୁଛନ୍ତି, ନେତୃତ୍ୱ ନେଉଛନ୍ତି। ବହୁ ଓଡ଼ିଆ ଭିନ୍ନ ଭିନ୍ନ ଉଚ୍ଚ ପଦବୀରେ ଥିଲେ ମଧ୍ୟ ରାଜ୍ୟର ସ୍ୱାର୍ଥରକ୍ଷା ପାଇଁ ସମସ୍ତେ ନୀରବ ହୋଇଯାଇଛନ୍ତି। ଦିନକୁ ଦିନ ଆମ ରାଜ୍ୟର ସୀମା ସମସ୍ୟା ଅଧିକରୁ ଅଧିକ ଜଟିଳ ଆକାର ଧାରଣ କରୁଛି। ଏପରି ସମୟରେ ନିଜ ମାଟି ପାଇଁ ସମସ୍ତ ଓଡ଼ିଆ ଜାଗ୍ରତ ହେବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଆହ୍ୱାନ ଦିଆଯାଇଛି। ରବିବାର ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରି ସଭାପତି ଦିଲୀପ ଦାଶଶର୍ମା କହିଲେ, ଓଡ଼ିଶାର ସୀମା ଆଜି ସଙ୍କଟରେ ରହିଛି। ଓଡିଶାରୁ ଆରମ୍ଭ ହୋଇଥିବା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦରେ ସ୍ଥାପନା, ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ, ବଙ୍ଗୋପସାଗରର ନାମ ପରିବର୍ତ୍ତନ କରି କଳିଙ୍ଗ ସାଗର ରଖିବା ଓ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଭଳି ବହୁ ନ୍ୟାଯ୍ୟ ଦାବିକୁ ଅଣଦେଖା କରାଯାଉଛି। ଏଥିପାଇଁ ଠିକ୍ ଭାବେ ସ୍ୱର ଉଠୁ ନ ଥିବାରୁ ଆମେ ଆମ ହକ୍ ପାଇପାରୁ ନାହୁଁ ବୋଲି ସେ କହିଛନ୍ତି । ବୈଠକରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଗତବର୍ଷର ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିଥିଲେ। ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ନିମାଇଁ ଚରଣ ଦାସ, ଭୁବନେଶ୍ୱର ଶାଖା ସଭାପତି ବିଭୂତି ମିଶ୍ର, ସମ୍ପାଦକ ରାଜେଶ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।


ଧରିତ୍ରୀ DHARITRI

**ଆବଶ୍ୟକ କରୁଛି**

**ସହସମ୍ପାଦକ**

- ସାମ୍ବାଦିକତାରେ ଡିଗ୍ରୀ ରହିଥିବା ଆବଶ୍ୟକ।
- ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୂନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
- ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷ ଜ୍ଞାନ ଥିବା ଆବଶ୍ୟକ।
- ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ।

**ଖବରଦାତା**

- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ।

ଆବେଦନ କରନ୍ତୁ:-
recruitment@dharitri.com

ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ ।


## ଜାନୁୟାରୀ ୨ରୁ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ

ରାଜନଗର,୧୯।୧୨(ଡି.ଏନ.ଏ.) କୁମ୍ଭୀର ଗଣନା ପାଇଁ ଭିତରକନିକା ପର୍ଯ୍ୟଟକଙ୍କ ଲାଗି ୧୦ ଦିନ ବନ୍ଦ ରହିବ । ୨୦୨୨ ଜାନୁୟାରୀ ୨ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ହେବ । ଜାନୁୟାରୀ ୧୨ରୁ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଭିତରକନିକା ଜାତୀୟ ଉଦ୍ୟାନ ଓ ଏହା ବାହାରେ ଥିବା ନଦୀ ନାଳରେ ବି କୁମ୍ଭୀରଗଣନା କରାଯିବ। ସୂଚନାଯୋଗ୍ୟ, ଚଳିତବର୍ଷ ଜାନୁୟାରୀରେ ହୋଇଥିବା ଗଣନା ଅନୁଯାୟୀ ଭିତରକନିକାରେ ୧୭୬୮ ବଉଳା କୁମ୍ଭୀର ଥିଲେ ।

# କଏନ ନେବାକୁ ବ୍ୟାଙ୍କ ଅରାଜି

**ରିଜର୍ଭ ବ୍ୟାଙ୍କକୁ ଚିଠି ଲେଖିଲେ ମା' ତାରିଣୀ ଟ୍ରଷ୍ଟ ବୋର୍ଡ ସଭାପତି**

କେନ୍ଦୁଝର/ଘଟଗାଁ, ୧୯।୧୨ (ସ୍ୱ.ପ୍ର./ ଡି.ଏନ୍.ଏ.) କେନ୍ଦୁଝର ଜିଲା ଘଟଗାଁ ତାରିଣୀ ପୀଠର ପ୍ରାୟ ୮୦ ଲକ୍ଷ ଟଙ୍କାର କଏନ୍ ବିଭିନ୍ନ ବ୍ୟାଙ୍କରେ ପଡ଼ି ରହିଛି। କିନ୍ତୁ ଏହି କଏନ୍‌କୁ କାମରେ ଲଗାଇବାରେ ଅସୁବିଧା ହେଉଥିବାରୁ ଆଗକୁ ଆଉ ଗ୍ରହଣ କରାଯିବନାହିଁ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଫଳରେ ମା' ତାରିଣୀ ଟ୍ରଷ୍ଟ ଏହା ବିରୋଧରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ତଥା ରାଜସ୍ୱ କମିଶନରଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

ବହୁ ଭକ୍ତ ଦୈନିକ ମା' ତାରିଣୀଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି। ଦାନ ଆକାରରେ କଏନ ହୁଣ୍ଡିରେ ପକାଇଥାନ୍ତି। ସେହିପରି ବାହାରୁ ଭକ୍ତମାନେ ମାନସିକ ନଡ଼ିଆ ସହ କଏନ ପଠାଇଥାନ୍ତି। ସେସବୁକୁ ଗଣତି କରି ବ୍ୟାଙ୍କରେ ଜମା କରାଯାଇଥାଏ। ଦୈନିକ ପାଖାପାଖି ୧୫ ହଜାର ଟଙ୍କାର କଏନ ଏସ୍‌ବିଆଇ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆର ଘଟଗାଁ ଶାଖାରେ ଜମା ହୋଇଥାଏ। ଏନେଇ ବ୍ୟାଙ୍କ ପକ୍ଷରୁ ଟ୍ରଷ୍ଟ ବୋର୍ଡକୁ ଚିଠି ଲେଖି ଉକ୍ତ କଏନ୍ ଗ୍ରହଣ କରିବାକୁ ଅସମର୍ଥ ପ୍ରକାଶ କରିଛନ୍ତି। ଏହି କଏନ୍ ଜରିରେ ବନ୍ଧା ହୋଇ ପ୍ରଦାନ କରାଯାଇଛି। କଏନ୍ ଗଣିବାରେ ସୁବିଧା ହେଉ ନ ଥିବା ଦର୍ଶାଇ ଗ୍ରହଣ କରିବାକୁ ମନା କରିବା ପରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏକ ବୈଠକ ଡାକି ଏନେଇ ଆର୍‌ବିଆଇ ଓ ରାଜସ୍ୱ କମିଶନରଙ୍କୁ ଚିଠି ଲେଖାଯାଇଥିବା ଟ୍ରଷ୍ଟ ବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ଲିଡ୍ ଡିଷ୍ଟ୍ରିକ ମ୍ୟାନେଜର ରବିନାରାୟଣ ମହାଳିକ କହିଛନ୍ତି, ଆର୍‌ବିଆଇର ଗାଇଡ୍‌ଲାଇନ୍ ରହିଛି କଏନ୍ ଗ୍ରହଣ କରିବାକୁ ବ୍ୟାଙ୍କ ମନା କରିପାରିବ ନାହିଁ।




# ଦଳ ଲାଗି ସଙ୍ଗଠିତ ହେବାକୁ ଆହ୍ୱାନ



ବୈଠକରେ କଂଗ୍ରେସ ରାଜ୍ୟ ପ୍ରଭାରୀ ଚେଲ୍ଲା କୁମାରଙ୍କ ସହ ଅନ୍ୟମାନେ।

## କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଚେଲ୍ଲା କୁମାର

ଫୁଲବାଣୀ ଅଫିସ, ୧୯।୧୨

କନ୍ଧମାଳ ଜିଲା ଫୁଲବାଣୀ କରୋନେଶନ ପଡ଼ିଆରେ ରବିବାର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରଭାରୀ ଚେଲ୍ଲା କୁମାର ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଦଳ ଲାଗି ସଙ୍ଗଠିତ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକାରିଣୀ ବୈଠକ ପରିପ୍ରେକ୍ଷୀରେ ଜିଲାରେ କଂଗ୍ରେସ ତାହାର ଶକ୍ତି ପ୍ରଦର୍ଶନ କରିଥିଲା। ଦଳୀୟ କର୍ମକର୍ତ୍ତା ଓ ନେତାମାନେ ରାଲିରେ ସହର ପରିକ୍ରମା କରିବା ପରେ କରୋନେଶନ ପଡିଆରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ବୈଠକରେ ରାଜ୍ୟ ପ୍ରଭାରୀ ଚେଲ୍ଲା କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ କଂଗ୍ରେସ ଦଳର ସଫଳତା ବର୍ଣ୍ଣନା କରିଥିଲେ। ଦେଶର ଆଦିବାସୀ, ହରିଜନ ଓ ଦଳିତମାନଙ୍କ ବିକାଶ ପାଇଁ କଂଗ୍ରେସ ହିଁ ସମସ୍ତ ଯୋଜନା ଲାଗୁ କରିଛି। ଏମ୍‌ଜିଏନ୍‌ଆରଇଜିଏସ୍, ଜଙ୍ଗଲ ଅଧିକାର ଆଇନ, ସୂଚନା ଅଧିକାର ଆଇନ ପ୍ରଣୟନ କରି ସାଧାରଣ ଜନତାଙ୍କୁ ସେମାନଙ୍କ ଅଧିକାର ଦେଇଛି। କନ୍ଧମାଳର ଆଦିବାସୀଙ୍କ ଆର୍ଥିକ ଉନ୍ନତି ପାଇଁ କସମ ଭଳି ସଂସ୍ଥାର ସ୍ଥାପନା, ବଲସକୁମ୍ପା ଜଳସେଚନ ପ୍ରକଳ୍ପ କଂଗ୍ରେସ କରିଛି। ରାଜ୍ୟର ବିଜେଡି ସରକାର ଓ କେନ୍ଦ୍ରର ଭାଜପା ସରକାର ଲୋକଙ୍କୁ କେବଳ ଭୁଆଁ ବୁଲାଉଛନ୍ତି। ତେଣୁ କଂଗ୍ରେସକୁ ପୁଣି କ୍ଷମତାକୁ ଫେରାଇ ଆଣିବା ସମସ୍ତଙ୍କର ପ୍ରାଥମିକତା ହେବା ଦରକାର ବୋଲି ଚେଲ୍ଲା କୁମାର ତାଙ୍କ ଅଭିଭାଷଣରେ କହିଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମୋଦି, ନବୀନ ହଟାଅ, ଦେଶ ଓ ରାଜ୍ୟ ବଞ୍ଚାଅ ବୋଲି ଆହ୍ୱାନ ଦେଇଥିଲେ। ସେହିଭଳି ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ସାହସର ସହ ଲଢେଇ କରି ପୁଣି ଥରେ ସଂଗଠନକୁ ସୁଦୃଢ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ନକୁଳ ନାୟକ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଦାରିଙ୍ଗବାଡି ଅଞ୍ଚଳର ଜଣାଶୁଣା ନେତା ଅମୀରଚାନ୍ଦ ନାୟକ ନିଜର ଶତାଧିକ ସମର୍ଥକଙ୍କ ସହିତ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ଜିଲା ସଭାପତି ଅନାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୋରାପୁଟ ଜିଲା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି, ପିସିସି ସମ୍ପାଦକ ଚନ୍ଦ୍ର ଶେଖର ପରିଡା, ମହିଳା କଂଗ୍ରେସ ସମ୍ପାଦିକା ସାଇବାଣୀ କହଁର, ନଗର କଂଗ୍ରେସ ସଭାପତି ଶିବ ଶଙ୍କର ବେହେରା, ଛାତ୍ର କଂଗ୍ରେସ ସଭାପତି ଅନୁପମ କହଁର, ମହିଳା କଂଗ୍ରେସ ଜିଲା ସଭାପତି ରୁଦା ମଲିକ, ଏମ୍‌ପି ପ୍ରାର୍ଥୀ ମନୋଜ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀ ଧନ୍ୟବାଦ ଦେଇଥିଲେ।

# 'ଯୋଗୀ ଫୋନ୍ ଟ୍ୟାପିଂ କରି ରାତିରେ ଶୁଣୁଛନ୍ତି'

ଲକ୍ଷ୍ନୌ, ୧୯।୧୨



ଅଖିଳେଶ ଯାଦବ

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିରୋଧୀ ନେତାଙ୍କ ଫୋନ୍ ଟ୍ୟାପିଂ କରାଉଛନ୍ତି। ସେ ପ୍ରତି ରାତିରେ ରେକର୍ଡିଂ ଶୁଣୁଛନ୍ତି ବୋଲି ରବିବାର ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଅଭିଯୋଗ ଆଣିଛନ୍ତି।

ଅଖିଳେଶ କହିଛନ୍ତି, ତାଙ୍କ ଅଫିସର ସବୁ ଲ୍ୟାଣ୍ଡଲାଇନ୍ ନମ୍ବରକୁ ମଧ୍ୟ ଟ୍ୟାପିଂ କରାଯାଉଛି। ଅଖିଳେଶଙ୍କ ୪ ଘନିଷ୍ଠ ସହଯୋଗୀଙ୍କ ଘରେ ଆୟକର ଅଧିକାରୀମାନେ ଚଢ଼ାଉ କରିବାର ଦିନକ ପରେ ଅଖିଳେଶ ଏହି ଅଭିଯୋଗ ଆଣିଛନ୍ତି। ଆସନ୍ତା ବିଧାନସଭା ନିର୍ବାଚନରେ ଭାଜପା ପରାଜିତ ହେବ ବୋଲି ଏହି ଚଢ଼ାଉରୁ ସଙ୍କେତ ମିଳୁଛି। ଏବେ ତ ଆୟକର ବିଭାଗ ଆସିଛି, ଆଗକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇ ମଧ୍ୟ ଆସିବ। କିନ୍ତୁ ସମାଜବାଦୀ ପାର୍ଟିର ସାଇକେଲ ଅଟକିବ ନାହିଁ। ପଶ୍ଚିମବଙ୍ଗ ନିର୍ବାଚନରେ ମଧ୍ୟ ଭାଜପା ଏପରି କରିଥିଲା। କିନ୍ତୁ ସୁଫଳ ମିଳିଲା ନାହିଁ ବୋଲି ସେ କହିଛନ୍ତି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଙ୍ଗା ଏକ୍ସପ୍ରେସ୍‌ୱେର ଶିଳାନ୍ୟାସ କରି ୟୁପି+ଯୋଗୀ=ଉପଯୋଗୀ ବୋଲି କହିଥିଲେ। ଏନେଇ ଅଖିଳେଶ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯୋଗୀ ଅନୁପଯୋଗୀ ହୋଇଯାଇଛନ୍ତି।

# ବ୍ରେକ୍‌ଜିଟ୍ ମନ୍ତ୍ରୀଙ୍କ ଇସ୍ତଫା

ଲଣ୍ଡନ, ୧୯।୧୨



ଡାଭିଡ୍ ଫ୍ରଷ୍ଟ ବୋରିସ୍ ଜନ୍‌ସନ

ବ୍ରିଟେନର ବ୍ରେକ୍‌ଜିଟ୍ ମନ୍ତ୍ରୀ ଡାଭିଡ୍ ଫ୍ରଷ୍ଟ ବୋରିସ୍ ଜନ୍‌ସନ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ଫ୍ରଷ୍ଟଙ୍କ ଇସ୍ତଫା ସମ୍ପର୍କରେ ରବିବାର ଡାଉନିଂ ଷ୍ଟ୍ରିଟ୍ ସ୍ପଷ୍ଟ କରିଛି। ଫ୍ରଷ୍ଟ କହିଛନ୍ତି, ସେ ଆସନ୍ତା ଜାନୁୟାରୀରେ ପଦ ଛାଡ଼ିବେ ବୋଲି ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ସହ ସହମତ ହୋଇଥିଲେ। କିନ୍ତୁ ବ୍ରିଟିଶ ଗଣମାଧ୍ୟମ ଏହାକୁ ପ୍ରଘଟ କରିଥିଲା। ତେଣୁ ସେ ତତ୍କାଳ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଲେ। ଟିକସ ବୃଦ୍ଧି, ଅତିରିକ୍ତ କୋଭିଡ୍ କଟକଣା ଏବଂ ନେଟ୍ ଜିରୋ ପରିବେଶ ନୀତି ଭଳି ପ୍ରସଙ୍ଗରେ ସରକାରଙ୍କ ସହ ମତଭେଦ କାରଣରୁ ଫ୍ରଷ୍ଟ ଇସ୍ତଫା ଦେଇଥିବା କେତେକ ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ପ୍ରକାଶିତ ତାଙ୍କ ଇସ୍ତଫାପତ୍ରକୁ ନେଇ ଫ୍ରଷ୍ଟ କହିଛନ୍ତି, ଏବେ ବ୍ରେକ୍‌ଜିଟ୍ ସୁରକ୍ଷିତ। କିନ୍ତୁ ବର୍ତ୍ତମାନ ଏହା ଯେଉଁ ଦିଗକୁ ଗତି କରୁଛି ତାହା ଚିନ୍ତାର ବିଷୟ। ଅନ୍ୟପକ୍ଷେ ଫ୍ରଷ୍ଟଙ୍କ ଇସ୍ତଫାକୁ ପ୍ରଧାନମନ୍ତ୍ରୀ ଜନ୍‌ସନଙ୍କ ପାଇଁ ଆଉ ଏକ ଝଟ୍‌କା ବୋଲି କୁହାଯାଉଛି। କାରଣ ତାଙ୍କ ନେତୃତ୍ୱକୁ ନିଜ ଦଳର ବିଦ୍ରୋହୀ ଏମ୍‌ପିମାନେ ମଧ୍ୟ ସମାଲୋଚନା କରୁଛନ୍ତି। ଓମିକ୍ରନ୍ ଭାରିଆଣ୍ଟର ସଂକ୍ରମଣକୁ ଦୃଷ୍ଟିରେ ରଖି ଜନ୍‌ସନ ନିକଟରେ କେତେକ କଟକଣା ବଢ଼ାଇଥିବାବେଳେ କନ୍‌ଜର୍ଭେଟିଭ୍ ପାର୍ଟିର ୯୯ ଜଣ ଏମ୍‌ପି ଏହା ବିରୋଧରେ ଭୋଟ ଦେଇଥିଲେ।

# 'ସରକାରଙ୍କ ଜନବିରୋଧୀ ନୀତିର ଜବାବ ଦିଅ'

## ବରଗଡ଼ରେ ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)



ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରୁଛନ୍ତି।

ବରଗଡ଼ ଜିଲା ବରପାଲିଠାରେ ରବିବାର ଜିଲା ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ ଯୁବ କଂଗ୍ରେସ ପ୍ରଭାରୀ ରିୟାଜୁଲ ଅନ୍‌ସାରୀ ଓ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ଯୋଗଦେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଜନବିରୋଧୀ ନୀତିର ଜବାବ ଆଗାମୀ ନିର୍ବାଚନରେ ଦେବାକୁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଲେଙ୍କା କହିଲେ, କେନ୍ଦ୍ରରେ ଭାଜପା ଓ ରାଜ୍ୟର ବିଜେଡି ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଉଭୟ ଦଳ କେବଳ ନିଜ ସ୍ୱାର୍ଥ ପାଇଁ ଜନସାଧାରଣଙ୍କ ଆଗରେ ମିଥ୍ୟା ଅଭିନୟ କରୁଛନ୍ତି। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ସେମାନଙ୍କ ମନରେ କୌଣସି ଦରଦ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ଓ ରୋଜଗାରର କୌଣସି ସୁଯୋଗ ସୃଷ୍ଟି କରାଯାଉନାହିଁ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଶାସକ ଦଳର ଜନମାରଣ ନୀତି ବିରୋଧରେ ଯେପରି ସାଧାରଣ ଲୋକେ ଉପଯୁକ୍ତ ଜବାବ ଦେଇପାରିବେ, ସେଥିପାଇଁ ଜନମତ ସୃଷ୍ଟି କରିବାକୁ ପଡ଼ିବ। ଏଥିପାଇଁ ଯୁବବର୍ଗ ହିଁ ଜନଜାଗରଣର ସାରଥି ବୋଲି ସେ ସମ୍ବୋଧନ କରିଥିଲେ। ସେହିପରି ପ୍ରଭାରୀ ରିୟାଜୁଲ ଅନ୍‌ସାରୀ ଏବଂ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ୍ ଯୋଗଦେଇ ଉଭୟ ସରକାରଙ୍କ ଉପରେ ବର୍ଷିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଳାଷ ପତି, ସମ୍ପାଦକ ସମ୍ରାଟ ଜେନା, ପୂର୍ବତନ ଯୁବ କଂଗ୍ରେସ ନେତା ଲୋକନାଥ ମହାନ୍ତି ଉପସ୍ଥିତ ଥିଲେ।

## ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା କର୍ମୀ

ପାରଳାଖେମୁଣ୍ଡି, ୧୯।୧୨ (ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ଉପଲଡା ଗ୍ରାମରେ ଜିଲାର ୭ ନଂ ଜୋନର ଜିଲା ପରିଷଦ ସଭ୍ୟା ବିମଳା ସାମଲଙ୍କ ନେତୃତ୍ୱରେ ୬ ପଞ୍ଚାୟତର ୧୫୦୦ରୁ ଊର୍ଦ୍ଧ୍ୱ କର୍ମୀ ରବିବାର ଭାଜପା ଛାଡି ବିଜେଡିରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ହାଇଟେକ ଗ୍ରୁପର ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀଙ୍କ ଉପସ୍ଥିତିରେ ଭାଜପା ଛାଡି କର୍ମୀମାନେ ବିଜେଡିର ଶଙ୍ଖ ଧରିଛନ୍ତି। ଦଳରେ ଅଣଦେଖା ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗଦେଇଥିବା କହିଛନ୍ତି।


**NAC OFFICE, CHAMPUA**
Ph.No.06767-240050, E Mail- champuanac@gmail.com
**"e" PROCUREMENT NOTICE**
No.3021 Date: 18.12.2021
**BID IDENTIFICATION NO. EO CHAMPUANAC NO.36/2021-22**
No. C-1635:- Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.

1. Nature of the work : Civil
2. No. of works : 03 Nos.
3. Estimated cost : As per DTCN
4. Period of completion : As per DTCN
5. Date & time of availability of the bid documents in the portal : 20.12.21 at 11.00 A.M. to 24.12.21 upto 5.00 P.M.
6. Last date / time for receipt of bids in the portal : 24.12.21 upto 5.00 P.M.
7. Last date and time of submission of hard copies of the documents original by Speed Post / Registered Post : 29.12.21 utp 5.00 P.M.
8. Bids received online shall be opened on : 30.12.21 at 11.00 A.M.
9. Name & address of the officer inviting bid : Executive Officer, Champua NAC

Further details can be seen from the procurement portal: www.tendersodisha.gov.in
Sd./- Executive Officer, N.A.C., Champua
OIPR-13157/11/0011/2122

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JAGATSINGHPUR**
**Cancellation of Tender Call Notice No. 15 of 2021-22**
No.O-1385:- The tender invited in this notice is hereby cancelled due to some unavoidable circumstances.
Sd./- Executive Engineer
Rural Works Division, Jagatsinghpur
OIPR-25056/11/0021/2122

**OFFICE OF THE COLLECTOR, JAGATSINGHPUR**
**ST & SC DEVELOPMENT SECTION**
**DISTRICT PROJECT MONITORING CELL (PMAGY)**
**EXPRESSION OF INTEREST (EOI)**
No. 14730, dt.16.12.2021
**No.V-46:-** Expression of Interest from NGOs having willingness and aptitude and manpower (one team leader and two Community Resource Persons) for various activities under **Pradhan Mantri Adarsh Gram Yojana** (PMAGY) are invited to submit their proposals before the District Monitoring Cell in the District Welfare Office, Jagatsinghpur by **5.00 PM of 25th December 2021**. The requisite qualification of the interested NGOs and other details including terms and conditions are available in www.jagatsinghpur.nic.in.
Sd./- District Welfare Officer, Jagatsinghpur
OIPR-26059/11/0001/2122

**OFFICE OF THE PANCHAYAT SAMITI, DASPALLA**
At/P.O.- Daspalla, Dist.- Nayagarh, Odisha- 752084
Phone: +91-6757-220025, E-mail Id- ori-daspalla@nic.in
No.4184 / Date : 18.12.2021
No. i-286:- Sealed percentage rate tender in single cover system is invited from the registered and eligible class of Civil Contractors of the State PWD (R&B) / Water Resources / Rural Works / MI / CPWD through Registered Post / Speed Post only for the works as detailed below.

| Sl. No. | Name of the project | Scheme | Esst. cost put to tender (Rs.) | Cost of tender documents (Non-refundable) (Rs.) | Class of contractors | Time of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Model Dining Hall at Govt. High School, Daspalla | ST/SC Dev. 2020-21 | 29,38,917.00 | 6,000.00 | 'C' & 'B' | 6 (Six) calendar months |
| 2 | New construction of PHC Building at PHC(N)-Chadeyapalli | NHM Suppl. PIP- 2021-22 | 68,27,717.00 | 10,000.00 | 'B' & 'A' | 6 (Six) calendar months |

Terms & conditions:
1. The tener paper (including Tender Call Notice, approved tender schedule & DTCN) etc. will be available in the official website http://www.nayagarh.nic.in from **20.12.2021, 10.00 A.M. to 06.01.2022 upto 01.00 P.M.** and can be downloaded from the website.
2. The tenderer must pay cost of tender document (Non-refundable) as mentioned in Col.-5 for the works including GST in shape of Bank Draft from any Nationalized Bank payable at Daspalla drawn in favour of Block Development Officer, Daspalla (Prepare on or before the last date of sale of tender paper) or else the tender paper will be rejected.

Sd./- Block Development Officer, Daspalla
OIPR-19119/11/0009/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**
E-mail: ee_rwbdk@yahoo.com
"e" Procurement Notice for Road and Building Works
Bid Identification No. Online Tender 19 of 2021-22 (Short Tender Call Notice)
No.O-1393:- 1. Name of the work: Road & Building works. 2. Total No. of works: 5 Nos. 3. Estimated cost : Rs.1.77 lakh to Rs.22.30 lakh. 4. Class of contractor : As per Annexure. 5. Period of completion: One month. 6. Type of tender : Single cover. 7. Other details:

| Procurement Officer | Bid Identification No. | Availability of tender Online for bidding | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division-I, Bhadrak | Online- 19 of 2021-22 | 21.12.21 At- 10.00 A.M. | 27.12.21 at - 4.00 P.M. | 28.12.2021 at 11.00 A.M. |

Further details can be seen from the e-procurement portal "https://tendersorissa.gov.in"
Sd./- Er. Santanu Kumar Naik, Superintending Engineer, R.W. Division, Bhadrak
OIPR-25060/11/0020/ 2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**
jajpurrwd@yahoo.com
No.O-1388:- Letter. No. 5930 / Date 16.12.2021
'E' PROCUREMENT NOTICE NO. Tender Online 10 JJPT of 2021-22
1. Name of work : Road Works.
2. Total No of Work : 02 nos. road work.
3. Estimated Cost (Approx.) : Rs. 53.07 to 53.94 Lakhs
4. Period of Completion : 1 Month
5. Class of contractors : A & B Class

**Other details as follows:**
a) Procurement officer Rural Works Division, Jajpur : Superintending Engineer
b) Availability of tender online & submission of bid : 20.12.2021 at 11.00 AM to 27.12.2021 upto 5.00 P.M.
c) Last date & time of seeking of tender clarification : 27.12.2021 upto 1:00 P.M.
d) Opening of tender : 28.12.2021 at 11.30 A.M.

Further details can be seen from the Govt. website www.tendersodisha.gov.in
Sd./- Superintending Engineer
Rural Works Division, Jajpur
OIPR-25047/11/0015/2122

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SAMBALPUR**
Tel.- 0663-2548268, E-mail id- serwcirclesbp@yahoo.com
No.O-1380:- e-Procurement No.3371/ Dated: 15.12.2021
Chief Construction Engineer, Rural Works Circle, Sambalpur on behalf Odisha State Rural Roads Agency invites percentage (%) bids through e_procurement from eligible class of experienced bidders for construction of roads and CD works including maintenance for 5 years of Rural Roads under Pradhan Mantri Gram Sadak Yojana PMGSY-III, Batch-I.

| | | | |
|---|---|---|---|
| 1 | Name of work | : | Construction of road and CD works including five year maintenance under PMGSY-III, Batch-I Package No. OR-03-245 |
| 2 | Class of contractor | : | 'A' and 'B' class |
| 3 | No. of packages | : | 1 No. of Package |
| 4 | Estimated cost | : | Approx. 206.24 lakh (Information in DTCN will be final) |
| 5 | Bid submission fee | : | Rs.10,000/- (Non-refundable) per set of package |
| 6 | Mode of submission of tender | : | Only through online in website www.pmgsytenders.gov.in |
| 7 | Summary of key dates are provided below: | | |

| Procurement Officer | Bid Identification No. | Availability of tender online for bidding | | Last date & time for seeking clarification | Last date and time of submission of origianl documents | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical bid | Financial bid |
| Chief Construction Engineer, Rural, Works Circle, Sambalpur | PMGSY- Online- RWCSBP- 37 / 2021-22 | 21.12.2021 from 11.00 A.M. | 04.01.2022 upto 05.00 P.M. | 30.12.2021 upto 5.00 P.M. | 06.01.2022 by 5.00 P.M. | 05.01.2022 at 11.00 A.M. | Will be intimated later |

* Special conditions: 1. EPF registration is mandatory before drawl of agreemtn. 2. Rate quoted by the contractor shall be excluding GST. 3. Origial bid security declaration form, bid submission fee and original affidavits should be submitted at the O/o Chief Construction Engineer, Rural Wroks Circle, Sambalpur or O/o Executive Engineer / Superintending Engineer of concern Rural Works Division. * Details can be seen from the e-procurement portal www.pmgsytenders.gov.in. * Subsequent modification / corrigendum / addendum if required shall be appeared in the website only.
OIPR-25091/11/0049/2122
Sd./- Chief Construction Engineer, Rural Works Circle, Sambalpur

**PANCHAYAT SAMITI, NUAGAON**
**Tender Call Notice No. 02/2021-22**
No. 3094 Dt.15/12/2021
1. The Block Development Officer, Nuagaon on behalf of Governor of Odisha invites percentage rates of bids for the following works as detailed below in the Table from ELIGIBLE contractors registered with the State Govt. and contractors of equivalent grade/Class registered with Central Govt. for execution of Civil works on production of definite proof from the appropriate Authority which agreement is to be drawn in P1 form. The bidders may submit bids for the following works.

| Sl. No. | Name of the work | Value of works in (Rs.) | Bid security EMD 1% (In Rs.) | Cost of tender paper | Period of completion | Class of contractors |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of Labour Room at Bahadajhola PHC of Nuagaon, Block for the year 2019-20 | 11,05,289.00 | 0 | 6000.00 | 6 (Six) calendar months | 'D' & 'C' class |
| 2 | New construction of PHC Building at PHC (N), Nuagaon under Nuagaon Block for the year 2021-22 (Composite) | 67,31,391.00 | 0 | 10000.00 | 6 (Six) calendar months | 'B' & 'A' Class |
| 3 | New construction of PHC Building at PHC (N) Jagannath Prasad under Nuagaon Block for the year 2021-22 (Composite) | 69,26,560.00 | 0 | 10000.00 | 6 (Six) celndar months | 'B' & 'A' Class |

2. Sale & Receipts of Bid documents consisting of plans, specification, the schedule of quantities and the set of terms and conditions of contract and other necessary documents can be obtained from this office from Dt.21.12.2021 to dt.05.01.2022 upto 05.30 PM in the office of the undersigned during the office hour every day except Sunday and public holidays, last date for receipt of the tender documents is Dt.06.01.2022 upto time 02.00 P.M.,The tender will be opened on the same day at 3:00 PM. Interested bidder may obtain further information at the same address and also for detailed term and condition please visit our website **www.nayagarh.nic.in**
Sd./- Block Development Officer, Nuagaon

**OFFICE OF THE EXECUTIVE ENGINEER**
**RWS&S DIVISION, BARIPADA**
Tel.No. 06792-254029, Fax No. 06792-259464,
E-Mail: eerwss_bpd@rediffmail.com, eerwss_bpd@ori.nic.in
**Govt. of Odisha e-procurement Notice**
**Bid Identification No.30 of 2021-22, Date: 11.12.2021**
No.O-1359:-
1. Nature of the work: Execution of Rural Piped Water Supply New Projects under different Blocks in Mayurbhanj district in Percentage rate. (11 Packages).
2. Estimated cost: 280.15 lakh to 402.60 lakhs.
3. Period of completion: 11 months.
4. Date and time of availability of bid document in portal: From 11 hour of 24.12.2021 to 10.01.2022 upto 17 hours.
5. Last date / time for receipt of bids in the portal: Both Technical & Financial bid for each Package upto 17 hours of 10.01.2022.
6. Name and address of the O.I.T.: Executive Engineer, RWS&S Division, Baripada.
7. Date & time for opening of tender: 11.01.2022 at 11.00 A.M.
8. Corrigendum and addendum if any shall only be published in the above website http://www.tenderodisha.gov.in

Further details can be seen from the e-procurement portal: "https://tendersodisha.gov.in"
Sd./- Executive Engineer, RWS&S Division, Baripada
OIPR-25014/11/0013/2122

## ୨ ବଡ଼ ରାଷ୍ଟ୍ରାୟତ୍ତ କମ୍ପାନୀ ଘରୋଇକରଣ

ଭାରତରେ ଶେଷ ଥର ପାଇଁ ହୋଇଥିବା ଘରୋଇକରଣର ପ୍ରାୟ ୨୦ ବର୍ଷ ପରେ ପୁଣି ଥରେ ୨ ବୃହତ୍ ରାଷ୍ଟ୍ରାୟତ୍ତ କମ୍ପାନୀର ଘରୋଇକରଣ ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଏହି ୨ କମ୍ପାନୀ ହେଲେ କ୍ଷତିରେ ଚାଲୁଥିବା ଜାତୀୟ ବିମାନ ସେବା ପ୍ରଦାନ ସଂସ୍ଥା 'ଏୟାର ଇଣ୍ଡିଆ' ଓ ତୈଳ ବିପଣନ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ) ପ୍ରମୁଖ। ନିକଟରେ ଟାଟା ଏୟାର ଇଣ୍ଡିଆକୁ କିଣି ନେଇଥିବା ବେଳେ ବିପିସିଏଲର ବିକ୍ରି ପ୍ରକ୍ରିୟା ସରକାରୀ ସ୍ତରରେ ଆରମ୍ଭ ହୋଇଛି। ଦେଶର ଏହି ତୈଳ କମ୍ପାନୀକୁ କ୍ରୟ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ୩ଟି କମ୍ପାନୀ ଆଗ୍ରହୀ ଥିବା ସୂଚନା ମିଳିଛି।

### ସଂକ୍ଷେପରେ

## ଲାଗୁ ହୋଇପାରେ ଶ୍ରମ ଆଇନ

**ନୂଆଦିଲ୍ଲୀ,୧୯।୧୨:** କେନ୍ଦ୍ର ସରକାର ୨୦୨୨ ଜାନୁୟାରୀରେ ୪ ଶ୍ରମ ଆଇନ (ୱେଜ୍ କୋଡ୍) ଲାଗୁ କରିବାକୁ ଯାଉଛନ୍ତି ବୋଲି ସୂଚନା ମିଳିଛି। ଏହି ନୂତନ ଆଇନ ଲାଗୁ ପାଇଁ ୧୫ରୁ ଅଧିକ ରାଜ୍ୟ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ ରାଜ୍ୟଗୁଡ଼ିକ ମଧ ସହମତି ପ୍ରକାଶ କଲା ପରେ ଏହା ଉପରେ ସରକାର ବିଚାର କରିବେ। ଯଦି ସବୁ କିଛି ହୋଇଯାଏ, ତା'ହେଲେ ଦେଶରେ ଆଗାମୀ ଆର୍ଥିକ ବର୍ଷ ସୁଦ୍ଧା ଉକ୍ତ ଆଇନ ଲାଗୁ ହୋଇ ଯାଇପାରେ। ଏହି ଆଇନ ଲାଗୁ ହେବା ପରେ କର୍ମଚାରୀଙ୍କ କାମ କରିବାର ଅଭ୍ୟାସ ସାଙ୍ଗକୁ ଅନେକ କିଛି ବଦଳିଯିବ ବୋଲି ଆକଳନ କରାଯାଉଛି। ଏଥିରେ ଦୈନିକ କାର୍ଯ୍ୟ ନିର୍ଘଣ୍ଟ ସମେତ ମାସିକ ଆୟରେ ମଧ ପରିବର୍ତ୍ତନ କରାଯିବ।

## ୪୦% ବୃଦ୍ଧି ଘଟିଛି ଟିକସ ଆଦାୟ

**ନୂଆଦିଲ୍ଲୀ,୧୯।୧୨:** ଚଳିତବର୍ଷ ଡିସେମ୍ବର ମଧଭାଗ ସୁଦ୍ଧା ଦେଶର ଆଭ୍ୟନ୍ତରୀଣ ପ୍ରତ୍ୟକ୍ଷ ଟିକସ ଆଦାୟ ୪୦% ବୃଦ୍ଧି ଘଟି ୯.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଫଳରେ ବଜେଟରେ ଆକଳନ କରାଯାଇଥିବା ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ସରକାର ଅଧିକ ପରିମାଣର ଟିକସ ସଂଗ୍ରହ କରିପାରନ୍ତି ବୋଲି ଆଶା କରାଯାଉଛି। ଚଳିତବର୍ଷର ଏପ୍ରିଲ-ଡିସେମ୍ବର ଅବଧି ମଧରେ ମୋଟାମୋଟି ଭାବେ ଟିକସ ଆଦାୟ ୪୮% ବୃଦ୍ଧି ଘଟି ୧୦.୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ୨୦୨୦-୨୧ରେ ସଂଗ୍ରହ କରାଯାଇଥିବା ମୋଟ ପ୍ରତ୍ୟକ୍ଷ ଟିକସ ତୁଳନାରେ ବର୍ତ୍ତମାନର ଆଦାୟ ପରିମାଣ ପ୍ରାୟ ୬୦%ରୁ ଅଧିକ ରହିଛି। ଗତବର୍ଷ କୋଭିଡ-୧୯ ଯୋଗୁ ସାରା ଦେଶର ଅର୍ଥନୀତି ବ୍ୟାପକ ପରିମାଣରେ ହ୍ରାସ ଘଟି ସଙ୍କଟ ଆଡ଼କୁ ଚାଲିଯାଇଥିଲା। ଏହା ଫଳରେ ସାରା ଦେଶରେ ନିଯୁକ୍ତି ହ୍ରାସ ସହ ଲୋକଙ୍କ ବେତନ କାଟ କରାଯାଇଥିଲା। ବର୍ତ୍ତମାନ ଅନେକ କ୍ଷେତ୍ରରେ ସୁଧାର ପରିଲକ୍ଷିତ ହୋଇଛି, ଫଳସ୍ୱରୂପ ଦେଶର ଅର୍ଥନୀତିରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି।

# ବଜେଟ ପରେ ବଦଳୁନାହିଁ ସ୍ୱାସ୍ଥ୍ୟସେବା

**ନୂଆଦିଲ୍ଲୀ,୧୯।୧୨**



- ନୀତି ଆୟୋଗ ଓ ଏମ୍‌ସର ରିପୋର୍ଟ
- ବିପଦରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ର

ଦେଶବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ପ୍ରତିବର୍ଷ ବଜେଟରେ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ହେଲେ ବାସ୍ତବରେ ଉକ୍ତ ଅର୍ଥ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ବିନିଯୋଗ ହେଉଛି, ସେ ସବୁ ବିଷୟରେ କାହା ପାଖରେ ସଠିକ ସୂଚନା ନାହିଁ। ଫଳରେ କୋଭିଡ୍ ସମୟରେ ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅସଲ ଚିତ୍ର ସମ୍ପର୍କରେ ଦେଶବାସୀ ଏପରିକି ସରକାର ଅବଗତ ହୋଇଛନ୍ତି। ଏଭଳି ସମୟରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଓ ନୀତି ଆୟୋଗଙ୍କ ଏକ ରିପୋର୍ଟ ଦେଶର ସ୍ୱାସ୍ଥ୍ୟସେବା ଅବ୍ୟବସ୍ଥାର ବାସ୍ତବ ସତକୁ ପରିପ୍ରକାଶ କରିଛି। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଚିକିତ୍ସା ଅଭାବ ଓ ଆବଶ୍ୟକତା ସମୟରେ ଚିକିତ୍ସା ନ ପାଇବା ଯୋଗୁ ୩୦%ରୁ ଅଧିକ ରୋଗୀ ମୃତ୍ୟୁଙ୍କ ହେଉଥିବା କୁହାଯାଇଛି। ନିକଟରେ ଦିଲ୍ଲୀ ଏମ୍‌ସ ଓ ନୀତି ଆୟୋଗ ଦେଶର ୨୯ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ବଡ଼ ହସ୍ପିଟାଲ ଓ ଜିଲା ହସ୍ପିଟାଲରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଏବଂ ବିଭିନ୍ନ ସୁବିଧା ପ୍ରଦାନକୁ ନେଇ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ରିପୋର୍ଟରେ ଏହିସବୁ ହସ୍ପିଟାଲମାନଙ୍କ ଜରୁରିକାଳୀନ ୱାର୍ଡକୁ ଆସିଥିବା ୩୦% ରୋଗୀ ଆବଶ୍ୟକ ସମୟରେ ଚିକିତ୍ସା ନ ପାଇ ମୃତ୍ୟୁମୁଖରେ ପଡିଥିବା ଜଣାପଡିଛି। ଏହା ଛଡା ଜରୁରିକାଳୀନ ବିଭାଗରେ ଅଧିକାଂଶ ଚିକିତ୍ସା ଅର୍ଥପେଡିକ୍ ସର୍ଜନଙ୍କ ଦ୍ୱାରା କରାଯାଉଛି। ସେହିପରି ଦୁର୍ଘଟଣା ଓ ସଡ଼କ ଦୁର୍ଘଟଣାରେ ଆହତ ରୋଗୀ ମଧ ଜରୁରିକାଳୀନ ଚିକିତ୍ସା ପ୍ରଦାନ ପରେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ସ୍ୱାସ୍ଥ୍ୟଗତ ଜଟିଳତା ଲାଗି ଆସୁଥିବା ରୋଗୀ ମଧ ଡାକ୍ତରଙ୍କ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଜଣାପଡିଛି। ଏତଦ୍‌ବ୍ୟତୀତ ଦେଶର ମାତ୍ର ୯% ହସ୍ପିଟାଲରେ ଜରୁରିକାଳୀନ ବିଭାଗରେ ଆବଶ୍ୟକ ଔଷଧ ଉପଲବ୍ଧ ରହୁଥିବା ବେଳେ ଅନ୍ୟ ହସ୍ପିଟାଲମାନଙ୍କରେ ରହୁନଥିବା ଜଣାପଡିଛି। ଏପରିକି ଅନେକ ହସ୍ପିଟାଲରେ ଟ୍ରମା ସର୍ଜନ ମଧ ନାହାନ୍ତି। ତେବେ ୯୧% ହସ୍ପିଟାଲରେ ଜରୁରିକାଳୀନ ସେବା ଯୋଗାଇବା ଲାଗି ଆମ୍ବୁଲାନ୍ସ ଉପଲବ୍ଧ ହେଉଥିବା ବେଳେ ଏଥିରୁ ୩୪% ଗାଡ଼ିରେ ପ୍ରଶିକ୍ଷିତ ଅର୍ଦ୍ଧ ଚିକିତ୍ସକୀୟ କର୍ମଚାରୀ ରହୁଛନ୍ତି। ରିପୋର୍ଟରେ ହସ୍ପିଟାଲଗୁଡ଼ିକ ଲାଗି ଜରୁରୀ ମେଡିସିନ ୱାର୍ଡ ଲାଗି ମଧ ପରାମର୍ଶ ଦିଆଯାଇଛି। ଏହି ରିପୋର୍ଟ ଅନୁସାରେ ଦେଶର ଅଧିକାଂଶ ଜରୁରିକାଳୀନ ମାମଲା ଏବେ ଘରୋଇ ହସ୍ପିଟାଲକୁ ଯାଉଛି। ଘରୋଇ ହସ୍ପିଟାଲମାନଙ୍କୁ ୩୧ରୁ ୩୯% ମାମଲା ପହଞ୍ଚୁଥିବା ବେଳେ ସରକାରୀ ହସ୍ପିଟାଲକୁ ମାତ୍ର ୧୯ରୁ ୨୪% ମାମଲା ପହଞ୍ଚୁଛି। ଦେଶର ହସ୍ପିଟାଲଗୁଡ଼ିକରେ ଉପଲବ୍ଧ ବେଡ୍ ମଧ୍ୟରୁ ମାତ୍ର ୩% ଜରୁରିକାଳୀନ ରୋଗୀଙ୍କ ଲାଗି ସଂରକ୍ଷିତ ରଖିବାକୁ ଏହା ପୂର୍ବରୁ ଏମ୍‌ସ ତାଙ୍କର ଏକ ରିପୋର୍ଟରେ ସୂଚିତ କରିଥିଲେ।

## ଫିକିର ଉପସଭାପତି ହେଲେ ଶୁଭ୍ରକାନ୍ତ ପଣ୍ଡା




**ନୂଆଦିଲ୍ଲୀ,୧୯।୧୨**

### ଶିଳ୍ପ ସଂଘର ନିର୍ବାଚନ

ଦେଶର ଶିଳ୍ପ ଓ ବାଣିଜ୍ୟ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଉଥିବା ସଂସ୍ଥା ଫେଡେରେଶନ ଅଫ ଇଣ୍ଡିଆନ୍ ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି ଇଣ୍ଡିଆ)ର ୯୪ତମ ବାର୍ଷିକ ଅଧିବେଶନ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଆୟୋଜିତ ହୋଇଥିବା ଫିକିର ବାର୍ଷିକ ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ 'ଫିକି'ର ସଭାପତି ଭାବେ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ମେହେଟ୍ଟା ମନୋନୀତ ହୋଇଛନ୍ତି। ସେହିଭଳି ଫିକି ଇଣ୍ଡିଆର ବରିଷ୍ଠ ଉପସଭାପତି ଭାବେ ଓଡ଼ିଆ ଶିଳ୍ପପତି ତଥା ଇମ୍ଫା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ନିର୍ବାଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଆଗାମୀ ଦିନରେ ଭାରତୀୟ ଉଦ୍ୟୋଗଜଗତର ବିକାଶ ପାଇଁ କାର୍ଯ୍ୟ କରିବେ। ବିଶେଷକରି ଓଡ଼ିଶା ଶିଳ୍ପାୟନରେ ରହିଥିବା ସମ୍ଭାବନାର ସଫଳ ରୂପାୟନରେ ତାଙ୍କର ଯୋଗଦାନ ରହିବ। ୧୯୯୩ରେ ପଣ୍ଡା ଇଣ୍ଡିଆନ୍ ମେଟାଲ ଆଣ୍ଡ ଫେରୋ ଆଲାୟଜ୍ (ଇମ୍ଫା)ରେ ଯୋଗଦାନ କରିଥିବା ବେଳେ ବର୍ତ୍ତମାନ ସେ ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ତୃତୀୟ ଭାରତୀୟ ଭାବେ ଆନ୍ତର୍ଜାତିକ ଚାମ୍ବର ଅଫ କମର୍ସର ଭାରତୀୟ ଚାପ୍ଟର ସଭାପତି (୨୦୧୭-୧୮) ଏବଂ ପ୍ୟାରିସସ୍ଥିତ ଇଣ୍ଟରନ୍ୟାଶନାଲ କ୍ରୋମିଅମ ଡେଭଲପ୍‌ମେଣ୍ଟ ଆସୋସିଏଶନ (ଆଇସିଡିଏ)ର ସଭାପତି (୨୦୧୩-୧୫) ଭାବେ କାର୍ଯ୍ୟ କରିଛନ୍ତି। ଆମେରିକାସ୍ଥିତ ବୋଷ୍ଟନ ବିଶ୍ୱବିଦ୍ୟାଳୟ କ୍ୱେଷ୍ଟ୍ରମ ସ୍କୁଲ ଅଫ ବିଜ୍‌ନେସ୍‌ରୁ ଫାଇନାନ୍ସ ଏବଂ ଅପରେଶନ ମ୍ୟାନେଜ୍‌ମେଣ୍ଟରେ ଶୁଭ୍ରକାନ୍ତ ସମ୍ମାନଜନକ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ଡ. ଅନୀଶ ଶାହ ସଂଘର ଉପସଭାପତି ହୋଇଛନ୍ତି।

## ଓଡିଏମ୍ ବିଜ୍‌ନେସ୍ ସ୍କୁଲର ଦୀକ୍ଷାନ୍ତ ସମାରୋହ




**ଭୁବନେଶ୍ୱର,୧୯।୧୨**

ରାଜ୍ୟର ଜଣାଶୁଣା ବି-ସ୍କୁଲ 'ଓଡିଏମ୍ ବିଜ୍‌ନେସ୍ ସ୍କୁଲ' ର ଦୀକ୍ଷାନ୍ତ ସମାରୋହ ଉତ୍ସବ ନିକଟରେ ସମାପନ ହୋଇଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସ୍ୱୟଂ ସତ୍ୟେନ୍ଦୁ ସମାରୋହରେ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ, ଓଡିଏମ୍- ବି' ସ୍କୁଲ୍‌ର ମହତ୍ ଲକ୍ଷ୍ୟ ଓ ଆଭିମୁଖ୍ୟ ହେଉଛି ଆମର ପ୍ରାଥମିକ ଦାୟିତ୍ୱ। ଉକ୍ତ ଲକ୍ଷ୍ୟ ପୂରଣ ସମ୍ବନ୍ଧରେ ସେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜୟ କୁମାର ସିଂହ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ସ୍ମରଣିକା ପ୍ରଦାନ କରିଥିଲେ। ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବି) ସନ୍ତୋଷ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳକାରଖାନା, ତକନିକି, ଶିଳ୍ପ, ମାନବ ସଂସାଧନ ଓ ବିତ୍ତୀୟ କ୍ଷେତ୍ରରେ ଉପଯୁକ୍ତ ବିକାଶ ପାଇଁ ଦକ୍ଷ ପ୍ରବନ୍ଧକମାନଙ୍କର ଆବଶ୍ୟକତା ସମ୍ବନ୍ଧରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡିଏମ୍. ବିଜ୍‌ନେସ୍ ସ୍କୁଲ୍‌ର ପ୍ରତିଷ୍ଠାତା ଓ ଅଧକ୍ଷ ଡକ୍ଟର ସତ୍ୟବ୍ରତ ମୀନକେତନ ଯୋଗ ଦେଇ ପ୍ରତିଷ୍ଠାନର ଦୀର୍ଘ ୧୧ବର୍ଷର ଗୌରବମୟ ସଫଳତା ସମ୍ପର୍କରେ ଅନୁଭୂତି ବର୍ଣ୍ଣନା କରିଥିଲେ। ସେହିଭଳି ଅନୁଷ୍ଠାନର ଛାତ୍ରୀଛାତ୍ର ତଥା ଅଧ୍ୟାପକମାନଙ୍କ ପାଖରେ ସେ କୃତଜ୍ଞତା ଜ୍ଞାପନ ସହିତ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ସେମାନଙ୍କର ଅମୂଲ୍ୟ ଯୋଗଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ସତ୍ୟବ୍ରତ ଭୂୟାଁ ପ୍ରତିଷ୍ଠାନର ସଫଳତା ଓ ଭବିଷ୍ୟତର ଯୋଜନାଗୁଡିକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରିଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଗୋବିନ୍ଦ ଚନ୍ଦ୍ର ଦାଶ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପହିଲାରୁ ବଢ଼ିବ ସ୍କୋଡାର ଦର

**ନୂଆଦିଲ୍ଲୀ,୧୯।୧୨**

ଦେଶର ପ୍ରମୁଖ ଅଟୋନିର୍ମାତା କମ୍ପାନୀ 'ସ୍କୋଡା' ଜାନୁୟାରୀ ପହିଲାରୁ ତା'ର ସମସ୍ତ ଗାଡ଼ି ଉପରେ ୩% ପର୍ଯ୍ୟନ୍ତ ଦର ବୃଦ୍ଧି କରିବ ବୋଲି ଜଣାପଡ଼ିଛି। ନିକଟରେ କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ବର୍ତ୍ତମାନ ବଜାରରେ କମ୍ପାନୀର କୁସାକ, କୋଡିଆକ୍, ଅକ୍ଟାଭିଆ ଭଳି ପ୍ରମୁଖ ଗାଡ଼ି ବିକ୍ରି ଜାରି ରହିଛି। ସ୍କୋଡା ଅଟୋର ବ୍ରାଣ୍ଡ ନିର୍ଦ୍ଦେଶକ ଜ୍ୟାକ୍ ହୋଲିସ୍ କହିଛନ୍ତି ଯେ, ଏହାର ଉତ୍ପାଦନ ଖର୍ଚ୍ଚଜନିତ ସମସ୍ୟାର ସମାଧାନ ପାଇଁ ଆମକୁ ଦର ବୃଦ୍ଧି କରିବାକୁ ପଡୁଛି। କୋଭିଡ୍ ପରଠାରୁ ଅଟୋଶିଳ୍ପରେ ଅନେକ ପ୍ରକାରର ସମସ୍ୟା ଦେଖାଦେଇଥିବା ବେଳେ ଇସ୍ପାତ, ଆଲୁମିନିୟମ, କପର ଏବଂ ଅନ୍ୟାନ୍ୟ ଧାତୁଗୁଡିକ ମହଙ୍ଗା ହୋଇଯାଇଛି। ଏହାର ସିଧା ପ୍ରଭାବ କମ୍ପାନୀଗୁଡ଼ିକ ଉପରେ ପଡ଼ିଛି। ଏହିଭଳି କିଛି ଗୁରୁତ୍ୱପୂର୍ଣ୍ଣ କାରଣ ଯୋଗୁ କମ୍ପାନୀ ଦର ବଢ଼ାଇବାକୁ ନିଷ୍ପତ୍ତି ନେଇଛି।

## ଉମରକୋଟରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଷ୍ଟୋର

**ଭୁବନେଶ୍ୱର,୧୯।୧୨**

TRENDS GET THEM TALKING

ସାରା ଦେଶରେ ନିଜର ବ୍ୟବସାୟିକ ଶାଖା ସମ୍ପ୍ରସାରଣ କରୁଥିବା ରିଲାଏନ୍ସ ରିଟେଲର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ' ଓଡ଼ିଶାର ନବରଙ୍ଗପୁର ଜିଲା ଉମରକୋଟ ସହରରେ ଶୁଭାରମ୍ଭ ହୋଇଛି। ନିକଟରେ ଉମରକୋଟ ସହରରେ ଟ୍ରେଣ୍ଡ୍‌ସ'ର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟନ ହୋଇଯାଇଛି। ୯୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଏହି ଷ୍ଟୋର ସହରବାସୀଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟ ସହିତ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ପ୍ରଦାନ କରୁଛି। ୩,୪୯୯ ଟଙ୍କାର କ୍ରୟ କରି ୧୯୯ ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। ସେହିଭଳି ୨,୯୯୯ ଟଙ୍କାର ସାମଗ୍ରୀ କ୍ରୟ ଉପରେ ଗ୍ରାହକମାନେ ୩୦୦୦ ଟଙ୍କା ମୂଲ୍ୟର କୁପନ୍ ମାଗଣାରେ ପାଇପାରିବେ। ଟ୍ରେଣ୍ଡ୍‌ସ ବାସ୍ତବରେ ଦେଶର ଫ୍ୟାଶନ କ୍ଷେତ୍ରରେ ଅନେକ କିଛି ବିକାଶ କରିଛି। ଏହା ଭାରତର ଗ୍ରାହକଙ୍କ ସହିତ ସମ୍ପର୍କ ସୁଦୃଢ଼ ସହ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର ୧, ଟିୟର ୨ ଭଳି ସହର ଏବଂ ଆହୁରି ଅନେକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି।

### ଫୁର୍‌ସତ୍

## ବୁର୍ଜ ଖଲିଫାରେ '୮୩'ର ଟ୍ରେଲର

**ଖୁସିରେ କାନ୍ଦି ପକାଇଲେ ଦୀପିକା**

**ମୁମ୍ବାଇ:** କବିର ଖାଁଙ୍କ ନିର୍ଦ୍ଦେଶିତ ଫିଲ୍ମ '୮୩'ର ଟ୍ରେଲର ଦର୍ଶକଙ୍କ ଏକ୍ସାଇଟମେଣ୍ଟକୁ ବଢାଇ ଦେଇଛି। ସମସ୍ତେ ଟ୍ରେଲର ଦେଖିବା ପରେ ଫିଲ୍ମ ନିଶ୍ଚୟ ହିଟ ହେବ ବୋଲି ମତ ଦେଉଛନ୍ତି। ଫିଲ୍ମର ଷ୍ଟାର କାଷ୍ଟ ଦୀପିକା ପାଦୁକୋନ, ରଣବୀର ସିଂ ବି ପ୍ରମୋଶନ ପାଇଁ ସବୁ ଶକ୍ତି ଲଗାଇ ଦେଇଛନ୍ତି। ନିକଟରେ ଦୁବାଇର ବୁର୍ଜ ଖଲିଫାରେ ୮୩ର ଟ୍ରେଲର ଦେଖାଯାଇଥିଲା। ଏହି ଅବସରରେ ଦୀପିକା, ରଣବୀର ଓ କବିର ଖାଁ ସେଠାରେ ଉପସ୍ଥିତ ଥିଲେ। ତେବେ ବୁର୍ଜ ଖଲିଫାରେ ଫିଲ୍ମର ଟ୍ରେଲର ଦେଖି ଦୀପିକା ଭାବପ୍ରବଣ ହୋଇ ପଡିଥିଲେ। ତାଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡିଥିଲା। ନିକଟରେ ସୋସିଆଲ୍ ମିଡିଆରେ ରଣବୀର ସିଂ ବୁର୍ଜ ଖଲିଫାରେ ଦେଖାଯାଇଥିବା ଟ୍ରେଲରର ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ଦୀପିକା ଇମୋଶନାଲ ନଜର ଆସିଛନ୍ତି, ଯେଉଁଥିରେ ତାଙ୍କ ଆଖିରୁ ଖୁସିର ଲୁହ ଝରିଯାଇଛି। ବୁର୍ଜ ଖଲିଫାରେ '୮୩'ର ଟ୍ରେଲର ଦେଖିବାକୁ ହଜାର ହଜାର ସଂଖ୍ୟାରେ ଲୋକ ଏକଜୁଟ ହୋଇଥିଲେ। ଏହି ଗ୍ରାଣ୍ଡ ଅକେଜନରେ ଫିଲ୍ମର କାଷ୍ଟ ଓ ପୂର୍ବତନ କ୍ରିକେଟର ସୁନିଲ ଗାଭାସ୍କର, କପିଲ ଦେବ ବି ଏହି ସ୍ୱତନ୍ତ୍ର ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ।



## ଶୁଟିଂସେଟ୍‌କୁ ଫେରିବେ କ୍ୟାଟ୍ରିନା



**ମୁମ୍ବାଇ:** ଭିକି କୌଶଲଙ୍କ ସହିତ ଜୀବନର ଦ୍ୱିତୀୟ ଇନିଂସ ଆରମ୍ଭ କରିବା ପରେ ପୁଣିଥରେ ଶୁଟିଂ ସେଟ୍‌କୁ ଫେରିବାକୁ ସଜବାଜ ହେଉଛନ୍ତି ବଲିଉଡ୍‌ର ଭର୍ସାଟାଇଲ୍ ଆକ୍ଟ୍ରେସ୍ କ୍ୟାଟ୍ରିନା କୈଫ୍। ହନିମୁନ୍ ଟ୍ରିପ୍‌ରୁ ଫେରିବା ପରେ ଭିକି ଶୁଟିଂ ସେଟ୍‌କୁ ଫେରିଛନ୍ତି। ଏହାପରେ କ୍ୟାଟ୍ରିନା ମଧ ଅଧାରେ ଅଟକିଥିବା ପ୍ରୋଜେକ୍ଟଗୁଡ଼ିକୁ ସାରିବା ଲାଗି ମନ ବଳାଇଛନ୍ତି। ସେ ଖୁବ୍‌ଶୀଘ୍ର ସଲମାନ ଖାନ୍‌ଙ୍କ ସହିତ ତାଙ୍କର ଅପ୍‌କମିଂ ଫିଲ୍ମ ଟାଇଗର-୩ର ଶୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି।

### ଜନ୍ମଦିନ ଶୁଭେଚ୍ଛା



(ସାହିଲ୍)

**ସାଇସ୍ୱରୂପ**

ୟୁନିଟ୍-୯, ଭୁବନେଶ୍ୱର

ଆଜି ତୋର ଜନ୍ମ ଦିନରେ ପ୍ରଭୁ ସତ୍ୟସାଇଙ୍କ ନିକଟରେ କାମନା ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

**ଶୁଭେଚ୍ଛା ସହ:** ଜେଜେବାପା, ଜେଜେମାଆ, ଅଜା, ଆଈ, ପାପା, ମାମା, ମାମୁ, ମାଇଁ, ମଉସା, ମାଉସୀ, ବଡ଼ପାପା, ବଡ଼ମାମା, ଦାଦା, ଖୁଡୀ, ଦିଦି, ଇସା, ସୋନୁ ଓ ପରିବାରବର୍ଗ ।

ଧ-୨୨୫୫୭

## ମନେ ପଡ଼ନ୍ତି

### ତୃତୀୟ ମାସିକ ଶ୍ରାଦ୍ଧ ଉପଲକ୍ଷେ



**୰ପ୍ରଭାତ ସୁନ୍ଦର ପାଣିଗ୍ରାହୀ**

ଆବିର୍ଭାବ: ୧୩।୦୮।୧୯୪୦
ତିରୋଧାନ: ୨୧।୦୯।୨୦୨୧

ତୁମେ ଛାଡ଼ି ଯାଇଥିବା ତୁମର ପରିବାର ଜ୍ୟେଷ୍ଠ ପୁତ୍ର: ଜୀତେନ୍, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠ ପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି/ନାତୁଣୀ: ରୀମା, ସିତୁନ୍, ପପ୍‌ଲି, ପୀୟୂଷ, ନିତୁ, ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମର ଆତ୍ମାର ସଦ୍‌ଗତି ହେଉ।

ଧ-୬୮୮୪

### ଶ୍ରଦ୍ଧାଞ୍ଜଳି

ତା ୨୦.୧୨.୨୧- ଦଶାହ
ସ୍ଥାନ: ବିନ୍ଦୁସାଗର



**୰ ବାବାଜୀ ତ୍ରିପାଠୀ**

ଶ୍ରୀରାମଚନ୍ଦ୍ରପୁର ଶାସନ, ସାକ୍ଷୀଗୋପାଳ

ଆବିର୍ଭାବ : ୨୫.୦୨.୧୯୩୫
ତିରୋଧାନ : ୧୧.୧୨.୨୦୨୧
(ମାର୍ଗଶୀର ମାସ, ଶୁକ୍ଳପକ୍ଷ, ଅଷ୍ଟମୀ ତିଥୀ)

ନନା, ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ନିମନ୍ତେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚରଣ କମଳରେ ଆନ୍ତର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ

ଧ-୫୯୮୮୫

## ବସୁଧୈବ କୁଟୁମ୍ବକମ୍ ଆଣେ ଏକତା



### ଅନ୍ତର୍ଜାତୀୟ ମାନବ ଏକତା ଦିବସ

ସମସ୍ତଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିଲେ ସମୃଦ୍ଧ ପୃଥିବୀ ଲକ୍ଷ୍ୟ ସମ୍ଭବ ହୋଇପାରିବ । ଏହାଦ୍ୱାରା ବସୁଧୈବ କୁଟୁମ୍ବକମ୍ ଲକ୍ଷ୍ୟ ପୂରଣ ହେବା ସହିତ ଲୋକଙ୍କ ମଧରେ ଭ୍ରାତୃତ୍ୱ ବନ୍ଧନ ସୁଦୃଢ଼ ହୋଇ ଏକତାଭାବ ବୃଦ୍ଧି ପାଇଥାଏ। ଗରିବ ଲୋକମାନଙ୍କର ବିଶ୍ୱସ୍ତରୀୟ ମୂଲ୍ୟବୋଧକୁ ଚିହ୍ନିବା ଏବଂ ବିଭିନ୍ନ ଦେଶରେ ଦାରିଦ୍ର୍ୟ ହ୍ରାସ କରିବା ବିଷୟରେ ବିକଶିତ ଦେଶଙ୍କୁ ଅବଗତ କରାଇବା ଏବଂ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ଏକତା ଦିବସ ପାଳନ କରାଯାଇଥାଏ । ୨୦୦୫ରେ ଜାତିସଂଘର ସାଧାରଣ ମହାସଭାରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏକତା ପାଣ୍ଠି ଗଠନ ଏବଂ ଏହାଦ୍ୱାରା ପୃଥିବୀର ବିଭିନ୍ନ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ସମସ୍ତଙ୍କ ପାଇଁ ଉତ୍ତମ ଭବିଷ୍ୟତକୁ ସୁଗମ କରିବା ଲାଗି ପରିକଳ୍ପିତ ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧମରେ ଦାରିଦ୍ର୍ୟ ତଥା ଅନ୍ୟାନ୍ୟ ପ୍ରତିବନ୍ଧକ ହଟାଇବାର ଉଦ୍ୟମ ସମ୍ପର୍କରେ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ ।ବିବିଧତାମୟ ପୃଥିବୀରେ ଏକତାକୁ ପାଳନ କରିବା ଲାଗି ଜାତିସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଏହି ଅବସରରେ ଆୟୋଜନ କରାଯାଇଥାଏ।

## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd
Navi Mumbai
www.dksfl.in
7684939383

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**FINANCE**
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତ ୬-୦ରେ ଜାପାନକୁ ହରାଇଲା



ଗୋଲ ସ୍କୋର କରିବାପରେ ଭାରତୀୟ ଖେଳାଳିମାନେ ଖୁସି ମନାଉଛନ୍ତି।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

**ଢାକା, ୧୯।୧୨ (ପି.ଟି.):** ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଗତଥରର ଚାମ୍ପିୟନ ଭାରତ ଏଥର ଅପରାଜେୟ ଭାବେ ରାଉଣ୍ଡ ରବିନ ପର୍ଯ୍ୟାୟ ଶେଷ କରିଛି। ରବିବାର ଅନୁଷ୍ଠିତ ଏହାର ଶେଷ ଲିଗ୍ ମ୍ୟାଚରେ ଭାରତ ୬-୦ ଗୋଲରେ ଜାପାନକୁ ହରାଇ ଦେଇଛି। ମୌଲାନା ଭସାନୀ ହକି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭାରତ ପକ୍ଷରୁ ହରମନପ୍ରୀତ ସିଂ ୧୦ ଓ ୫୩ତମ ମିନିଟରେ ୨ଟି ଏବଂ ଦିଲପ୍ରୀତ୍ ସିଂ ୨୩, ଜରମନପ୍ରୀତ ସିଂ ୩୪, ସୁମିତ ୪୬ ଓ ସମସେର ସିଂ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରି ସାରିଥିବା ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ୪ ମ୍ୟାଚରୁ ୩ ବିଜୟ ଓ ୧ ଡ୍ର ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି। ଦକ୍ଷିଣ କୋରିଆ ୪ ମ୍ୟାଚରୁ ୧ ବିଜୟ ଓ ୩ ଡ୍ର ଏବଂ ଜାପାନ ୧ ବିଜୟ, ୨ଡ୍ର ଓ ୧ ପରାଜୟ ସହ ୫ ପଏଣ୍ଟ ପାଇଛି। ଚଳିତ ଟୁର୍ନାମେଣ୍ଟରେ ଭାରତର ଏହାଥିଲା କ୍ରମାଗତ ତୃତୀୟ ବିଜୟ। ଦକ୍ଷିଣ କୋରିଆ ବିପକ୍ଷରେ ୨-୨ରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ମନପ୍ରୀତ ସିଂଙ୍କ ଦଳ ପରେ ବାଂଲାଦେଶକୁ ୯-୦, ପାକିସ୍ତାନକୁ ୩-୧ ଓ ଜାପାନକୁ ୬-୦ ଗୋଲରେ ପରାସ୍ତ କରିଛି।

ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଜାପାନ ବିପକ୍ଷରେ ଦମ୍‌ଦାର ବିଜୟ ଭାରତୀୟ ଦଳର ମନୋବଳକୁ ଦୃଢ଼ କରିଛି। ସବୁ ବିଭାଗରେ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ପ୍ରଥମ ୬ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ତାହା ମିସ୍ ହୋଇଥିଲା। ଜାପାନ ମଧ୍ୟ ଗୋଟିଏ ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ୧୦ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଡ୍ରାଗ୍‌ଫ୍ଲିକ୍ ଜରିଆରେ ହରମନପ୍ରୀତ ଗୋଲରେ ପରିଣତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୫ମ ମିନିଟରେ ଜାପାନକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଭାରତ ରେଫରାଲ ମାଗିବାରୁ ଟିଭି ଅମ୍ପାୟର ଏହାକୁ ନାକଚ କରି ଦେଇଥିଲେ। ୨୩ତମ ମିନିଟରେ ମନଦୀପ ସିଂ, ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଓ ଦିଲପ୍ରୀତ ମିଳିତଭାବେ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ଶେଷରେ ଦିଲପ୍ରୀତ୍ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ୩୪ତମ ମିନିଟରେ ଜରମନପ୍ରୀତ ସିଂ ଗୋଲ ଦେଇ ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଅଗ୍ରଣୀକୁ ୩-୦ରେ ପରିଣତ କରିଥିଲେ। ୩୬ତମ ମିନିଟରେ ଜାପାନ ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ଗୋଲକିପର ସୁରଜ କରକେରା ତାହାକୁ ଚମତ୍କାରଭାବେ ସେଭ୍ କରିଥିଲେ। ଶେଷ କ୍ୱାର୍ଟରରେ ୩ଟି ଗୋଲ ହୋଇଥିଲା। ସୁମିତ, ହରମନପ୍ରୀତ ଓ ସମସେର ସିଂ ଏହାକୁ ଗୋଲରେ ପରିଣତ କରି ଭାରତକୁ ବୃହତ୍ ବ୍ୟବଧାନରେ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜାପାନ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ଭାରତର ଦୃଢ଼ ରକ୍ଷଣଭାଗ ତାହାକୁ ହେବାକୁ ଦେଇ ନ ଥିଲେ।

# ଅଷ୍ଟ୍ରେଲିଆନ ଓପନରୁ ଓହରିଲେ ଜେନିଫର

**ମେଲବୋର୍ନ, ୧୯।୧୨ (ଏପି):** ଆହତ ହୋଇଥିବାରୁ ଜେନିଫର ବ୍ରାଡି ସଦ୍ୟତମ ଖେଳାଳି ଭାବେ ଆସନ୍ତା ମାସରେ ଖେଳାଯିବାକୁଥିବା ଅଷ୍ଟ୍ରେଲିଆନ ଓପନ୍ ଟେନିସ ଚାମ୍ପିୟନଶିପ୍ ଓ ଦୁଇଟି ୱାର୍ମଅପ୍ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ବାମପାଦରେ ଆଘାତ ଲାଗିଥିବାରୁ ୨୦୨୧ ଫାଇନାଲିଷ୍ଟ ଏଥର ଟୁର୍ନାମେଣ୍ଟରେ ଭାଗ ନେଉ ନ ଥିବା ଅଷ୍ଟ୍ରେଲିଆନ ଓପନ ଅଫିସିଆଲ ପ୍ରକାଶ କରିଛନ୍ତି। ଗତବର୍ଷ ମେଲବୋର୍ନ ପାର୍କରେ ଏହି ଇଭେଣ୍ଟରେ ପଦାର୍ପଣ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିବା ୨୫ତମ ର୍‍ୟାଙ୍କିଂପ୍ରାପ୍ତ ବ୍ରାଡି ସିଧାସଳଖ ସେଟ୍‌ରେ ନାଓମି ଓସାକାଙ୍କଠାରୁ ହାରିଯାଇଥିଲେ। ଆମେରିକାର ଏହି ୨୬ ବର୍ଷୀୟା ଖେଳାଳି ଅଗଷ୍ଟରେ ସିନ୍‌ସିନାଟିଠାରେ ଜେଲେନା ଓଷ୍ଟାପେଙ୍କୋଙ୍କ ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚର ଅଧାରୁ ବାଧ୍ୟତାମୂଳକ ରିଟାୟର୍ଡ ପରଠାରୁ କୌଣସି ପ୍ରତିଯୋଗିତାମୂଳକ ଟେନିସ ଖେଳିନାହାନ୍ତି। ବ୍ରାଡିଙ୍କ ପୂର୍ବରୁ ବିଶ୍ୱର ଚତୁର୍ଥ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି କାରାଲିନା ପ୍ଲିସ୍‌କୋଭା ଗୁରୁବାର ଅଷ୍ଟ୍ରେଲିଆନ ଓପନରୁ ଓହରିଯାଇଥିବା ଘୋଷଣା କରିଥିଲେ। ଏକ ପ୍ରାକ୍ଟିସ ସେସନ ବେଳେ ତାଙ୍କ ଡାହାଣ ହାତରେ ଆଘାତ ଲାଗିଥିଲା। ଚଳିତ ମାସ ପ୍ରାରମ୍ଭରେ ମାନସିକ ଦୁଶ୍ଚିନ୍ତା କାରଣରୁ ପ୍ରତିଯୋଗିତାରେ ସେ ଭାଗ ନେଉ ନ ଥିବା କାନାଡାର ବାଏଙ୍କା ଆଣ୍ଡ୍ରେସ୍କୁ ସୂଚନା ଦେଇଥିଲେ।

# ବିଜୟ ପଥରେ ଅଷ୍ଟ୍ରେଲିଆ



ସ୍ଲିପ୍‌ରେ ଇଂଲଣ୍ଡର ରୋରି ବର୍ନ୍ସଙ୍କ କ୍ୟାଚ ନେଉଛନ୍ତି ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ୍।

**ଆଡିଲେଡ୍, ୧୯।୧୨ (ଏପି)**

ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେଷ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ରେକର୍ଡ ୪୮୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଜବାବରେ ଭ୍ରମଣକାରୀ ଦଳ ରବିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ମାତ୍ର ୮୨ ରନ କରି ସଙ୍କଟରେ ପଡ଼ିଛି। ଆଉଟ ହୋଇଥିବା ବ୍ୟାଟରମାନଙ୍କ ମଧ୍ୟରେ ରହିଛନ୍ତି ଦୁଇ ଓପନର ରୋରି ବର୍ନ୍ସ (୩୪ ରନ), ହସିବ ହମିଦ (୦), ଅଧିନାୟକ ଜୋ ରୁଟ୍ (୨୪) ଓ ଦାଭିଦ ମଲାନ (୨୦)। ଝେ ରିଚାର୍ଡସନ ୨ଟି ଉଇକେଟ ନେଇଥିବା ବେଳେ ମାଇକେଲ ନେସେର ଓ ମିଚେଲ ଷ୍ଟାର୍କ ଗୋଟିଏ ଲେଖାଏ ଉଇକେଟ ସଫଳତା ପାଇଛନ୍ତି। ରବିବାର ପୂର୍ବଦିନର ଅସମାପ୍ତ ସ୍କୋର ୪୫/୧ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଚତୁର୍ଥ ଦିବସ ଖେଳ ମିଡଲ ସେସନରେ ୨୩୦/୯ରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ପ୍ରଥମ ଇନିଂସ ସେଞ୍ଚୁରିଅନ ମାର୍ନସ ଲାବୁସେନ୍ ଓ ଟ୍ରାଭିସ୍ ହେଡ୍ ଦଳର ଟପ୍ ସ୍କୋରର ଥିଲେ। ଉଭୟେ ୫୧ ରନ ଲେଖାଏ ସ୍କୋର କରିଥିଲେ। କାମେରନ ଗ୍ରୀନ୍ ୩୩ ରନ କରି ଅପରାଜିତ ରହିଥିଲେ। ମ୍ୟାଚ ଜିତିବା ଲାଗି ଇଂଲଣ୍ଡ ଆହୁରି ୩୮୬ରନ ଆବଶ୍ୟକ କରୁଛି। ଭ୍ରମଣକାରୀ ଦଳ ହାତରେ ଆଉ ୬ଟି ଉଇକେଟ ଓ ଗୋଟିଏ ଦିନର ଖେଳ ବାକି ରହିଛି। ଇଂଲଣ୍ଡ ପକ୍ଷେ ବର୍ତ୍ତମାନ ଏହା ଅସମ୍ଭବ ମନେ ହେଉଛି। ଦଳ ଯଦିବା ସଫଳ ହୁଏ ତେବେ ଏକ ଟେଷ୍ଟ ମ୍ୟାଚର ଚତୁର୍ଥ ଇନିଂସରେ ସର୍ବାଧିକ ବିଜୟ ଲକ୍ଷ୍ୟ ଚେଜ୍ କରିବାରେ ଏକ ନୂଆ ରେକର୍ଡ କରିବ। ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଏହି ରେକର୍ଡର ଅଧିକାରୀ ଅଛି। ଦଳ ୨୦୦୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ୪୧୮/୭ ସ୍କୋର କରି ମ୍ୟାଚରେ ବିଜୟ ଲାଭ କରିଥିଲା। ଆଡିଲେଡ୍‌ରେ ଚତୁର୍ଥ ଇନିଂସରେ ସର୍ବାଧିକ ରନ୍ ଚେଜ୍ କରିବା ରେକର୍ଡ ଅଷ୍ଟ୍ରେଲିଆ ନାମରେ ରହିଛି। ଦଳ ୧୯୦୧-୦୨ରେ ଇଂଲଣ୍ଡ ବିପକ୍ଷରେ ୩୧୫/୬ ସ୍କୋର କରି ମ୍ୟାଚ ଜିତି ଥିଲା।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୭୩

**ଇଂଲଣ୍ଡ ପ୍ରଥମ ଇନିଂସ:** ୨୩୬

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୩୦/୯, ଘୋଷଣା (ଲାବୁସେନ-୫୧, ହେଡ୍-୫୧, ଗ୍ରୀନ୍-୩୩*; ଓଲି ରବିନସନ-୨/୫୪, ରୁଟ୍-୨/୨୭, ମଲାନ-୨/୩୩)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୮୨/୪ (ରୋରି ବର୍ନ୍ସ-୩୪, ଅଧିନାୟକ ଜୋ ରୁଟ୍ (୨୪) ଓ ଦାଭିଦ ମଲାନ (୨୦), ଝେ ରିଚାର୍ଡସନ-୨/୧୭)।

# ରାଜ୍ୟସ୍ତରୀୟ ଚେସ୍ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୧୯।୧୨:** ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୦ ବର୍ଷରୁ କମ୍ ବାଳକ ଓପନ ଓ ବାଳିକା ରାଜ୍ୟସ୍ତରୀୟ ମନୋନୟନ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାକୁ ରାଜ୍ୟ ଚେସ୍ ସଂଘ ସଭାପତି ରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ଶିଳ୍ପ ଉଦ୍ୟୋଗୀ ଗଙ୍ଗାଧର ସାମଲ ଉପସ୍ଥିତ ଥିଲେ। ଜିଲା ସଭାପତି ଶାନ୍ତନୁ କୁମାର ସର ସଭାପତିତ୍ୱ କରିଥିଲେ। ବାଳକ ବର୍ଗରେ ୩୧ ଜଣ ଓ ବାଳିକା ବର୍ଗରେ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ୩ ରାଉଣ୍ଡ ଖେଳ ଶେଷ ହୋଇଛି। ଏଥିରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ଜାନୁୟାରୀ ୯ ରୁ ୧୫ ଯାଏ ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ।



ପୁରୁଷ ସିଙ୍ଗଲ୍ସ ରୌପ୍ୟ ବିଜେତା ଭାରତର କିଡାମ୍ବି ଶ୍ରୀକାନ୍ତ, ସ୍ୱର୍ଣ୍ଣ ବିଜେତା ସିଙ୍ଗାପୁରର ଲୋ କିନ୍ ୟେ ଏବଂ ବ୍ରୋଞ୍ଜ ବିଜେତା ଡେନ୍‌ମାର୍କର ଆଣ୍ଡର୍ସ ଆଣ୍ଟନସେନ୍ ଓ ଭାରତର ଲକ୍ଷ୍ୟ ସେନ୍।

# ଶ୍ରୀକାନ୍ତଙ୍କୁ ରୌପ୍ୟ ପଦକ

**ହୁଏଲ୍‌ଭା (ସ୍ପେନ୍), ୧୯।୧୨ (ଏପି)**

**ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍**

ସ୍ପେନର ହୁଏଲ୍‌ଭାଠାରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର କିଡାମ୍ବି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସରେ ରୌପ୍ୟ ପଦକ ପାଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ସିଙ୍ଗାପୁରର ଲୋ କିନ୍ ୟେଙ୍କଠାରୁ ୧୫-୨୧, ୨୦-୨୨ରେ ହାରିଯାଇଥିଲେ। ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିବାରେ ୨୮ ବର୍ଷୀୟ ଶ୍ରୀକାନ୍ତ ପ୍ରଥମ ପୁରୁଷ ଭାରତୀୟ ଖେଳାଳି। ପୂର୍ବରୁ କିମ୍ବଦନ୍ତୀ ପ୍ରକାଶ ପାଦୁକୋନ୍ (୧୯୮୩), ବି. ସାଇ ପ୍ରଣିଥ୍ (୨୦୧୯) ଓ ଲକ୍ଷ୍ୟ ସେନ୍ ( ଏହି ସଂସ୍କରଣ) କେବଳ ବ୍ରୋଞ୍ଜ ପଦକ ଲାଭ କରିବାରେ ସମର୍ଥ ହୋଇଥିଲେ। ଏଠାରେ ସେମିଫାଇନାଲରେ ଲକ୍ଷ୍ୟଙ୍କୁ ପରାସ୍ତ କରି ଶ୍ରୀକାନ୍ତ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ଅକାନେ ୟାମାଗୁଚି ମହିଳା ସିଙ୍ଗଲ୍ସ ଟାଇଟଲ ସହ ସ୍ୱର୍ଣ୍ଣ ଜିତିଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ଜାପାନର ବ୍ୟାଡ୍‌ମିଣ୍ଟନ ଖେଳାଳି ୨୧-୧୪, ୨୧-୧୧ରେ ବିଶ୍ୱର ନମ୍ବର ୱାନ ଚାଇନିଜ ତାଇପେର ତାଇ ଜୁ ୟିଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ଟାଇଟଲ ଜିତିବାରେ ସେ ଦ୍ୱିତୀୟ ଜାପାନିଜ ମହିଳା ଖେଳାଳି। ଅନ୍ୟପକ୍ଷରେ ଡେଚାପଲ ପୁଆଭାରାନୁକ୍ରୋ ଓ ସାପ୍‌ସିରିତାଏରାତାନାଚାଇ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେମାନେ ୨୧-୧୩, ୨୧-୧୪ରେ ଜାପାନିଜ ଯୋଡ଼ି ୟୁଟା ୱାଟାନାବେ ଓ ଆରିସା ହିଙ୍ଗାସିନୋଙ୍କୁ ପରାସ୍ତ କରିଥିଲେ।




# ଭାରତର ନେତୃତ୍ୱ ନେବେ ୟାଶ

**ନୂଆଦିଲ୍ଲୀ, ୧୯।୧୨ (ପି.ଟି.):** ଜାନୁୟାର ୧୪ରୁ ଫେବୃୟାରୀ ୫ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜରେ ୧୯ ବର୍ଷରୁ କମ୍ ଆଇସିସି କ୍ରିକେଟ ବିଶ୍ୱକପ୍ ହେବ। ଦିଲ୍ଲୀ ବ୍ୟାଟର ୟାଶ ଧୂଲ ୧୭ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତରଫରୁ ରବିବାର ଘୋଷଣା କରାଯାଇଛି। ୪ଥର ବିଜେତା ଭାରତ ଗ୍ରୁପ୍ ବି'ରେ ଦକ୍ଷିଣ ଆଫ୍ରିକା, ଆୟର୍ଲାଣ୍ଡ ଓ ଉଗାଣ୍ଡା ସହ ସ୍ଥାନ ପାଇଛି। ଆନ୍ଧ୍ରର ଏସ୍.କେ. ରସିଦଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତି ମିଳିଛି। ଧୂଲ ହେଉଛନ୍ତି ଜଣେ ଡାହାଣହାତୀ ମିଡ୍‌ଲ ଅର୍ଡର ବ୍ୟାଟର। ଚଳିତବର୍ଷ ପ୍ରଥମ ଭାଗରେ ଅନୁଷ୍ଠିତ ଭିନୁ ମଙ୍କଡ ଟ୍ରଫିରେ ସେ ଜଣେ ଅଗ୍ରଣୀ ରନ ସଂଗ୍ରହକାରୀ ବ୍ୟାଟର ଥିଲେ। ସେ ଦିଲ୍ଲୀ ଡିଷ୍ଟ୍ରିକ୍ଟ ଆଣ୍ଡ କ୍ରିକେଟ ଆସୋସିଏଶନ (ଡିଡିସିଏ) ତରଫରୁ ଖେଳି ୭୫.୫୦ ଆଭରେଜରେ ମୋଟ ୩୦୨ରନ ସଂଗ୍ରହ କରିଥିଲେ।

**୧୯ବର୍ଷରୁ କମ୍ ବିଶ୍ୱକପ୍**

୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ୧୬ଟି ଦଳକୁ ନେଇ ହେବ। ଚାରୋଟି ଦେଶ ମିଳିତ ଭାବେ ଟୁର୍ନାମେଣ୍ଟର ଆୟୋଜକ ହୋଇଛନ୍ତି। ସେମାନେ ହେଲେ ଆଣ୍ଟିଗୁଆ ଓ ବରମୁଡା, ଗୁୟାନା, ସେଣ୍ଟକିଟ୍ସ ଓ ନେଭିସ ଏବଂ ତ୍ରିନାଦାଦ ଓ ଟୋବାଗୋ। ୧୦ଟି ଭେନ୍ୟୁରେ ମୋଟ ୪୮ଟି ମ୍ୟାଚ ଖେଳାଯିବ। ଭାରତ ସବୁଠାରୁ ସଫଳ ଦଳ ହିସାବରେ ଏହି ଟୁର୍ନାମେଣ୍ଟରେ ୨୦୦୦, ୨୦୦୮, ୨୦୧୨ ଓ ୨୦୧୮ରେ ୪ଥର ଟାଇଟଲ ଜିତିଛି। ଦଳ ଆହୁରି ମଧ୍ୟ ୨୦୧୬ ଏବଂ ନ୍ୟୁଜିଲାଣ୍ଡରେ ୨୦୨୦ ସଂସ୍କରଣରେ ରନର୍ସ ଅପ୍ ହୋଇଛି।

**ଭାରତୀୟ ଦଳ:** ୟାଶ ଧୂଲ (ଅଧିନାୟକ), ହାର୍ନୁର ସିଂ, ଅଙ୍ଗକ୍ରିଶ ରଘୁବଂଶୀ, ଏସ୍.କେ. ରସିଦ୍ (ଉପଅଧିନାୟକ), ନିଶାନ୍ତ ସିନ୍ଧୁ, ସିଦ୍ଧାର୍ଥ ଯାଦବ, ଅନିଶ୍ୱର ଗୌତମ, ଦୀନେଶ ବାନା (ଉଇକେଟକିପର), ଆରାଧ୍ୟ ଯାଦବ (ଉଇକେଟକିପର), ରାଜ ଅଙ୍ଗଦ ବାୱା, ମାନବ ପ୍ରକାଶ, କୌଶଲ ଟାମ୍ବେ, ଆର.ଏସ୍. ହାଙ୍ଗରଗେକର, ବସୁ ବସ୍ତ, ଭିକି ଓସୱାଲ, ରବିକୁମାର, ଗର୍ବ ସାଙ୍ଗୱାନ। **ଷ୍ଟାଣ୍ଡବାଇ ଖେଳାଳି:** ରିଶିତ ରେଡ୍ଡୀ, ଉଦୟ ସହରନ, ଅଂଶ ଗୋସାଇ, ଅମ୍ରିତ ରାଜ ଉପାଧ୍ୟାୟ, ପି.ଏମ୍. ସିଂ ରାଠୋର୍।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଡିସେମ୍ବର ୨୦/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Monday, December 20/2021 | ପୃଷ୍ଠା-୧



**କିମ୍‌ଙ୍କ ଭଉଣୀଙ୍କୁ ପଦୋନ୍ନତି**

ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କ ଭଉଣୀ କିମ୍ ୟୋ ଜୋଙ୍ଗ୍‌ଙ୍କୁ ୱାର୍କର୍ସ ପାର୍ଟି ସେଣ୍ଟ୍ରାଲ କମିଟିର ପଲିଟିକାଲ ବ୍ୟୁରୋ ସଦସ୍ୟ ଭାବେ ପଦୋନ୍ନତି ମିଳିଛି।

୦୨

୦୮

**ରାହୁଲ ବୋଷଙ୍କୁ ନୂଆ ଦାୟିତ୍ୱ**

ଅଭିନେତା ରାହୁଲ ବୋଷ ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ବା ରଗ୍‌ବୀ ଇଣ୍ଡିଆର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି।



# କେରଳରେ ୨ ନେତାଙ୍କୁ ହତ୍ୟା

## ପରସ୍ପର ଉପରେ ଦୋଷ ଲଦିଲେ ଭାଜପା-ଏସ୍‌ଡିପିଆଇ

ଥିରୁଭାନନ୍ତପୁରମ୍,୧୯।୧୨



ରେଜନିଥ ଶ୍ରୀନିବାସନ  କେ.ଏସ୍. ଶାନ୍

କେରଳର ଆଲାପୁଝାରେ ୧୨ ଘଣ୍ଟା ଭିତରେ ୨ ଜଣ ନେତାଙ୍କୁ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ନେତା ଦ୍ୱୟ ହେଲେ ଭାଜପାର ରେଜନିଥ ଶ୍ରୀନିବାସନ ଓ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ)ର କେ.ଏସ୍. ଶାନ୍। ଏହି ରାଜନୈତିକ ହତ୍ୟା ପାଇଁ ଭାଜପା ଏବଂ ଏସ୍‌ଡିପିଆଇ ପରସ୍ପର ଉପରେ ଦୋଷ ଲଦିଛନ୍ତି।

ଏସ୍‌ଡିପିଆଇ ରାଜ୍ୟ ସମ୍ପାଦକ ଶାନ୍ ଶନିବାର ରାତିରେ ବାଇକ୍‌ରେ ନିଜ ଘରକୁ ଯାଉଥିବାବେଳେ କାର୍‌ରେ ଏକ ଗ୍ୟାଙ୍ଗ୍ ଆସି ତାଙ୍କୁ ଅଟକାଇଥିଲେ। ସେମାନେ ଶାନ୍‌ଙ୍କ ବାଇକ୍‌କୁ ଧକ୍କା ଦେଇ ତାଙ୍କୁ ଛୁରାମାଡ଼ କରିଥିଲେ। ତାଙ୍କୁ କୋଚି ହସ୍ପିଟାଲକୁ ନିଆଯାଇଥିବାବେଳେ ମଧ୍ୟରାତ୍ରିରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାର ୧୨ ଘଣ୍ଟା ନ ବିତୁଣୁ ରବିବାର ଭୋର ସମୟରେ ଦୁର୍ବୃତ୍ତମାନେ ଭାଜପା ଓବିସି ୟୁନିଟ୍ ସମ୍ପାଦକ ତଥା ଆଇନଜୀବୀ ରେଜନିଥ ଶ୍ରୀନିବାସନଙ୍କ ଘରେ ପଶି ମା' ଓ ☞ପୃଷ୍ଠା-୬

# ଖିଅ ପାଉନି କ୍ରାଇମ୍‌ବ୍ରାଞ୍ଚ

ପୁରୀ ଅଫିସ,୧୯।୧୨

- **ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ପିଏ ଚିତ୍ତରଞ୍ଜନ ମୃତ୍ୟୁ ଘଟଣା**
- **ବ୍ୟବଚ୍ଛେଦ ରିପୋର୍ଟ ଆସିଲା, ଜଗନ୍ନାଥଙ୍କ ଲାଏ ଡିଟେକ୍ସନ ଚର୍ଚ୍ଚା**



ଚିତ୍ତରଞ୍ଜନ ପଲେଇ

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଚିତ୍ତରଞ୍ଜନ ପଲେଇ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତକୁ ୫ଦିନ ପୂରିଲାଣି। ମାତ୍ର ଏପର୍ଯ୍ୟନ୍ତ ଘଟଣା ଉପରୁ ପରଦା ହଟିପାରିନାହିଁ। ବାସ୍ତବରେ ଏହା ହତ୍ୟା ନା ଦୁର୍ଘଟଣା ତାହାକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି। ଶନିବାର କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଘଟଣାସ୍ଥଳ ଅନୁଧ୍ୟାନ କରି ଅଭିଯୁକ୍ତମାନଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରାଯିବା ନେଇ ସୂଚନା ଦେଇଥିଲେ। ଏହାପରେ ଚିତ୍ତରଞ୍ଜନଙ୍କ ମୁଖ୍ୟ ସହଯୋଗୀ ଜଗନ୍ନାଥ ଷଡ଼ଙ୍ଗୀଙ୍କୁ ଭୁବନେଶ୍ୱର ନିଆଯାଇ ଲାଏ ଡିଟେକ୍ସନ୍ ଟେଷ୍ଟ କରାଯାଇଥିବା ଜଣାପଡ଼ିଛି। ସେହିଭଳି ବ୍ୟବଚ୍ଛେଦ ରିପୋର୍ଟ ଆସି ପହଞ୍ଚିଛି। ମାତ୍ର ଏ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ। ଇତିମଧ୍ୟରେ ଫରେନ୍ସିକ୍ ଟିମ୍ ସହ କ୍ରାଇମବ୍ରାଞ୍ଚ ଟିମ୍ ଦୁଇ ଥର ଗଡ଼ମୃଗଶିରା ନୂଆଗାଁସ୍ଥିତ ଘଟଣାସ୍ଥଳ ଅନୁଧ୍ୟାନ କରିସାରିଲାଣି। ମାତ୍ର ଏପର୍ଯ୍ୟନ୍ତ ଏକ ନିଷ୍କର୍ଷରେ ପହଞ୍ଚି ପାରୁନାହିଁ। ☞ପୃଷ୍ଠା-୬

# ଶୀତରେ ଥରୁଛି ଉତ୍ତର ଭାରତ

- **ରାଜସ୍ଥାନରେ ବିୟୁକ୍ତ ୩.୩ ଡିଗ୍ରୀ**
- **ଦିଲ୍ଲୀରେ ପାରଦ ୪.୬° ସେଲ୍‌ସିୟସ୍**



ନୂଆଦିଲ୍ଲୀ, ୧୯।୧୨

ଉତ୍ତର ଭାରତରେ ପ୍ରବଳ ଶୀତ ଲହରି ଜାରି ରହିଛି। ଶନିବାର ରାଜସ୍ଥାନର ଫତେପୁର ଏବଂ ଚୁରୁରେ ତାପମାତ୍ରା ଶୂନ ଡିଗ୍ରୀ ତଳକୁ ଖସିଯାଇଥିଲା। ସିକର ଜିଲାର ଫତେପୁରରେ ତାପମାତ୍ରା ବିୟୁକ୍ତ ୩.୩ ଡିଗ୍ରୀରେ ପହଞ୍ଚିଥିବାବେଳେ ପଡୋଶୀ ଚୁରୁରେ ପାରଦ ବିୟୁକ୍ତ ୧.୧ ଡିଗ୍ରୀ ସେଲ୍‌ସିୟସ୍ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜୟପୁରରେ ସକାଳର ତାପମାତ୍ରା ୪.୯ ଡିଗ୍ରୀ ଥିଲା, ଯାହାକି ଡିସେମ୍ବର ମାସର ସ୍ୱାଭାବିକ ତାପମାତ୍ରାଠାରୁ ୪ ଡିଗ୍ରୀ କମ୍। ଜାତୀୟ ରାଜଧାନୀ ଦିଲ୍ଲୀରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ☞ପୃଷ୍ଠା-୬

## ୧୨ ଡିଗ୍ରୀ ତଳେ ରାଜ୍ୟର ୯ ସହର

### ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୮.୫

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ଶୀତରେ ଥରୁଛି ଓଡ଼ିଶା। ଦକ୍ଷିଣରୁ ପଶ୍ଚିମ, ଉପକୂଳରୁ ଆଭ୍ୟନ୍ତର ସବୁଠି ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଦିନ ତମାମ କୋହଲା ପବନ ବହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ଶୁଷ୍କ ଥଣ୍ଡା ବାୟୁ ପ୍ରବାହିତ ହେବା ଫଳରେ ରାଜ୍ୟରେ ପାରଦ ଖସୁଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଆଗାମୀ ୩-୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ଆଉ ଏହି ସମୟରେ ରାଜ୍ୟରେ ତାପମାତ୍ରା ସାଧାରଣଠାରୁ ୨ରୁ ୩ ଡିଗ୍ରୀ କମ୍ ରହିବ। ସେପଟେ ରବିବାର ରାଜ୍ୟର ୯ଟି ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି। ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୮.୫ ଡିଗ୍ରୀ ସେଲ୍‌ସିୟସ ରହିଛି। ସେହିପରି ବଲାଙ୍ଗୀର ୯, କୋରାପୁଟ ୯.୫, ଫୁଲବାଣୀ ୯.୫, ସୁନ୍ଦରଗଡ଼ ୧୦, ସୋନପୁର ୧୦.୮, ଟିଟିଲାଗଡ଼ ୧୦.୮, ଝାରସୁଗୁଡ଼ା ୧୧.୨, ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ରହିଥିବାବେଳେ ନୟାଗଡ଼ ଓ ତାଳଚେର ୧୨, ମାଲକାନଗିରି ୧୨.୫, କେନ୍ଦୁଝର ୧୨.୬, ଚାନ୍ଦବାଲି ୧୩.୬, ବାଲେଶ୍ୱର ୧୪, କଟକ ୧୫, ଭୁବନେଶ୍ୱର ୧୫.୧, ପାରଳାଖେମୁଣ୍ଡି ୧୫, ଗୋପାଳପୁର ୧୫.୯, ପୁରୀ ୧୭.୬, ଅନୁଗୋଳ ୧୪, ବାରିପଦା ୧୪, ସମ୍ବଲପୁର ୧୩.୭, ହୀରାକୁଦ ୧୩.୨, ବୌଦ୍ଧ ୧୫, ଛତ୍ରପୁର ୧୫ ଓ ପାରାଦୀପରେ ୧୬.୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।





ନିଶା କାରବାର, ଅସ୍ତ୍ରଶସ୍ତ୍ର ଚାଲାଣ, ଜାଲ୍ ନୋଟ ଓ ଅନୁପ୍ରବେଶ ଭଳି ବେଆଇନ କାର୍ଯ୍ୟ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ଆଗରେ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଫରେନ୍‌ସିକ୍ ସାଇନ୍ସ ସହାୟତାରେ ଅପରାଧର ଦଣ୍ଡପ୍ରଦାନ ହାର ବୃଦ୍ଧି ସହ ଅନେକ କିଛି ସଫଳତା ହାସଲ କରାଯାଇପାରିବ।
-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ଖାଦ୍ୟରେ ବିଷକ୍ରିୟା

### ଫକ୍ସକନ୍‌ର ୧୫୦ କର୍ମଚାରୀ ହସ୍ପିଟାଲରେ ଭର୍ତ୍ତି

**ଚେନ୍ନାଇ, ୧୯।୧୨:** ଆପଲ୍ କମ୍ପାନୀର ଆଇଫୋନ୍ ତିଆରି କରୁଥିବା ଫକ୍ସକନ୍ ଇଣ୍ଡିଆ ୟୁନିଟ୍‌ର ହଷ୍ଟେଲରେ ପରିବେଷିତ ଖାଦ୍ୟରେ ବିଷକ୍ରିୟା ଯୋଗୁ ୧୫୦ ଜଣରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାର ପ୍ରତିବାଦରେ ଶହ ଶହ କର୍ମଚାରୀ ଓ ସେମାନଙ୍କ ସମ୍ପର୍କୀୟମାନେ ଚେନ୍ନାଇ-ବେଙ୍ଗାଲୁରୁ ଜାତୀୟ ରାଜପଥକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ କରିଥିଲେ। ରାସ୍ତା ଅବରୋଧ କରିଥିବା ୭୦ ମହିଳା ଓ ୨୨ ପୁରୁଷଙ୍କୁ ପୋଲିସ ଅଟକ ରଖିଛି।

### ଏନ୍‌କାଉଣ୍ଟରରେ ଲଶ୍କର କମାଣ୍ଡର ନିହତ

**ଶ୍ରୀନଗର, ୧୯।୧୨(ଆଇଏଏନ୍‌ଏସ୍):** ଜମ୍ମୁ-କଶ୍ମୀରର ଶ୍ରୀନଗର ଜିଲା ଉପକଣ୍ଠରେ ରବିବାର ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଲଶ୍କର-ଇ-ତୋଇବା ସଂଗଠନର ଶୀର୍ଷ କମାଣ୍ଡର ସୈଫୁଲ୍ଲା ଓରଫ ଅବୁ ଖଲିଦ ନିହତ ହୋଇଛନ୍ତି। ହରୱାନ୍ ଅଞ୍ଚଳରେ ଏହି ଏନ୍‌କାଉଣ୍ଟର ହୋଇଥିବା କଶ୍ମୀର ପୋଲିସ ଆଇଜି ବିଜୟ କୁମାର କହିଛନ୍ତି। ପାକିସ୍ତାନର କରାଚୀ ବାସିନ୍ଦା ଖଲିଦ ୨୦୧୬ରୁ ହରୱାନ୍-ଧାରା ବେଲ୍ଟରେ ଆତଙ୍କବାଦୀ କାର୍ଯ୍ୟରେ ସକ୍ରିୟ ରହିଥିଲେ। ଏହି ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ହରୱାନ୍ ଅଞ୍ଚଳରେ ଥିବା ଖବର ପାଇ ପୋଲିସ ଓ ସିଆର୍‌ପିଏଫ୍‌ର ମିଳିତ ଟିମ୍ ରବିବାର ଭୋର ସମୟରେ ତଲାସି ଅଭିଯାନ ଆରମ୍ଭ କରିଥିଲା। ଖଲିଦ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା।

### ବଳାତ୍କାର ମାମଲାରେ ଗଡ୍‌ମ୍ୟାନ ଗିରଫ



**ଚେନ୍ନାଇ, ୧୯।୧୨(ଆଇଏଏନ୍‌ଏସ୍):** ଜଣେ ମହିଳା ଭକ୍ତଙ୍କୁ ବଳାତ୍କାର କରିବା ଅଭିଯୋଗରେ ଆତ୍ମଘୋଷିତ ଗଡ୍‌ମ୍ୟାନ ସାଥିୟା ନାରାୟଣନନ ଗିରଫ ହୋଇଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ସ୍ତ୍ରୀ ପୁଷ୍ପଲତା ସହାୟତା କରୁଥିଲେ। ଏଥିସହ ଗଡ୍‌ମ୍ୟାନ ପୀଡ଼ିତାଙ୍କ ଆପତ୍ତିଜନକ ଫଟୋ ସଂଗ୍ରହ କରି କାହାକୁ ଅଭିଯୋଗ କଲେ ଉକ୍ତ ଫଟୋ ସାଧାରଣରେ ପ୍ରକାଶ କରିଦେବେ ବୋଲି ଧମକ ଦେଇଥିଲେ। ଅଭିଯୁକ୍ତ ସାଥିୟା ଓ ତାଙ୍କ ସ୍ତ୍ରୀଙ୍କର ଚେନ୍ନାଇରେ 'ଶିରିଡିପୁରମ ସର୍ବଶକ୍ତି ପୀଠମ୍ ସାଇ ବାବା କୋଇଲ' ନାମରେ ଏକ ମନ୍ଦିର ରହିଛି। ପୀଡ଼ିତା ଦ୍ୱାଦଶ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ଜେଜେମା'ଙ୍କ ସହ ଉକ୍ତ ମନ୍ଦିରକୁ ଅନେକ ସମୟରେ ଆସୁଥିଲେ। ୨୦୧୬ ଏପ୍ରିଲ ୧୨ରେ ସେ ଏକାକୀ ମନ୍ଦିର ଯାଇଥିବାବେଳେ ପୁଷ୍ପଲତା ତାଙ୍କୁ ନିଶା ଜୁସ୍ ପିଇବାକୁ ଦେଇଥିଲେ। ପରେ ସାଥିୟା ଓ ପୁଷ୍ପଲତା ଉକ୍ତ ଛାତ୍ରୀଙ୍କୁ ଉଲଗ୍ନ କରି ଫଟୋ ନେବା ସହ ସାଥିୟା ବଳାତ୍କାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିବା ତାମିଲନାଡୁ ପୋଲିସ କହିଛି।

### ଫିଲିପାଇନ୍ସ ବାତ୍ୟା ମୃତ୍ୟୁସଂଖ୍ୟା ୧୧୩

**ମାନିଲା, ୧୯।୧୨:** ଫିଲିପାଇନ୍ସରେ ବାତ୍ୟା ମୃତ୍ୟୁସଂଖ୍ୟା ରବିବାର ସୁଦ୍ଧା ୧୧୩ରେ ପହଞ୍ଚିଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଗୁରୁବାର ଓ ଶୁକ୍ରବାର ପ୍ରଳୟଙ୍କରୀ ବାତ୍ୟା ରାଇ ପ୍ରଭାବରେ ଉପକୂଳ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି। ବହୁ ଘରଦ୍ୱାର ଭାଙ୍ଗିଥିବାବେଳେ ଗଛ ପଡ଼ି ଓ ଖୁଣ୍ଟ ଉପୁଡ଼ି ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି। ବାତ୍ୟା ପୂର୍ବରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏହା ସତ୍ତ୍ୱେ କେନ୍ଦ୍ରୀୟ ଫିଲିପାଇନ୍ସର ବୋହୋଲ ପ୍ରଦେଶରେ ଅନ୍ୟୁନ ୭୨ ଜଣଙ୍କ ଜୀବନ ଯାଇଛି। ଅନ୍ୟ ଅଞ୍ଚଳରେ ୩୧ ଜଣଙ୍କ ମୃତ୍ୟୁ ଘଟିଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ ଭାଗରେ ଥିବା ଡିନାଗାଟ ଆଇଲାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଅଧିକାଂଶ ମୃତ୍ୟୁ ଗଛ ପଡ଼ିବା କାରଣରୁ କିମ୍ବା ପାଣିରେ ବୁଡ଼ିଯିବା ଯୋଗୁ ହୋଇଛି। ବାତ୍ୟା ରାଇ ୯ ଥର ଲ୍ୟାଣ୍ଡଫଲ୍ କରିଥିଲା। ଏହା ଦ୍ୱାରା ୩ଟି ପ୍ରଦେଶ ଏବଂ ଡିନାଗାଟ ଦ୍ୱୀପପୁଞ୍ଜରେ ବ୍ୟାପକ କ୍ଷୟକ୍ଷତି ହୋଇଛି।

# ପଞ୍ଜାବରେ ଆଉ ଜଣଙ୍କୁ ପିଟି ହତ୍ୟା



କପୁରଥାଲାରେ ହତ୍ୟା ଶିକାର ହୋଇଥିବା ଯୁବକ।



ଲିଞ୍ଚିଂ ପରେ ସ୍ୱର୍ଣ୍ଣମନ୍ଦିର ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା।

**ଅମୃତସର/କପୁରଥାଲା, ୧୯।୧୨**

ପଞ୍ଜାବ ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିରରେ ଉତ୍ତ୍ୟକ୍ତ ଲୋକେ ଜଣକୁ ପିଟି ମାରିଦେବା ଘଟଣାର ୨୪ ଘଣ୍ଟା ନ ପୂରୁଣୁ କପୁରଥାଲା ଜିଲାରେ ଅନ୍ୟ ଜଣେ ଯୁବକଙ୍କୁ ପିଟି ହତ୍ୟା କରିଛନ୍ତି। ସ୍ୱର୍ଣ୍ଣ ମନ୍ଦିରରେ ଶନିବାର ସନ୍ଧ୍ୟାରେ ପ୍ରାର୍ଥନା ଚାଲିଥିବା ବେଳେ ଯୁବକ ଜଣକ ରେଲିଂ ଡେଇଁ ମନ୍ଦିର ମଧ୍ୟରେ ପ୍ରବେଶ କରି ଗୁରୁଗ୍ରନ୍ଥ ସାହିବା ସମ୍ମୁଖରେ ଥିବା ଖଣ୍ଡାକୁ ଛୁଇଁବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଗୁରୁଗ୍ରନ୍ଥ ସାହିବାକୁ ଅସମ୍ମାନ ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ଯୁବକଙ୍କୁ ପିଟି ପିଟି ମାରିଦେଇଥିଲେ। ସେହିପରି ରବିବାର ଭୋର ସମୟରେ କପୁରଥାଲା ଜିଲା ଅନ୍ତର୍ଗତ ନିଜାମପୁର ଗ୍ରାମର ଜଣେ ଯୁବକ ଗୁରୁଦ୍ୱାରରେ ପ୍ରବେଶ କରି ନିଶାନ ସାହିବ (ଶିଖ୍ ପତାକା) ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହି ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ନିଜ ହେପାଜତକୁ ନେଇଯାଇଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି ଗୁରୁଦ୍ୱାରରେ ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ଜେରା କରିବା ଲାଗି ପୋଲିସ ଉପରେ ଚାପ ପକାଇଥିଲେ। ପୋଲିସ ତାଙ୍କୁ ନ ଛାଡ଼ିବାରୁ ଲୋକେ ଧସ୍ତାଧସ୍ତି କରିବା ସହ ଅଭିଯୁକ୍ତଙ୍କୁ ନେଇଯାଇ ପିଟି ମାରିଦେଇଥିଲେ। ଗୁରୁଦ୍ୱାର କେୟାରଟେକର ଅମରଜିତ୍ ସିଂଙ୍କ କହିବା ଅନୁଯାୟୀ, ସେ ଭୋର ୪ଟାରେ ପ୍ରାର୍ଥନା ପାଇଁ ଆସିବା ସମୟରେ ଅଭିଯୁକ୍ତ ଯୁବକ ଜଣକ ନିଶାନ ସାହିବକୁ ଚୋରି କରୁଥିବା ଦେଖିଥିଲେ। ସେ ଅନ୍ଧାରରେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଅନ୍ୟମାନେ ତାଙ୍କୁ ଧରିନେଇଥିଲେ। ପଚରା ଉଚରା ବେଳେ ତାଙ୍କୁ ଦିଲ୍ଲୀରୁ ପଠାଯାଇଥିଲା ବୋଲି ଅଭିଯୁକ୍ତ ଯୁବକ କହିଥିବା ଜଣାପଡ଼ିଛି।

### ସ୍ୱର୍ଣ୍ଣମନ୍ଦିର ଲିଞ୍ଚିଂ ମାମଲାର ଏସ୍‌ଆଇଟି ତଦନ୍ତ

ଅନ୍ୟପକ୍ଷରେ ଶନିବାର ସ୍ୱର୍ଣ୍ଣମନ୍ଦିର ଲିଞ୍ଚିଂ ମାମଲାର ତଦନ୍ତ ପାଇଁ ଆଇନ ଶୃଙ୍ଖଳା ବିଭାଗ ଡିସିପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧୱା କହିଛନ୍ତି। ଉକ୍ତ ଟିମ୍ ୨ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବ। ଶ୍ରୀ ଦରବାର ସାହିବର ଅପବିତ୍ରକରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣା ପଛରେ କାହାର ଷଡ଼ଯନ୍ତ୍ର ରହିଛି, ତାହା ଜାଣିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ରାନ୍ଧୱା କହିଛନ୍ତି। ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ରବିବାର ସ୍ୱର୍ଣ୍ଣ ମନ୍ଦିର ଗସ୍ତ କରିବା ସହ ଲୋକମାନଙ୍କୁ ଶାନ୍ତ ହେବା ଲାଗି ପରାମର୍ଶ ଦେଇଛନ୍ତି। ସବୁ ଧର୍ମର ଉପାସନା ସ୍ଥଳକୁ ସମ୍ମାନ ଦେବା ସହ ସୁରକ୍ଷା ଯୋଗାଇଦେବାକୁ ଓ ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ରାଜ୍ୟରେ ଶାନ୍ତି ଭଙ୍ଗ ପାଇଁ କେତେକ ତତ୍ତ୍ୱ ଏଭଳି କାର୍ଯ୍ୟ କରୁଛନ୍ତି। ଏହାର ତଦନ୍ତ କରାଯାଉଛି ବୋଲି ଚନ୍ନି ଗଣମାଧ୍ୟମକୁ କହିଛନ୍ତି।

### କିମ୍‌ଙ୍କ ଭଉଣୀଙ୍କୁ ପଦୋନ୍ନତି



**ସିଓଲ,୧୯।୧୨**

ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କ ପ୍ରଭାବଶାଳୀ ଭଉଣୀ କିମ୍ ୟୋ ଜୋଙ୍ଗ୍ ଉଚ୍ଚ ପଦକୁ ଉନ୍ନୀତ ହୋଇଥିବା ନେଇ ଦେଶର ଏକ ସରକାରୀ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପୂର୍ବତନ ଶାସକ କିମ୍ ଜୋଙ୍ଗ୍ ଇଲ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୱାର୍କର୍ସ ପାର୍ଟି ସେଣ୍ଟ୍ରାଲ କମିଟିର ପଲିଟିକାଲ ବ୍ୟୁରୋ ସଦସ୍ୟମାନଙ୍କ ସହ କୋରିଆନ୍ ସେଣ୍ଟ୍ରାଲ ନ୍ୟୁଜ୍ ଏଜେନ୍ସି କିମ୍ ୟୋ ଜୋଙ୍ଗ୍‌ଙ୍କୁ ସ୍ଥାନ ଦେଇଛି। ବ୍ୟୁରୋର ୮ ଜଣିଆ ସଦସ୍ୟ ଟିମ୍‌ରେ ତାଙ୍କୁ ସାମିଲ କରାଯାଇଥିବା ଏଥିରେ ଉଲ୍ଲେଖ କରାଯାଇଛି। କିମ୍ ୟୋ ଜୋଙ୍ଗ୍ ବର୍ତ୍ତମାନ ଷ୍ଟେଟ୍ ଆଫେୟାର୍ସ କମିଟି ସଦସ୍ୟ ଏବଂ ଶାସକ ଦଳର ଭାଇସ୍ ଡିପାର୍ଟମେଣ୍ଟ ଡାଇରେକ୍ଟର ଅଛନ୍ତି।

### କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚା

**ହାଭେରି, ୧୯।୧୨**

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବଦଳିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ରବିବାର ନିଜ ନିର୍ବାଚନ ମଣ୍ଡଳୀ ଶିଗାଓଁରେ ଦେଇଥିବା ଆବେଗଭରା ଭାଷଣରୁ ଏଭଳି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଶ୍ୱରେ ପଦବୀ ଓ ପ୍ରତିଷ୍ଠା ସମେତ କିଛି ସ୍ଥାୟୀ ନୁହେଁ, ଏପରିକି ଜୀବନ ମଧ୍ୟ ସବୁଦିନ ରହିବ ନାହିଁ ବୋଲି ବୋମାଇ କହିଥିଲେ। ଏଭଳି ସ୍ଥିତିରେ ଆମେ କେତେଦିନ ଏଠାରେ ରହିବା ତାହା ଜଣାନାହିଁ। ପ୍ରତି ମୁହୂର୍ତ୍ତରେ ସେ ଏଥିପ୍ରତି ସଚେତନ ଥିବା କହିଛନ୍ତି। ନିଜ ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କୁ କୃତଜ୍ଞତା ଜଣାଇବା ସହ ସେ ସେମାନଙ୍କ ନିକଟରେ ସବୁବେଳେ ବାସବରାଜ ଭାବେ ପରିଚିତ, ମୁଖ୍ୟମନ୍ତ୍ରୀ ନୁହନ୍ତି ବୋଲି କହିଥିଲେ। ଊନବିଂଶ ଶତାବ୍ଦୀରେ କିତ୍ତୁରର ରାଣୀ ଚେନାମ୍ମାଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିବା ଅବସରରେ ବୋମାଇ ଏକ ଜନସଭାକୁ ସମ୍ବୋଧିତ କରିଥିଲେ।

## ନେଦରଲାଣ୍ଡସ୍‌ରେ ୧୪ ଯାଏ ଲକ୍‌ଡାଉନ

**ଆମଷ୍ଟରଡାମ୍, ୧୯।୧୨**



ନେଦରଲାଣ୍ଡସ୍‌ରେ ଓମିକ୍ରନ୍ ସଂକ୍ରମଣ ବଢୁଥିବାରୁ ଏହାକୁ ରୋକିବା ଲାଗି ସରକାର ସେଠାରେ ଜାନୁୟାରୀ ମଧ୍ୟଭାଗ ପର୍ଯ୍ୟନ୍ତ ଲକ୍‌ଡାଉନ୍ କଟକଣା ଲଗାଇଛନ୍ତି। ରବିବାରଠାରୁ ଜାନୁୟାରୀ ୧୪ ପର୍ଯ୍ୟନ୍ତ ନେଦରଲାଣ୍ଡସ୍‌ରେ ସମସ୍ତ ଅଣଅତ୍ୟାବଶ୍ୟକ ସାମଗ୍ରୀ ବ୍ୟବସାୟ ପ୍ରତିଷ୍ଠାନ, ବାର୍, ରେଷ୍ଟୁରାଣ୍ଟ ବନ୍ଦ ରଖିବା ଲାଗି କାମଚଳା ପ୍ରଧାନମନ୍ତ୍ରୀ ମାର୍କ ରୁଟେ ଘୋଷଣା କରିଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ଜାନୁୟାରୀ ୯ ପର୍ଯ୍ୟନ୍ତ ବନ୍ଦ ରହିବ। ଏହି ସମୟରେ ଉତ୍ସବ ସମାବେଶକୁ ବାରଣ କରାଯାଇଛି। ଖ୍ରୀଷ୍ଟମାସ ଏବଂ ନୂଆବର୍ଷ ପାଳନରେ ୪ ଜଣଙ୍କୁ ଏକାଠି ହେବା ଲାଗି ଅନୁମତି ଦିଆଯାଇଥିବାବେଳେ ଅନ୍ୟାନ୍ୟ ଘରୋଇ ଉତ୍ସବରେ ୨ ଜଣଙ୍କୁ ଅନୁମତି ମିଳିଛି। ଓମିକ୍ରନ୍ ନେଦରଲାଣ୍ଡସ୍‌ରେ ସଂକ୍ରମଣର ପଞ୍ଚମ ଲହର ଆଣିବା ସମ୍ଭାବନା ସୃଷ୍ଟି ହୋଇଛି।

ବ୍ରିଟେନ୍ ସମେତ ବିଭିନ୍ନ ୟୁରୋପୀୟ ରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଫ୍ରାନ୍ସ, ସାଇପ୍ରସ୍, ଅଷ୍ଟ୍ରିଆ ଆଦି ଦେଶ ଯାତାୟାତରେ କଟକଣା ଲଗାଇଛନ୍ତି। ପ୍ୟାରିସ୍ ନୂଆବର୍ଷରେ ଆତସବାଜି କାର୍ଯ୍ୟକ୍ରମକୁ ବାତିଲ କରିଛି। ସେହିପରି ଡେନ୍‌ମାର୍କରେ ଥିଏଟର, କନସର୍ଟ ହଲ୍, ପ୍ରମୋଦ ଉଦ୍ୟାନ ଓ ମ୍ୟୁଜିୟମକୁ ବନ୍ଦ କରିଦିଆଯାଇଛି। ଆୟରଲାଣ୍ଡରେ ରାତି ୮ଟା ପରେ ପବ୍ ଏବଂ ବାର୍ ଉପରେ କର୍ଫ୍ୟୁ ଜାରି ହୋଇଥିବାବେଳେ ସୀମିତ ଲୋକରେ ଇନ୍‌ଡୋର ଏବଂ ଆଉଟ୍‌ଡୋର କାର୍ଯ୍ୟକ୍ରମ ଆୟୋଜନ ପାଇଁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୮୯ ଦେଶକୁ ଓମିକ୍ରନ୍ ବ୍ୟାପିଲାଣି। ଗୋଷ୍ଠୀ ସଂକ୍ରମଣ ଅଞ୍ଚଳରେ ୧.୫ରୁ ୩ ଦିନ ମଧ୍ୟରେ ସଂକ୍ରମଣ ଦୁଇଗୁଣ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଥିଲା।



ଲକ୍ଷ୍ନୌ ପ୍ରାଣୀ ଉଦ୍ୟାନ ଏନ୍‌କ୍ଲୋଜର ଭିତରେ ରବିବାର ଶୀତୁଆ ସକାଳରେ ବାଘଟି ଖେଳୁଛି।

## ତିହାର ଜେଲରେ ସୁକେଶଙ୍କୁ ଭେଟିଥିଲେ ୧୨ ଅଭିନେତ୍ରୀ

**ନୂଆଦିଲ୍ଲୀ, ୧୯।୧୨**



■ଜେଲ କର୍ମଚାରୀଙ୍କୁ ମାସକୁ କୋଟିଏ ଟଙ୍କା ଲାଞ୍ଚ ଦେଉଥିଲେ ଠକ ବ୍ୟବସାୟୀ

■ନିଜକୁ ପିଏମ୍‌ଓ ଅଧିକାରୀ ପରିଚୟ ଦେଇଥିଲେ

କୋଟିପତି ଠକ ବ୍ୟବସାୟୀ ସୁକେଶ ଚନ୍ଦ୍ରଶେଖର ତିହାର ଜେଲରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୂତ୍ରରୁ ଜଣାପଡ଼ିଛି। ସେ ଜେଲରୁ ବଟି ଆଦାୟ ର୍ୟାକେଟ ଚଳାଉଥିଲେ। ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ସମେତ ଏକାଧିକ ମାମଲାରେ ତଦନ୍ତର ସମ୍ମୁଖୀନ ହୋଇଥିବା ସୁକେଶ ତିହାର ଜେଲ ଅଧିକାରୀମାନଙ୍କୁ ମାସିକ ୧ କୋଟି ଟଙ୍କା ଉତ୍କୋଚ ଦେଉଥିଲେ। ଏଥିପାଇଁ ତାଙ୍କୁ ବିଳାସପୂର୍ଣ୍ଣ ଜୀବନ ବିତାଇବା ଓ ମହିଳା ଗେଷ୍ଟମାନଙ୍କୁ ଭେଟିବାର ସୁଯୋଗ ମିଳୁଥିଲା। ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ ଫର୍ଣ୍ଣାଣ୍ଡିଜ୍, ନୋରା ଫତେହିଙ୍କ ସମେତ ୧୨ ଜଣ ଅଭିନେତ୍ରୀ ଓ ସୁପର ମଡେଲ ଜେଲରେ ସୁକେଶଙ୍କୁ ଭେଟିଥିବା ଜଣାପଡ଼ିଛି।

ପ୍ରଲୋଭନ ଦେଖାଇ ଲୋକଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇ ସେମାନଙ୍କୁ ଠକିବା ସୁକେଶଙ୍କ ପେସା। ସେ ୨୦୨୦ ଜୁନ୍‌ରୁ ୨୦୨୧ ମେ' ମଧ୍ୟରେ ରାନବାକ୍ସିର ପୂର୍ବତନ ମାଲିକ ଶିବିନ୍ଦର ସିଂଙ୍କ ସ୍ତ୍ରୀ ଅଦିତି ସିଂଙ୍କଠାରୁ ୨୦୦ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଦିଲ୍ଲୀର ତିହାର ଜେଲରେ ଥିବା ସୁକେଶଙ୍କ ବିରୋଧରେ ଇଡି ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଛି। ସୁକେଶ ଏବଂ ଅଦିତିଙ୍କ ଭଉଣୀ ଅରୁନ୍ଧତୀ ଖାନ୍ନାଙ୍କୁ ଇଡି ଜେରା ପରେ କେତେକ ତଥ୍ୟ ସାମନାକୁ ଆସିଛି। ଅରୁନ୍ଧତୀଙ୍କ ସୂଚନା ଅନୁଯାୟୀ ସୁକେଶ ନିଜକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ସ୍ୱତନ୍ତ୍ର ଡ୍ୟୁଟିରେ ଥିବା ଅଧିକାର ଅଭିନବ ବୋଲି ପରିଚୟ ଦେବା ସହ ଆୟକର ବିଭାଗ, ଗୋଇନ୍ଦା ବ୍ୟୁରୋ ଏବଂ ଆଇନ ବିଭାଗର ପ୍ରମୁଖ ଅଧିକାରୀମାନେ ତାଙ୍କ ଅଧୀନରେ ବୋଲି କହିଥିଲେ। ସୁକେଶ ମୋବାଇଲ ଆପ୍ଲିକେଶନ ଏବଂ ଭଏସ୍ ମଡ୍ୟୁଲେଶନ ସଫ୍ଟୱେର ସହାୟତାରେ ବିଭିନ୍ନ ବରିଷ୍ଠ ଅଧିକାରୀମାନଙ୍କ ସ୍ୱରରେ ଅଦିତିଙ୍କୁ ଫୋନ୍ କରୁଥିଲେ। ଗିରଫ ହୋଇଥିବା ତାଙ୍କ ସ୍ୱାମୀଙ୍କୁ ଜାମିନ ମଞ୍ଜୁର କରାଇଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଆଦାୟ କରୁଥିଲେ। ୨୦୦୭ରୁ ସୁକେଶ ଲୋକଙ୍କୁ ଠକି ଟଙ୍କା ଆଦାୟ କରିବା କାର୍ଯ୍ୟ କରିଆସୁଛନ୍ତି।

### ୧୫୦ ଟପିଲା ଓମିକ୍ରନ୍ ସଂକ୍ରମଣ

**ନୂଆଦିଲ୍ଲୀ, ୧୯।୧୨**

ଭାରତରେ ଓମିକ୍ରନ୍ ସଂକ୍ରମଣ ରବିବାର ୧୫୦ ଅତିକ୍ରମ କରିଛି। ମହାରାଷ୍ଟ୍ରରେ ୬ ନୂଆ ଭାରିଆଣ୍ଟ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେଠାରେ ସଂଖ୍ୟା ୫୪ରେ ପହଞ୍ଚିଛି। ରାଜକୋଟସ୍ଥିତ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ୨୩ ବର୍ଷୀୟ ତାଞ୍ଜାନିଆ ଛାତ୍ର ଓମିକ୍ରନ୍ ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କୁ ପିଡିୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁମ୍ବାଇ ବିମାନବନ୍ଦରରେ ପରୀକ୍ଷା କରାଯାଇଥିବା ୪ ଜଣଙ୍କଠାରେ ନୂଆ ଭାରିଆଣ୍ଟ ଦେଖାଯାଇଛି। ଏହା ବ୍ୟତୀତ ପିମ୍ପ୍ରି ଚିଞ୍ଚୱାଡ଼ା ଏବଂ ପୁଣେରୁ ଜଣେ ଲେଖାଏଁ ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଗୁଜରାଟରେ ମଧ୍ୟ ଆଉ ୨ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଛନ୍ତି। ଶନିବାର ମହାରାଷ୍ଟ୍ର, ତେଲଙ୍ଗାନା, କର୍ଣ୍ଣାଟକ ଓ କେରଳରେ ୩୦ ନୂଆ ସଂକ୍ରମିତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୩ରେ ପହଞ୍ଚିଥିଲା। ଶୁକ୍ରବାର ୨୬ ଜଣ ସଂକ୍ରମିତ ହୋଇଥିଲେ।

### ଚର୍ଚ୍ଚରେ ଫାଦରଙ୍କ ଆତ୍ମହତ୍ୟା ଉଦ୍ୟମ

**ନାଶିକ,୧୯।୧୨**

ମହାରାଷ୍ଟ୍ରର ନାଶିକସ୍ଥିତ ଏକ ଚର୍ଚ୍ଚରେ ଫାଦର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେଣ୍ଟ ଥୋମାସ୍ ଚର୍ଚ୍ଚରେ ପ୍ରାର୍ଥନା ଚାଲିଥିବାବେଳେ ଫାଦର ଅନନ୍ତ ଆପ୍ତେ(୬୧) ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିବାବେଳେ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅନନ୍ତଙ୍କ ଶରୀରର ୧୫ ଭାଗ ପୋଡ଼ିହୋଇଯାଇଛି। ଫାଦରଙ୍କୁ ତାଙ୍କର କେତେଜଣ ସିନିୟର ହଇରାଣ କରୁଥିବା ନେଇ ସେ ଅଭିଯୋଗ ଆଣିଥିଲେ। ଭଦ୍ରକାଳୀ ଥାନାରେ ଏନେଇ ଏକ ମାମଲା ରୁଜୁ କରାଯାଇଛି।

## ପୁଣି ଲାଭା ଓକାଳିଲା ସୁମେରୁ

**ଜାକର୍ତ୍ତା,୧୯।୧୨:** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଥିବା ସୁମେରୁ ଆଗ୍ନେୟଗିରି ପୁଣିଥରେ ଲାଭା ଓକାଳିଛି। ଗତମାସରେ ଏହି ଆଗ୍ନେୟଗିରି ଉଦ୍‌ଗିରଣ ହେବାରୁ ୪୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହଜାର ହଜାର ଲୋକ ବାସଚ୍ୟୁତ ହୋଇଥିଲେ। ରବିବାର ସକାଳେ ପୁଣି ଉଦ୍‌ଗିରଣ ହେବାରୁ ପ୍ରାୟ ୨ କି.ମି. ଅଞ୍ଚଳ ପାଉଁଶରେ ଆଚ୍ଛାଦିତ ହୋଇଛି। ଧୂସର ପାଉଁଶରେ ଆକାଶ ଛାଇହୋଇଯାଇଥିବା ଇଣ୍ଡୋନେସିଆର ସେଣ୍ଟର ଫର୍ ଭଲ୍‌କାନୋଲୋଜି ଆଣ୍ଡ ଜିଓଲୋଜିକାଲ ହାଜାର୍ଡ ମିଟିଗେଶନ ପକ୍ଷରୁ କୁହାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ ନ ଯିବା ପାଇଁ ସ୍ଥାନୀୟ ଅଧିକାରୀମାନେ ଲୋକଙ୍କୁ ବାରଣ କରିଛନ୍ତି।



## ଭୋଟ ବେଳେ ବୋମା ଫିଙ୍ଗିଲେ

**କୋଲକାତା,୧୯।୧୨**



କେଏମ୍‌ସି ନିର୍ବାଚନ ପାଇଁ ଏକ ବୁଥ୍‌ରେ ଭୋଟ ଦେଇ ଫେରୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

### କେଏମ୍‌ସି ନିର୍ବାଚନ: ୬୩.୬୩% ମତଦାନ

ପଶ୍ଚିମବଙ୍ଗରେ ପୁଣି ରାଜନୈତିକ ହିଂସା ଦେଖିବାକୁ ମିଳିଛି। ରବିବାର ଅନୁଷ୍ଠିତ କୋଲକାତା ମହାନଗର ନିଗମ (କେଏମ୍‌ସି) ନିର୍ବାଚନ ବେଳେ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା, ଜଳାପୋଡ଼ା ସହ ବୋମା ଫିଙ୍ଗିବା ଭଳି ଘଟଣା ଘଟିଛି। ଏଥିରେ କେତେଜଣ କର୍ମୀ ଓ ଭୋଟର ଆହତ ହୋଇଛନ୍ତି। ବୋମା ଫିଙ୍ଗିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ରାଜ୍ୟ ନିର୍ବାଚନ କମିଶନର ସୌରଭ ଦାସ ଶାନ୍ତିପୂର୍ଣ୍ଣ ମତଦାନ ହୋଇଥିବା କହୁଥିବାବେଳେ ଭାଜପା ହିଂସା ପ୍ରଭାବିତ ନିର୍ବାଚନକୁ ରଦ୍ଦ କରାଯାଉ ବୋଲି ଦାବି କରିଛି। କେଏମ୍‌ସି ପାଇଁ ପ୍ରାୟ ୪୦.୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୩.୬୩% ମତଦାନ କରିଛନ୍ତି। ମତଦାନ ବେଳେ କୋଲକାତାର ଖାନ୍ନା ଅଞ୍ଚଳରେ ଥିବା ତାକି ସ୍କୁଲ ଆଗରେ ବୋମା ଫିଙ୍ଗାଯାଇଥିଲା। ପୋଲିସ ଘଟଣାସ୍ଥଳକୁ ଯାଇ ସ୍ଥିତି ଆୟତ୍ତକୁ ଆଣିଥିଲା। ଶାନ୍ତିଭଙ୍ଗ ଅଭିଯୋଗରେ ୭୨ ଜଣଙ୍କୁ ଗିରଫ କରାଯାଇଛି। ଗଣତନ୍ତ୍ରର ଉତ୍ସବରେ ଲୋକେ ଭାଗନେଇଥିବାରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଖୁସି ବ୍ୟକ୍ତ କରିଛନ୍ତି। ମମତାଙ୍କ ପୁତୁରା ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଅଭିଷେକ ବାନାର୍ଜୀ କହିଛନ୍ତି, ଶାସକ ଦଳର କେହି ନେତା ହିଂସାରେ ସମ୍ପୃକ୍ତ ଥିଲେ ତାଙ୍କ ବିରୋଧରେ ୨୪ ଘଣ୍ଟା ମଧ୍ୟରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

**ଲକ୍ଷ୍ମୀପୂଜା ଉଦ୍‌ଯାପିତ**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ଚିକଲଚୁଆଁଠାରେ ୫ ଦିନଧରି ଚାଲିଥିବା ଲକ୍ଷ୍ମୀପୂଜା ଉଦ୍‌ଯାପିତ ହୋଇଯାଇଛି। ପୂଜା ପୁରୋହିତ ଭାବେ ପୁରନ୍ଦର ହୋତା କର୍ତ୍ତା ଭାବେ ହେମନ୍ତ କୁମାର ମାଝି ସପତ୍ନୀ ଦମୟନ୍ତୀ ମାଝି ପୂଜା କାର୍ଯ୍ୟ ତୁଲାଇଥିଲେ। ମା' ଠାକୁରାଣୀ କମିଟି ସଭାପତି ମିନକେତନ ମାଝି, ଉପସଭାପତି ମହେଶ୍ୱର ମାଝି, ସମ୍ପାଦକ ମହେନ୍ଦ୍ର ମାଝି, ସହସମ୍ପାଦକ ଚନ୍ଦ୍ରଶେଖର ମାଝି, କୋଷାଧ୍ୟକ୍ଷ ବିଶେଶ୍ୱର ମାଝି, ମାନସିଂ ମାଝି, କମିଟି ସଦସ୍ୟ ବୃନ୍ଦ ରାଜେନ୍ଦ୍ର ମାଝି, ଗୋକୁଲ ମାଝି, ଅରୁଣ ମାଝି, ବିଦ୍ୟାଧର ମାଝି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଅମେରା, ବାଗବାହାଲ, କେଶରାଜପୁର, ବୋଦଲାପଡା, ବୋଡେନ, ବୋଇରଗାଁ, ନିମନା ବିଭିନ୍ନ ଗ୍ରାମରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଥିଲା।

**ପ୍ରଦୂଷଣ ଅନିୟନ୍ତ୍ରିତ**

# ସହରର ହେଲାଣି ବାତ୍ୟା, ବନ୍ୟା

ଯାଜପୁର ଅଫିସ,୧୯।୧୨

ରାଜ୍ୟର ପ୍ରମୁଖ ସହର ଓ ଶିଳ୍ପାଞ୍ଚଳଗୁଡ଼ିକରେ ବାୟୁ ଏବଂ ଜଳ ପ୍ରଦୂଷଣ ମାତ୍ରା ଅଣାୟତ୍ତ ହେବାରେ ଲାଗିଛି। ଏଭଳିସ୍ଥଳେ ରାଜ୍ୟବାସୀ ପ୍ରାୟ ଦୁଇ ଦଶନ୍ଧି ମଧ୍ୟରେ ଅନେକ ଥର ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟରେ ହନ୍ତସନ୍ତ ହେଲେଣି। ଦିନକୁ ଦିନ ନୂଆ ନୂଆ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡୁଛି। ଆଗାମୀ ଦିନରେ ଅଧିକରୁ ଅଧିକ ବାତ୍ୟା ଆଶଙ୍କା, ସମୁଦ୍ର ଜଳପତନରେ ବୃଦ୍ଧି, ଚରମ ମରୁଡ଼ି ପରିସ୍ଥିତି, ଗ୍ରୀଷ୍ମ ପ୍ରବାହ ବୃଦ୍ଧି, ଅନିୟମିତ ବୃଷ୍ଟିପାତ ଆଦି ବିପତ୍ତି ଦେଖିବାକୁ ମିଳିପାରେ। ଏହି କଥା ପରିବେଶବିତ୍ ଚେତାଇ ଆସୁଥିଲାବେଳେ ଏବେ ସରକାର ତାହା କହୁଛନ୍ତି। ଗତ ବିଧାନସଭା ଅଧିବେଶନରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏଭଳି ଚେତେଇ ଦେଇଛନ୍ତି। ପ୍ରଦୂଷଣ, ପ୍ରକୃତି ବିପରୀତ ଜୀବନଶୈଳୀ ହିଁ ପରିବେଶକୁ ସଙ୍କଟ ମଧ୍ୟକୁ ଠେଲି ଦେଉଛି। ସାରା ବିଶ୍ୱ ଏବେ ଘୋର ପ୍ରାକୃତିକ ବିପତ୍ତିର ସୂତାଖିଅରେ ଝୁଲୁଥିବାବେଳେ ଓଡ଼ିଶାବାସୀ ତା'ର ପରିଣାମ ଭୋଗିଲେଣି।

ଗୋଟିଏ ପଟେ ସରକାର ପରିବେଶର ସୁରକ୍ଷା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ, ଜଙ୍ଗଲ ସୃଷ୍ଟି ପ୍ରତି ଗୁରୁତ୍ୱାରୋପ କରୁଛନ୍ତି। ଅନ୍ୟପଟେ ଘରୋଇ କମ୍ପାନୀଗୁଡ଼ିକୁ ପରିବେଶର ବିପର୍ଯ୍ୟୟ ନିମନ୍ତେ ବାଟ ପ୍ରସ୍ତୁତ କରାଯାଉଛି, ଏଥିରେ ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଦି ସରକାରୀ କଳ ଭାଗୀଦାରି ସାଜୁଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କେତେଜଣ ଅଧିକାରୀ ଶିଳ୍ପ ଓ ଖଣି କମ୍ପାନୀଠାରୁ ମାସିକ ଚାନ୍ଦା ନେଉଥିବା ସଂକ୍ରାନ୍ତରେ ନିକଟରେ ଏକ ଖଣି କମ୍ପାନୀର ଇ-ମେଲ୍ ଆଦାନପ୍ରଦାନରୁ ସ୍ପଷ୍ଟ ହୋଇସାରିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ରିପୋର୍ଟ ଆଧାରରେ ଦେଶର ୧୦୬ ସହର ମଧ୍ୟରୁ ଓଡ଼ିଶାର ୭ଟି ଅତି ପ୍ରଦୂଷଣ ତାଲିକାଭୁକ୍ତ ହୋଇଛି। ଏହି ତାଲିକାରେ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ପାରାଦୀପ, ତାଳଚେର, ଅନୁଗୋଳ, ସମ୍ବଲପୁର ରହିଛି। ୨୦୨୦ ଜାନୁୟାରୀରେ ଗ୍ରୀନ୍‌ପିସ୍ ପକ୍ଷରୁ ହୋଇଥିବା ସର୍ଭେ ଅନୁସାରେ ଦେଶର ୧୦୦ ପ୍ରଦୂଷିତ ସହର ମଧ୍ୟରେ ପାରାଦୀପ ୭୯ତମ ସ୍ଥାନରେ ରହିଥିବାବେଳେ କଳିଙ୍ଗନଗର ୮୪, ରାଉରକେଲା ୮୫, କଟକ ୮୮ ଓ ତାଳଚେର ୯୩ ତମ ସ୍ଥାନରେ ରହିଥିଲା।

ଏସ୍‌ପିସିବି ପକ୍ଷରୁ ଗତ ଅଗଷ୍ଟରୁ ଅକ୍ଟୋବର ପର୍ଯ୍ୟନ୍ତ ଦାଖଲ ରିପୋର୍ଟରେ କଳିଙ୍ଗନଗର, ତାଳଚେର, ରାଜଗାଙ୍ଗପୁର ଓ ରାଉରକେଲାରେ ବାୟୁରେ ପାର୍ଟିକୁଲେଟ୍ ମେଟର ବା ପିଏମ୍(୧୦) ମାତ୍ରା ଅନୁମତିଯୋଗ୍ୟଠାରୁ ଅଧିକ ରହିଛି। ତେବେ ସଲ୍‌ଫର ଡାଏଅକ୍ସାଇଡ(ଏସ୍‌ଓ୨), ନାଇଟ୍ରୋଜେନ୍ ଅକ୍ସାଇଡ(ଏନ୍‌ଓ୨) ଓ ପିଏମ୍୨.୫(ଫାଇନ୍ ପାର୍ଟିକୁଲେଟ ମେଟର) ମାତ୍ରା ଅନୁମତିଯୋଗ୍ୟ ସ୍ତରରେ ରହିଥିବା ଦର୍ଶାଯାଇଛି। ସବୁଜ ଗୃହ ବାଷ୍ପ ନିରାକରଣ, କାର୍ବନ ଫୁଟପ୍ରିଣ୍ଟ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଯେତେସବୁ ପଦକ୍ଷେପ ଗ୍ରହଣ କରାଯାଉଛି ସବୁଥିରେ ଅନିୟମିତତା ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। ନିମ୍ନମାନର ଯନ୍ତ୍ରପାତି ସ୍ଥାପନ, ରିପୋର୍ଟରେ ରଫାଦଫା, କେତେକ ଶିଳ୍ପ କାରଖାନାକୁ ଅନୁକମ୍ପା ପ୍ରଦର୍ଶନ, ଇଟିପି(ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ବାହାରେ ବର୍ଜ୍ୟଜଳ ଛଡାଯିବା, ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ ନ କରିବା ଆଦି ଅଭିଯୋଗ ସାଧାରଣ କଥା ହୋଇଛି। ଏହିସବୁ କାରଣରୁ ଜଳବାୟୁ ପରିବର୍ତ୍ତନ ଘଟି ରାଜ୍ୟର ପ୍ରାୟତଃ ଉପକୂଳ ଅଞ୍ଚଳରେ ବନ୍ୟା ଓ ବାତ୍ୟା ଚିର ସହଚର ହେବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି।

# ପ୍ରେମ ପାଇଁ ସମୟ ପାଇନି



**ଶିଶୁ କଳାକାର ଓ ପରେ ଚଳଚ୍ଚିତ୍ର ନାୟିକା ସାଜି ଅଗଣିତ ଦର୍ଶକଙ୍କ ହୃଦୟରେ ରାଜ୍ କରୁଥିବା ଅଭିନେତ୍ରୀ ହେଉଛନ୍ତି ଭୂମିକା ଦାଶ। ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହୀ ଥିଲେ। ପ୍ରଥମ ଚଳଚ୍ଚିତ୍ର 'ରୁମ୍‌କୁ ଝୁମାନା'ରେ ଶିଶୁ କଳାକାର ଭାବେ ସୁନ୍ଦର ଅଭିନୟ ତାଙ୍କୁ ସଫଳତାର ଶିଡ଼ି ଚଢ଼ାଇଥିଲା। ସେ ଅନେକ ଚଳଚ୍ଚିତ୍ର, ମ୍ୟୁଜିକ୍ ଭିଡିଓରେ ନଜର ଆସିଛନ୍ତି। ଆଗକୁ ମଧ ତାଙ୍କର କେତୋଟି ଚଳଚ୍ଚିତ୍ର ରିଲିଜ୍ ହେବାର ଅଛି। ୨୦୦୩ ଜାନୁୟାରୀ ୨୨ରେ ଜନ୍ମଗ୍ରହଣ କରିଥିବା ଭୂମିକା ଏବେ ଭୁବନେଶ୍ୱରରେ ନିଜ ପରିବାର ସହିତ ରହୁଛନ୍ତି। ତାଙ୍କର କିଛି ଜଣା ଅଜଣା କଥାକୁ ନେଇ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**

**ଭୂମିକା ଦାଶ**

**ଧରିତ୍ରୀ ଆଳାପ**

***ପ୍ରଶ୍ନ- ଅଭିନୟ କରିବାର ସୁଯୋଗ କିପରି ପାଇଲେ?***

ଉତ୍ତର- ଓଡ଼ିଶୀ ନୃତ୍ୟର ଏକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଇଥିଲି। ସେଠାରେ ମୋର ଜଣେ ପରିଚିତ ଭାଇ ଦେଖା ହୋଇଥିଲେ। 'ରୁମ୍‌କୁ ଝୁମାନା' ଫିଲ୍ମର କାହାଣୀ ବିଷୟରେ ସେ ମୋ ମା' ବାପାଙ୍କ ସହ ଆଲୋଚନା କରି ଅଭିନୟ କରିବାକୁ କହିଥିଲେ। ବାପା ହଁ ମାରି ଦେଇଥିଲେ। ତା'ର ୧୦ଦିନ ପରେ ହରିହର ମହାପାତ୍ର ମତେ ଫୋନ୍ କରିଥିଲେ। ମୋ ପୂର୍ବରୁ ୨ଶହ ଝିଅଙ୍କର ଅଡିସନ୍ ସରିଥିଲା। ମୁଁ ଅଡିସନ୍ ଦେବା ପରେ ସିଲେକ୍ଟ ହୋଇଥିଲି। ଆଉ ଫିଲ୍ମରେ ଅଭିନୟ ଯାତ୍ରା ଆରମ୍ଭ ହେଲା।

***ପ୍ରଶ୍ନ- ଶିଶୁ କଳାକାରରୁ ହଠାତ୍ ଲିଡ୍ କ୍ୟାରେକ୍ଟର କରିବା କେତେ ଚ୍ୟାଲେଞ୍ଜ ଥିଲା?***

ଉତ୍ତର- 'ତୁ ମୋ ଲଭ୍ ଷ୍ଟୋରୀ'ର ଅଫର ଆସିବା ପରେ ମତେ ଲାଗିଥିଲା କି ଶିଶୁ କଳାକାର ଭାବେ କାମ କରିବି। ସେତେବେଳେ ମୁଁ ନବମ ଶ୍ରେଣୀରେ ପଢୁଥିଲି। ତେଣୁ ପାଠ ଉପରେ ପ୍ରଭାବ ପଡ଼ିବ ଭାବି ପ୍ରଥମେ ମନା କରିଥିଲି। ପୁଣି ନାୟିକା ଭୂମିକାରେ ନଜର ଆସିବି ଜାଣି ଆହୁରି ନର୍ଭସ୍ ଲାଗିଥିଲା। ମାତ୍ର ନିର୍ଦ୍ଦେଶକ ମତେ ଓ ବାପାଙ୍କୁ କାମ କରିବା ପାଇଁ ରାଜି କରିଥିଲେ। ସୌଭାଗ୍ୟବଶତଃ ସବୁକିଛି ଭଲରେ ହୋଇଗଲା।

***ପ୍ରଶ୍ନ- ଫିଲ୍ମକୁ ନେଇ କ୍ୟାରିୟର କରିବେ ନା ଆଉ କିଛି ଯୋଜନା ଅଛି?***

ଉତ୍ତର- ଏବେ ମୁଁ ମେଡିକାଲ ପଢୁଛି। ଦୁଇଟି ଯାକ ମ୍ୟାନେଜ୍ କରିବା କଷ୍ଟକର। ସେଥିପାଇଁ ବାଛି ବାଛି ଫିଲ୍ମ କରୁଛି। ଆଗକୁ ମୋର ୪/୫ଟି ଫିଲ୍ମ ରିଲିଜ୍ ହେବାର ଅଛି। ଏବେ ପାଠ ପ୍ରତି ଅଧିକ ଧ୍ୟାନ ଦେଉଛି। ଜାନୁୟାରୀରେ ପରୀକ୍ଷା ପରେ ଫିଲ୍ମ କରିବି। ଯାହା ବି କରେ, ପାଠକୁ ଛାଡ଼ିବାର ପ୍ରଶ୍ନ ଉଠୁନି।

***ପ୍ରଶ୍ନ- ତେବେ ଡାକ୍ତର ହେବେ?***

ଉତ୍ତର- ଘରେ ସମସ୍ତଙ୍କର ଇଚ୍ଛା ଥିଲା ମୁଁ ଡାକ୍ତର ହୁଏ। ବିଶେଷକରି ମୋ ଜେଜେ ମା'ଙ୍କର। ଦ୍ୱାଦଶ ସରିବା ପରେ ନିଟ୍ ପରୀକ୍ଷା ଦେଇଥିଲି। ସେଥିରେ ଭଲ କରିବା ପରେ ଡାକ୍ତରୀ ପାଠ ଆରମ୍ଭ ହେଲା। ଅଭିନୟ ମୋର ପ୍ୟାଶନ୍। ତେଣୁ ଦୁଇଟାଯାକ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଚେଷ୍ଟା କରିବି।

***ପ୍ରଶ୍ନ- କେଉଁ ଅଭିନେତାଙ୍କ ସହ କାମ କରିବାକୁ ଇଚ୍ଛା ଅଛି?***

ଉତ୍ତର- ପ୍ରାୟ ସମସ୍ତ ଅଭିନେତାଙ୍କ ସହ କାମ କରି ସାରିଲିଣି। ତେବେ ସିଦ୍ଧାନ୍ତ ମହାପାତ୍ରଙ୍କ ସହ ଅଭିନୟ କରିବାକୁ ବହୁତ ଇଚ୍ଛା ଥିଲା। ସେଇଟା ତୁ ମୋ ଲଭ୍‌ଷ୍ଟୋରୀ-୨ରେ ପୂରଣ ହୋଇଗଲା। ଏବେ କେବଳ ନାରୀ କୈନ୍ଦ୍ରିକ ଚଳଚ୍ଚିତ୍ରରେ ଅଭିନୟ କରିବାର ଆଶା ଅଛି। ଯେଉଁଥିରେ ହିରୋ ଏବଂ ହିରୋଇନ୍ ଦୁଇଟାଯାକ ମୁଁ ଥିବି।

***ପ୍ରଶ୍ନ- ଫ୍ରି ଥିଲେ କ'ଣ କରନ୍ତି?***

ଉତ୍ତର- ପଢ଼ା ବ୍ୟତୀତ ଆଉ କିଛି କରେନି। କଲେଜ ଗଲେ ଟିକେ ଆରାମ ମିଳେ ବୋଲି ଶୁଣିଥିଲି, ମାତ୍ର ମତେ ଲାଗୁଛି ସ୍କୁଲ ଅପେକ୍ଷା କଲେଜରେ ପାଠପଢା ବେଶି କଡ଼ା। ତେବେ ମଝିରେ ମଝିରେ ଚିତ୍ର ଆଙ୍କେ ଆଉ ବ୍ୟାଡମିଣ୍ଟନ ଖେଳେ।

***ପ୍ରଶ୍ନ-କଲେଜ ପାଠପଢ଼ା ବେଳେ ପ୍ରେମ ହୋଇଯାଏ, ଆପଣଙ୍କ କ୍ଷେତ୍ରରେ ସେଭଳି କିଛି?***

ଉତ୍ତର- ମତେ ଲାଗୁଛି ପ୍ରେମ କରିବାକୁ ଏବେ ବୟସ ହୋଇନି। ପୁଣି ଦେଖିବାକୁ ଗଲେ ଏତେ ବ୍ୟସ୍ତତା ଭିତରେ ପ୍ରେମ ପାଇଁ ସମୟ ପାଇନି।

***ପ୍ରଶ୍ନ- ଖାଇବାକୁ କ'ଣ ଭଲ ଲାଗେ?***

ଉତ୍ତର- ମୋମୋ, ଚିକେନ୍‌ରେ ଯେ କୌଣସି ଆଇଟମ୍ ଭଲଲାଗେ। ପଖାଳ ଓ ଟମାଟୋ ପୋଡ଼ା ମୋର ସବୁଠାରୁ ପ୍ରିୟ। ଖାଲି ଟମାଟୋ ପୋଡ଼ା ହୋଇଗଲେ ଆଉ କିଛି ଦରକାର ନାହିଁ। ସବୁ ପ୍ରକାର ଖାଇବା ଖାଏ, ହେଲେ ମୋ ଦେହରେ କିଛି ଲାଗେନି। ତେଣୁ ଡାଇଟିଂ କରିବାକୁ ପଡ଼େନି।

## ସଂକ୍ଷେପରେ

### ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

ଦେବଗଡ଼,୧୯।୧୨(ଡି.ଏନ୍.ଏ.): ଦେବଗଡ଼ ଜିଲା ଆଦର୍ଶ ଥାନା ଲଇମୁରା ଫାଣ୍ଡି ଅନ୍ତର୍ଗତ ସାଲୋହି ଗ୍ରାମରେ ରବିବାର ଭୋର ଦନ୍ତାହାତୀ ଆକ୍ରମଣରେ ଜୟରାମ କିଷାନ(୬୦)ଙ୍କ ମୃତ୍ୟୁ ଘଟିଛି। ଜୟରାମ ଶନିବାର ରାତିରେ ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ। ଭୋର ପ୍ରାୟ ୪ଟାରେ ଏକ ଦନ୍ତାହାତୀ ଘର କାନ୍ଥ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଜାଣିପାରି ଜୟରାମ ଜୀବନ ବଞ୍ଚାଇବାକୁ ଘର ଅଗଣାକୁ ବାହାରି ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ। ମାତ୍ର ହାତୀ ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସମ୍ବଲପୁର ଜିଲାର କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ଫରେଷ୍ଟଗାର୍ଡ ପୂର୍ଣ୍ଣଚନ୍ଦ୍ର ଧଳ ଏବଂ ଅନ୍ୟ କର୍ମଚାରୀ କୁଚିଣ୍ଡା ଡାକ୍ତରଖାନାରେ ପହଞ୍ଚିଥିଲେ। ଲଇମୁରା ଫରେଷ୍ଟର ଛବିଳ ବେହେରା ତାଙ୍କ ଘରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବନବିଭାଗ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କ ପରିବାର ଲୋକଙ୍କୁ ନଗଦ ୪୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

### ଗୁଣିଗାରେଡ଼ିରୁ ବାଳକଙ୍କ ମୃତ୍ୟୁ ଅଭିଯୋଗ

ଟିଟିଲାଗଡ଼, ୧୯।୧୨(ଡିଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଲୁଥୁରବନ୍ଧ ଗ୍ରାମରେ ନିଲାମ ବାଗ (୧୫)ଙ୍କର ଶନିବାର ମୃତ୍ୟୁ ଘଟିଥିଲା। ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ବେଳେ ଏହି ଘଟଣା ଘଟିଥିଲା। ତେବେ ଗୁଣିଗାରେଡ଼ିରୁ ନିଲାମଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ ଗାଁର ଜଣେ ବ୍ୟକ୍ତିଙ୍କୁ ଦାୟୀ କରି ରବିବାର ସକାଳେ ତାଙ୍କ ଘର ପାଖକୁ ଯାଇ ପାଟିତୁଣ୍ଡ କରିଥିଲେ। ଖବର ପାଇ ଟିଟିଲାଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବା ବେଳେ ସେମାନେ ପୋଲିସ ଗାଡ଼ିକୁ ଅଟକ ରଖି ଗୁଣିଆଙ୍କୁ ଗିରଫ ଦାବି କରିଥିଲେ। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ ପ୍ରତିଶ୍ରୁତି ଦେବା ପରେ ଲୋକେ ପୋଲିସ ଗାଡ଼ି ଛାଡ଼ିଥିଲେ।

### ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୋକସରା,୧୯।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଡଙ୍ଗରୀଗୁଡା ଖେଳ ପଡିଆରେ ମା' ବସୁନ୍ଧରା ଯୁବକ ସଂଘ ଆନୁକୂଲ୍ୟରେ ସପ୍ତମ ଦିବସୀୟ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଝାରକୁଣ୍ଡାମାଲ ଓ ଗୁ କ୍ଲବ ଭବାନୀପାଟଣା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁ କ୍ଲବକୁ ୨-୦ ଗୋଲରେ ହରାଇ ଝାରକୁଣ୍ଡାମାଲ ବିଜୟୀ ହୋଇ ସେମିକୁ ପ୍ରବେଶ କରିଛି। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ଏସ୍‌ଟି ସେଲ ସଭାପତି ଇଂ.ସୁଶୀଲ କୁମାର ଶବର ଯୋଗଦେଇଥିଲେ। ଅନିରୁଦ୍ଧ ପାତ୍ର, କେତନ ପାତ୍ର, ନଳିନ କେତକୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳଙ୍କୁ ଉତ୍ସାହିତ କରିଥିଲେ। ଧାରାବିବରଣୀ ଭୁପେନ୍ଦ୍ର ନିଏଲ ପ୍ରଦାନ କରିଥିବା ବେଳେ ପିଇଟି ବୁଲୁ ବେହେରା, ରିଙ୍କୁ ପୂଝାରୀ, ସୁଶାନ୍ତ ବିଶ୍ୱାଳ ଓ ନିର୍ମଳ ଦଣ୍ଡସେନା ଖେଳ ପରିଚାଳନା କରିଥିଲେ।

# ତପସ୍ୱିନୀଙ୍କ ପିଟିଶନ ଶୁଣାଣି ଆଜି

## ଶାଶୁଘର ଦାଣ୍ଡରେ ରୋଷେଇ କରି ଖାଇଲେ

ବ୍ରହ୍ମପୁର ଅଫିସ,୧୯।୧୨

ନ୍ୟାୟ ଓ ନିଜ ହକ୍ ପାଇଁ ବ୍ରହ୍ମପୁର ବ୍ରହ୍ମାନଗରସ୍ଥିତ ଶାଶୁ ଘର ଆଗରେ ବୋହୂ ତପସ୍ୱିନୀ ଦାଶଙ୍କ ଧାରଣା ଜାରି ରହିଛି। ତପସ୍ୱିନୀ ରବିବାର ବାହାରେ ରୋଷେଇ କରି ଖାଇଛନ୍ତି। ହୋଟେଲ ଖାଦ୍ୟ ଖାଇବାରୁ ସ୍ୱାସ୍ଥ୍ୟ ଖରାପ ହେଉଛି। ଶାଶୁଘର ଲୋକେ ଘର ଭିତରକୁ ଯିବାକୁ ଦେଉନାହାନ୍ତି। ତେଣୁ ରାସ୍ତା ଉପରେ ରୋଷେଇ କରି ଖାଇଲେ ବୋଲି ତପସ୍ୱିନୀ କହିଛନ୍ତି। ସୋମବାର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ତପସ୍ୱିନୀଙ୍କ ମୂଳ ପିଟିଶନର ଶୁଣାଣି ହେବ। ଶୁଣାଣି ପରେ ସେ ଶାଶୁଘରେ ରହିବେ କି ନ୍ୟାୟ ନ ପାଇ ପୁଣି ଧାରଣା ଜାରି ରଖିବେ ତାହା ସ୍ପଷ୍ଟ ହେବ।

ପୂର୍ବାହ୍ନରେ ତପସ୍ୱିନୀଙ୍କ ଧାରଣାସ୍ଥଳରେ ଶତାଧିକ ଲୋକ ଜମା ହୋଇ ହୋହଲ୍ଲା କରିଥିଲେ। ତପସ୍ୱିନୀଙ୍କୁ ଘରକୁ ନ ନେଲେ ତାଙ୍କ ଶାଶୁଘର ଗ୍ରୀଲ ତାଲା ଭାଙ୍ଗି ଦେବେ ବୋଲି କହିଥିଲେ। ସ୍ଥିତି ଜଟିଳ ହେବା ପୂର୍ବରୁ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ସେଠାରୁ ହଟାଇଥିଲା। ଉକ୍ତ ଅଞ୍ଚଳରେ ଭିଡ ହେଉଥିବାରୁ ସନ୍ଧ୍ୟାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶଚନ୍ଦ୍ର ସେଠୀ, ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଓ ଟ୍ରାଫିକ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଭିଡ଼ ହଟାଇଥିଲେ। ଅନ୍ୟପକ୍ଷରେ ତପସ୍ୱିନୀ ଓ ତାଙ୍କ ସ୍ୱାମୀ ଡା.ସୁମିତ ସାହୁଙ୍କ କଥାବାର୍ତ୍ତାର ଏକ ଅଡିଓ ଭିଡିଓ ଭାଇରାଲ ହେଉଛି। ସେଥିରେ ଡା.ସୁମିତଙ୍କୁ ତପସ୍ୱିନୀ ୮ଲକ୍ଷ ଟଙ୍କା ମାଗୁଛନ୍ତି। ସେ ସୁମିତଙ୍କୁ ଛାଡ଼ପତ୍ର ଦେଇଦେବାକୁ କହୁଛନ୍ତି। ତେବେ ଏହା ଏକ ପୁରୁଣା ଭିଡିଓ ବୋଲି ତପସ୍ୱିନୀ ଗଣମାଧ୍ୟମ ଆଗରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଏମ୍‌ବିବିଏସ୍ ଆଡମିଶନ ପାଇଁ ତାଙ୍କ ବାପାଙ୍କଠାରୁ ସୁମିତଙ୍କ ପରିବାର ଲୋକେ ୧୫ ଲକ୍ଷ ଟଙ୍କା ନେଇଥିଲେ। ସେଥିରୁ ୮ ଲକ୍ଷ ଟଙ୍କା ଫେରାଇବାକୁ ବାକି ଅଛି। ସେହି ଟଙ୍କା ମାଗୁଥିଲେ ବୋଲି ତପସ୍ୱିନୀ କହିଛନ୍ତି।



ବ୍ରହ୍ମାନଗରସ୍ଥିତ ଶାଶୁଘର ଆଗରେ ତପସ୍ୱିନୀ ରୋଷେଇ କରୁଛନ୍ତି।

# ଦୁର୍ଘଟଣାରେ ମାମୁ, ଭାଣିଜୀ ମୃତ

ଅନୁଗୋଳ ଅଫିସ, ୧୯।୧୨

ସମ୍ପର୍କୀୟଙ୍କ ଘରୁ ବାଇକ୍‌ରେ ଫେରୁଥିବା ବେଳେ ରବିବାର ଅପରାହ୍ନରେ ଅନୁଗୋଳ ସଦରଥାନା ବାଲୁଅକଟାଠାରେ ଅଟୋ ଧକ୍କାରେ ମାମୁ ଓ ଭାଣିଜୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅନୁଗୋଳ ରାଣୀଗୁଡ଼ା ଅଞ୍ଚଳର ସୁଜନ ସାହୁ(୩୨) ଓ ଭାଣିଜୀ ହୁଲୁରିସିଂହାର ଗାୟତ୍ରୀ ସାହୁ(୨୦)। ସୁଜନଙ୍କ ଭଉଣୀ ନୟନା ସାହୁ ଓ ସାନ ଭାଣିଜୀ ବର୍ଷା ସାହୁ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁଯାୟୀ, ସୁଜନ ସକାଳେ ଉଭଣୀ ଓ ଦୁଇ ଭାଣିଜୀଙ୍କୁ ନେଇ ହୁଲୁରିସିଂହାରୁ ବାଲୁଆକଟାସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ବାଇକ୍ (ନଂ. ଓଡି୧୯ଏସ୍-୩୬୩୩)ରେ ଫେରୁଥିବାବେଳେ ସମ୍ମୁଖରୁ ଦ୍ରୁତଗତିରେ ଆସୁଥିବା ଏକ ଅଟୋ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଓଲଟି ପଡ଼ିଥିବା ଅଟୋ ନେଇ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଦୁର୍ଘଟଣା ଘଟାଇଥିବା ଅଟୋ ଚାଳକଙ୍କୁ ଖୋଜାଖୋଜି କରାଯାଉଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ପ୍ରକାଶ କରିଛନ୍ତି।

# ତଦନ୍ତ ଦାବିରେ ଚାଷୀଙ୍କ ରାସ୍ତାରୋକୋ

## ପୋଲ ତଳେ ପଡ଼ିଛି ସାର, ଔଷଧ, ବିହନ

ବାଙ୍କୀ,୧୯।୧୨(ସ୍ୱ.ପ୍ର.)

କଟକ ଜିଲା ବାଙ୍କୀ ଉପଖଣ୍ଡର ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ପଞ୍ଚାୟତସ୍ଥିତ ବାଙ୍କୀ-ଖୋର୍ଦ୍ଧା ରାସ୍ତାର ଭୋକାଶଙ୍ଖ ପୋଲ ତଳୁ ରବିବାର ବିପୁଳ ପରିମାଣର କୃଷି ସାର, ଔଷଧ, ବିହନ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ମିଳିଛି। ଢଁସର ପଞ୍ଚାୟତର ଚାଷୀମାନେ ଏହାକୁ ଫୋପଡ଼ା ହୋଇଥିବା ଦେଖି ଭୋକାଶଙ୍ଖ ପୋଲ ପାଖରେ ରାସ୍ତାରୋକୋ କରିଥିଲେ। ଚାଷ କାର୍ଯ୍ୟରେ ବ୍ୟବହାର ପାଇଁ ଉପରୋକ୍ତ ସାମଗ୍ରୀ ଆସିଥିବାବେଳେ କେତେଜଣ ଅସାଧୁ ବ୍ୟବସାୟୀ ଏହାକୁ ଲୁକ୍କାୟିତ ଭାବେ ଆଣି ପୋଲ ତଳେ ଫିଙ୍ଗିଦେଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। କୃଷି ବିଭାଗ ପକ୍ଷରୁ ଏହା ବଣ୍ଟନ କରା ନ ଯାଇ କିପରି ଫିଙ୍ଗି ଦିଆଯାଇଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ବାଙ୍କୀ କୃଷି ଜିଲା ଅଧିକାରୀ ଶୈଳେନ୍ଦ୍ର ମହାନ୍ତି କହିଛନ୍ତି, ଫୋପଡ଼ା ଯାଇଥିବା ସାମଗ୍ରୀଗୁଡ଼ିକ କୃଷି ବିଭାଗର ନୁହେଁ, ଏହା ଉଦ୍ୟାନ ବିଭାଗର। ବାଙ୍କୀ ଉଦ୍ୟାନ ବିଭାଗ ଅଧିକାରୀ ସୌମେନ୍ଦ୍ର ପାଣିଗ୍ରାହୀଙ୍କୁ ପଚାରିବାରେ, ଏହା ଆମ ବିଭାଗର ନୁହେଁ ବୋଲି କହିଛନ୍ତି। ଏ ପର୍ଯ୍ୟନ୍ତ ପୋଫଡ଼ା ଯାଇଥିବା ସାମଗ୍ରୀ କେଉଁ ବିଭାଗର ସ୍ପଷ୍ଟହୋଇ ନ ଥିବା ବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବାଙ୍କୀ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚାଷୀ ନକୁଳ ପ୍ରଧାନ, ଅଜୟ ପଣ୍ଡା, ଜିତେନ୍ଦ୍ର କୁମାର ସାହୁ, ଭାବ ସ୍ୱାଇଁ, ରାମ ଜେନା ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି।



କୃଷି ସାମଗ୍ରୀକୁ ଫୋପଡ଼ା ଯାଇଥିବାରୁ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

# ସକାରାତ୍ମକ, ସମର୍ପିତ ବ୍ୟକ୍ତିତ୍ୱ ଥିଲେ ଭାଗବତ

## ଭାଗବତଙ୍କୁ ଭାବାର୍ପଣ

ସମ୍ବଲପୁର,୧୯।୧୨(ବ୍ୟୁରୋ)

ଜଣେ ସକାରାତ୍ମକ, ନିଃସ୍ୱାର୍ଥପର ଓ ସମର୍ପିତ ଚରିତ୍ର ଭାବେ ଜଣାଶୁଣା ଥିଲେ ଭାଗବତ ପ୍ରସାଦ ନନ୍ଦ। ତାଙ୍କ ଭିତରେ ଇର୍ଷା କି ପରଶ୍ରୀକାତରତା ନ ଥିଲା। ସମସ୍ତଙ୍କୁ ଆଗକୁ ବଢିବାକୁ ଉତ୍ସାହିତ କରୁଥିଲେ। ତାଙ୍କ ପ୍ରେରଣା ମୋର ବ୍ୟକ୍ତିଗତ ଜୀବନରେ ମଧ ଆଗେଇବାରେ ସହଯୋଗ କରିଛି । ତାଙ୍କ ସ୍ମୃତି ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ପୂର୍ବରୁ ଦିଆଯାଇଥିବା ପ୍ରତିମୂର୍ତ୍ତି ସ୍ଥାପନର ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ କରାଯାଉ ବୋଲି ସମ୍ବଲପୁରର ଓଡିଶା ସଂସ୍କୃତି ସମାଜଭବନଠାରେ ଆୟୋଜିତ ଭାଗବତଙ୍କୁ ଭାବାର୍ପଣ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଥିଲେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ରବିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବିଶିଷ୍ଟ ସାମାଜିକ କର୍ମୀ ଭାଗବତଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ କହିଥିଲେ ଯେ, ଭାଗବତଙ୍କର ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ନିଜର କରିବାର ସାମର୍ଥ୍ୟ ରହିଥିଲା। ତାଙ୍କୁ ଅଜାତଶତ୍ରୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟସଭା ଏମପି ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଅଚାର୍ଯ୍ୟ କହିଥିଲେ ଯେ, ବିଭିନ୍ନ ମତବାଦକୁ ଏକାଠି କରିବାର ଦକ୍ଷତା ତାଙ୍କଠାରେ ଥିଲା। ଜଣେ ଅଭିଭାବକଭାବେ ସେ ମାର୍ଗଦର୍ଶନ ଦେଇ ଆସିଥିଲେ ବୋଲି ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର କହିଥିଲେ।। ବରଗଡ ଏମ୍‌ପି ସୁରେଶ ପୂଜାରୀ କହିଥିଲେ ଯେ, ତାଙ୍କର ହସ ହସ ମୁଖରେ ଅଗ୍ନି ସ୍ଫୁଲିଙ୍ଗ ହେଉଥିଲା। ଛାତ୍ର ଅନ୍ଦୋଳନ ସମୟରେ ତାଙ୍କୁ ପରାମର୍ଶଦାତାଭାବେ ମାନୁଥିଲେ। ତାଙ୍କର ସମାଜସେବା ପଶ୍ଚିମ ଓଡିଶାର ସମସ୍ୟା ଗୁଡିକ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଭାଗବତଙ୍କୁ ସକ୍ରିୟ, ସମ୍ବେଦନଶୀଳ ମଣିଷ ଭାବେ ପୂର୍ବତନ ଏମ୍‌ପି ବାଲଗୋପାଳ ମିଶ୍ର କହିଥିଲେ। ସେହିପରି ରାଜନୈତିକ ଜୀବନ ଉପରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ କହିଥିଲେ। ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ କହିଥିଲେ ଯେ, ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଭଲ ପାଉଥିଲେ। ମନରେ ବାଛ ବିଚାର ନ ଥିଲା ତେଣୁ ସମସ୍ତଙ୍କ ସହ ମିଶି ପାରୁଥିଲେ। ସମସ୍ତଙ୍କୁ ଉତ୍ସାହିତ କରୁଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ କରି ତାଙ୍କ ଜୀବନୀ ଉପରେ ଏକ ଟେଲି ସିନେମା ପରିବେଷଣ କରାଯାଇଥିଲା। ଗୌରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସରୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ହୋତା, ପ୍ରଶାନ୍ତ କୁମାର ପାଟଯୋଶୀ, ଦୀପକ ପଣ୍ଡା, ଲୋକନାଥ ପାଣ୍ଡେ, ଅଶୋକ କୁମାର ମିଶ୍ର ସହଯୋଗ କରିଥିଲେ। ବିଭିନ୍ନ ସମାଜିକ ଅନୁଷ୍ଠାନ ସଦସ୍ୟ, ରାଜନୈତିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍ମୃତି ସଙ୍କଳନ 'ଭାଗବତାୟନ' ଉନ୍ମୋଚନ ହୋଇଥିଲା। ଆଗାମୀ ଦିନରେ ଅନ୍ୟ ଜିଲାଗୁଡିକରେ ମଧ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରଫେସର ପାଢୀ ସୂଚନା ଦେଇଥିଲେ ।




ସମ୍ବଲପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ 'ଭାଗବତାୟନ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ମହୁଲପାଲିରେ ଆମ ପୋଲିସ ସମିତି ବୈଠକ**

କୁଚିଣ୍ଡା,(ଡି.ଏନ.ଏ.): ମହୁଲପାଲି ଥାନା ପକ୍ଷରୁ ରବିବାର ଥାନା ପରିସରରେ ଆମ ପୋଲିସ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୁଲପାଲି ଆଇଆଇସି ସୁଶାନ୍ତ କୁମାର ଦାସ ଅଧ୍ୟକ୍ଷତା କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ୬୦ରୁ ଊର୍ଦ୍ଧ୍ୱ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଭିକାରୀ ଚରଣ ପଟେଲଙ୍କୁ ସଭାପତି ଓ ସୁବୋଧ ପଟେଲଙ୍କୁ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଥାନା ଏସ୍‌ଆଇ ଦିଲୀପ ବେହେରା ଓ ଏଏସଆଇ ଅଞ୍ଜନ କୁମାର ସହଯୋଗ କରିଥିଲେ।

# ଆଇନ କଲେଜ ପାଇଁ ଅନୁଦାନ ଲୋଡ଼ା

**ଆଲୁମନିଙ୍କୁ ଅନୁରୋଧ କଲେ କୁଳପତି**

ସମ୍ବଲପୁର,୧୯।୧୨(ବ୍ୟୁରୋ)

ସମ୍ବଲପୁର ଲଜପତ ରାୟ ଆଇନ କଲେଜରେ ପ୍ରଶାସନିକ କୋଠା, ଏକାଡେମିକ କୋଠା ନିର୍ମାଣ କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ପ୍ରାୟ ଅଢ଼େଇ କୋଟିର ବ୍ୟୟ ଅଟକଳ ରହିଛି। ଆଇନ କଲେଜ ପକ୍ଷରୁ ୬୦ ଲକ୍ଷ ଅନୁଦାନ ଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୧ କୋଟି ଟଙ୍କାର ବଜେଟ ଅନୁମୋଦନ କରିଛି। ହେଲେ ବାକି ୧ କୋଟି ଟଙ୍କାର ଅନୁଦାନ ଲୋଡା ପଡୁଛି। ଏହି ଆର୍ଥିକ ସଙ୍କଟ ଦୂର କରିବା ପାଇଁ କଲେଜ ଆଲୁମନିଙ୍କୁ ଅନୁରୋଧ କରି ସହଯୋଗ ଲୋଡିଛନ୍ତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲ। ସେ କହିଛନ୍ତି ଯେ, ସରକାରଙ୍କ ମୋ କଲେଜ ଯୋଜନା ରହିଛି। ଏଥିରେ ପୁରାତନ ଛାତ୍ରୀଛାତ୍ରମାନେ ଆର୍ଥିକ ସହଯୋଗ ଦେବାର ବ୍ୟବସ୍ଥା ରହିଛି। ଏହି ଅର୍ଥରେ କଲେଜଗୁଡିକର ଉନ୍ନୟନ ମୂଳକ କାମ କରାଯାଇଥାଏ। ତେଣୁ ଏହି ଯୋଜନାରେ ଛାତ୍ରୀଛାତ୍ରମାନେ ସହଯୋଗ କରନ୍ତୁ ବୋଲି ଅନୁରୋଧ କରିଛନ୍ତି। ପ୍ରାୟ ୫୦ ଲକ୍ଷ ଟଙ୍କା ଜମା କରିଦେଲେ ଏହି ଆର୍ଥିକ ସମସ୍ୟା ଦୂର ହୋଇଯିବ ବୋଲି ଆଶା କରାଯାଉଛି। ନୂତନ ଭିତ୍ତିଭୂମି ନିର୍ମାଣ ହୋଇଯିବ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଲଜପତ ରାୟ ଆଇନ କଲେଜ ୧୯୬୫ ମସିହାରେ ଆରମ୍ଭ ହୋଇଥିଲା। ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ କଲେଜ ପରିଚାଳନା ହେଉଥିଲା। ୧୯୬୭ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳନା ହେଲା। ଏହି କଲେଜରେ ବିଏ ଏଲଏଲବି, ଏଲଏଲବି, ୫ ବର୍ଷିଆ ଇଣ୍ଟିଗ୍ରେଟେଡ ଲ ସହ ଡିପ୍ଲୋମା ଇନ୍ ଇଣ୍ଡଷ୍ଟ୍ରିଆଲ ରିଲେସନଶିପ ଏଣ୍ଡ ପର୍ସନାଲ ମ୍ୟାନେଜମେଣ୍ଟ ପାଠ୍ୟକ୍ରମଗୁଡିକ ରହିଛି। ପାଠ୍ୟକ୍ରମ ଅନୁସାରେ ଭିତ୍ତିଭୂମିର ଅଭାବ ରହିଛି। ଏହାକୁ ନେଇ ବିଭିନ୍ନ ଅନୁଷ୍ଠାନ ଓ କର୍ତ୍ତୃପକ୍ଷ ନୂତନ କୋଠା ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି। ଦାବି ଅନୁସାରେ କୋଠା ନିର୍ମାଣ କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ବ୍ୟୟ ଅଟକଳ ମଧ୍ୟ ରହିଛି। ହେଲେ ଆବଶ୍ୟକତା ଠାରୁ କମ୍ ହେବାରୁ କାମରେ ବାଧା ସୃଷ୍ଟି ହେଉଛି। ସହଯୋଗ ମିଳିଲେ ଶୀଘ୍ର କାମ ହୋଇପାରିବ ବୋଲି ଆଶା କରାଯାଉଛି।



ରବିବାର ହୀରାକୁଦ ଡ୍ୟାମ ଜିରୋ ପଏଣ୍ଟ ରାସ୍ତାରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ବିଜେଡିର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

କୁଚିଣ୍ଡା,୧୯।୧୨(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତର ବାଉଁଶ ଗୋଦାମଠାରେ ବିଜେଡି ପକ୍ଷରୁ ରବିବାର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ଅମୂଲ୍ୟ ମିଶ୍ର ଅଧକ୍ଷତା କରିଥିଲେ। ସମ୍ମିଳନୀରେ ବିଧାୟକ କିଶୋର ଚନ୍ଦ୍ର ନାଏକ, ପର୍ଯ୍ୟବେକ୍ଷକ ମନୋଜ କୁମାର ମହାପାତ୍ର ଓ ଖାରାସୁଂ ଦେବ, ଜିଲା ସାଧାରଣ ସମ୍ପାଦକ ସନ୍ତୋଷ ବାରିକ, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାୟକ, ରାଜ୍ୟ ସମ୍ପାଦକ ଭୁବନେଶ୍ୱର କିସାନ, ଜିଲା ଉପସଭାପତି ପ୍ରଦୀପ ମିଶ୍ର, ବ୍ଲକ ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର କିସାନ, ଯୁଧିଷ୍ଠିର ପ୍ରଧାନ, ସରପଞ୍ଚ ବିଶାଖା କିସାନ, ସମିତିସଭ୍ୟା ମନୋହରୀ ପଟେଲ ପ୍ରମୁଖ ଯୋଗଦେଇ ରାଜ୍ୟର ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲେଫ୍ରିପଡା,୧୯।୧୨(ଡି.ଏନ.ଏ): ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସର୍ଗିପାଲି ହାଇସ୍କୁଲଠାରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ଜଗଦୀଶ ଦେହୁରୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ହାଇସ୍କୁଲ ପ୍ରଧାନ ଶିକ୍ଷକ ଖିତେଶ୍ୱର ସା ଏବଂ ସର୍ଗିପାଲି ସରପଞ୍ଚ ବୀରକିଶୋର ସିଂହ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନ୍ଦର ଲାକ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଶାରୀରିକ ବିଭାଗରେ ୫୫, ଦୃଷ୍ଟିବାଧିତରେ ୧୮, ମାନସିକ ଅନଗ୍ରସର ୨୦, ଭାଷାଗତ ବାଧିତ ୧୦ ଜଣ ତଥା ମୋଟ ୧୦୩ ଜଣଙ୍କ ପରୀକ୍ଷା କରାଯାଇ ସିଙ୍ଗଲ ୱିଣ୍ଡୋ ମାଧମରେ ସମସ୍ତ ସେବା ଓ ସୁବିଧା ଯୋଗାଇ ଦିଆଯାଇଥିଲା। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ପରୀକ୍ଷା ନିରୀକ୍ଷା କରି ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲିଟୁନ ମହାନନ୍ଦିଆ, ପ୍ରଗତି ସହାୟକ ଚନ୍ଦ୍ରଭାନୁ ମହାନନ୍ଦିଆ, ବରିଷ୍ଠ ପିଇଓ ଶୁକଦେବ ଦାଶ, ଡୋଲାଚାନ୍ଦ କବାଟ,ରୀତା ବେହେରା, ପାଣ୍ଡବ ପଟେଲ, ମିନୁ ତଣ୍ଡିଆ, ଶ୍ରୀକର ତନ୍ତୀ, ବିପିଏମ ସରୋଜ ଏକ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ମହାମାୟୀଙ୍କ ବାର୍ଷିକ ମହୋତ୍ସବ ପାଳିତ

କୁତ୍ରା,୧୯।୧୨(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ଗ୍ରାମସ୍ଥିତ ମା' ମହାମାୟୀଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରଥମ ବାର୍ଷିକ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ମା' ମହାମାୟୀଙ୍କ ମୁଖ୍ୟ ଗୁରୁ ଦେବଗଡ଼ ଜିଲାର ମନୋଜ ଦାସ ଯୋଗଦେଇ ଦୀପ ପ୍ରଜଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମହାମାୟୀଙ୍କ ପୂଜା କରିବା ଦ୍ୱାରା ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ କରନ୍ତି ମହିଳା ମାନେ। ପ୍ରଥମେ ଗ୍ରାମର ବହୁ ସଂଖ୍ୟକ ମହିଳା ଯୋଗଦେଇ କଳସ ଶୋଭାଯାତ୍ରା କରି ଗ୍ରାମ ପରିକ୍ରମା କରିଥିଲେ। ପରେ ମା'ଙ୍କ ପୂଜା ଏବଂ ଭଜନ କୀର୍ତ୍ତନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ତପନ ପୁରୋହିତ, ସମାରୁ ପ୍ରଧାନ,ଜଗଦିସ ପ୍ରଧାନ, ଭୋଲାନାଥ କାଲୋ, ବିଭୂତି ପୁରୋହିତ ଏବଂ ଏସ୍‌ଏଚ୍‌ଜି ମହିଳା ସହଯୋଗ କରିଥିଲେ।

# ରାଉରକେଲା ବନଖଣ୍ଡରେ ବାଘଗଣନା ତାଲିମ ଶିବିର




ବାଘଗଣନା ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ,୧୯।୧୨

ଉଦିତନଗର ସ୍ଥିତ ଆଇଟିଡିଏ ହଲ ପରିସରରେ ରାଉରକେଲା ବନଖଣ୍ଡ ପକ୍ଷରୁ ବାଘଗଣନା ତାଲିମ ଶିବିର ରବିବାର ଅନୁଷ୍ଠିତ ହୋଇଛି। ଶିବିରରେ ବାଘଗଣନା ପ୍ରକିୟାର ମାଷ୍ଟର ଟ୍ରେନର ଡକ୍ଟର ନିମାଇଁ ପଲେଇ ଓ ଭକ୍ତ ରଥ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ସହକାରୀ ବନ ସଂରକ୍ଷକ ଦିଲୀପ କୁମାର ସାହୁ ଓ ସାଲବିନ୍ଦର ସିଂହଙ୍କ ସମେତ ୬ ରେଞ୍ଜ ଅଫିସର, ୧୮ ଫରେଷ୍ଟର ଓ ୩୫ ଫରେଷ୍ଟଗାର୍ଡ଼ ଉପସ୍ଥିତ ଥିଲେ। ଏହି ବାଘଗଣନା ପ୍ରକ୍ରିୟା ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିସହ ଡିସେମ୍ବର ୨୩ରେ ବାଘମାନଙ୍କ ଗତିପଥ ଓ ବାଘଗଣନା ପାଇଁ ୧୨ଟି ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯିବ। ଏହି ରିପୋର୍ଟ ମୋବାଇଲ ଆପ୍ ମାଧ୍ୟମରେ ଦିଲ୍ଲୀ ସ୍ଥିତ ଜାତୀୟ ବାଘ ସଂରକ୍ଷଣ ବିଭାଗ (ଏନ୍‌ଟିସିଏ)କୁ ପଠାଯିବ ବୋଲି ରାଉରକେଲା ବନଖଣ୍ଡ ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।

## ଫସଲର ଉତ୍ପାଦନ, ସୁରକ୍ଷା ପ୍ରଯୁକ୍ତିବିଦ୍ୟା ସଂକ୍ରାନ୍ତୀୟ ତାଲିମ ଶିବିର

ଲେଫ୍ରିପଡ଼ା,୧୯।୧୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଶୁକ୍ରବାର ହାଇଦ୍ରାବାଦ ସ୍ଥିତ ଇକ୍ରିସାଟ ଏବଂ ଲେଫ୍ରିପଡା କୃଷି ଜିଲା ପକ୍ଷରୁ ଫସଲର ଉତ୍ପାଦନ ଏବଂ ସୁରକ୍ଷା ପ୍ରଯୁକ୍ତି ବିଦ୍ୟା ସଂକ୍ରାନ୍ତୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇକ୍ରିସାଟର ପରାମର୍ଶଦାତା ତଥା ବରିଷ୍ଠ କୃଷି ବୈଜ୍ଞାନିକ ଡ. ଟି.ଭି.କେ. ସିଂହ ଯୋଗଦେଇ କୃଷି ଅଧିକାରୀ, କର୍ମଚାରୀ, ଓଭରସିଅର ଏବଂ ଚାଷୀଙ୍କୁ କୃଷିର ବିକାଶରେ ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ଲେଫ୍ରିପଡା କୃଷି ଜିଲା ଅଧିକାରୀ ପ୍ରଦୀପ କୁମାର ସାହୁ, ଲେଫ୍ରିପଡା ବ୍ଲକ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ହେମଗିର ବ୍ଲକ କୃଷି ଅଧିକାରୀ ଶଶି ପ୍ରଧାନ ଏବଂ ଟାଙ୍ଗରପାଲି ବ୍ଲକ କୃଷି ଅଧିକାରୀ ସୋନିଆ ଟପ୍ପୋଙ୍କ ସମେତ ଟାଙ୍ଗରପାଲି ସହକାରୀ କୃଷି ଅଧିକାରୀ ସୁଶ୍ରିତା ନାଏକ, ଗୋପାଳପୁର ସହକାରୀ କୃଷି ଅଧିକାରୀ ଦୀପକ ଭୋଇ ଏବଂ ହେମଗିର ସହକାରୀ କୃଷି ଅଧିକାରୀ ନବୀନ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ତିନି ବ୍ଲକର ସମସ୍ତ କୃଷି କର୍ମଚାରୀ ଏବଂ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ। ଶିବିରକୁ ଇକ୍ରିସାଟର ସୁନ୍ଦରଗଡ଼ ସଂଯୋଜକ ଅଜିତ ମିଶ୍ର ପରିଚାଳନା କରିଥିଲେ।

# ସେବା ଓଡ଼ିଶାର ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ




ଅନୁଷ୍ଠାନର କର୍ମକର୍ତ୍ତା ସଚେତନତା ସୃଷ୍ଟି କରୁଛନ୍ତି।

ରାଉରକେଲା ଅଫିସ,୧୯।୧୨

ରାଉରକେଲା ଉଦିତନଗର ସ୍ଥିତ ଆମ୍ବେଡ଼କର ଛକରେ ସେବା ଓଡ଼ିଶା ଚାରିଟ୍ରେବୁଲ ଅନୁଷ୍ଠାନ ପକ୍ଷରୁ ସଡ଼କ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଛି। ଏ ନେଇ ଟ୍ରଷ୍ଟ ସଭାପତି ନବୀନ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏକ ସଡ଼କ ସୁରକ୍ଷା ରାଲିର ଆୟୋଜନ କରାଯାଇଥିଲା। ଏହି ରାଲିରେ କର୍ମକର୍ତ୍ତା ଉପସ୍ଥିତ ରହି ସହରବାସୀଙ୍କୁ ବାଇକ ଚାଳନା ସମୟରେ ହେଲମେଟ ପିନ୍ଧିବା, ଦ୍ରୁତଗତିରେ ଗାଡ଼ି ଚାଳନା ନ କରିବା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା ଭଳି ସଚେତନତା ବାର୍ତ୍ତା ଦେଇଥିଲେ। ଉପସଭାପତି ଅଶୋକ ଗିରି, ଯୋଗେନ୍ଦର ସିଂ, ପିଣ୍ଟୁ ପ୍ରସାଦ, ଆର, ଜଗନ୍ନାଥ ରାଓ, ଦୀପକ ସାମଲ, ବିବେକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପୂର୍ଣ୍ଣ ମରୁଡି ଘୋଷଣା, ଓରିଏଣ୍ଟ କାଗଜକଳକୁ ପୁନଃ କାର୍ଯ୍ୟକ୍ଷମ ଦାବି

**ଝାରସୁଗୁଡା ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ ଉଦ୍‌ଯାପିତ**

ଝାରସୁଗୁଡା ଅଫିସ୍,୧୯।୧୨

ଝାରସୁଗୁଡା ଜିଲା ଭାଜପା ତରଫରୁ ସ୍ଥାନୀୟ ସ୍ୱରୂପ ଗାର୍ଡେନରେ ୨ଦିନଧରି ଚାଲିଥିବା ଜିଲା କାର୍ଯ୍ୟକାରିଣୀ ବୈଠକ ଓ ପ୍ରଶିକ୍ଷଣ ଶିବିର ରବିବାର ସମାପନ ହୋଇଯାଇଛି । ଏହି ବୈଠକ ପ୍ରଥମ ଦିବସରେ ଜିଲା ସଭାପତି ମଙ୍ଗଳ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ତଥା କୁଚିଣ୍ଡା ପୂର୍ବତନ ବିଧାୟକ ରବି ନାରାୟଣ ନାୟକ ମୁଖ୍ୟଅତିଥି,ଜିଲା ପ୍ରଭାରୀ ତଥା ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ,ବ୍ରଜରାଜନଗର ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାକୁ ଜିଲା ସାଧାରଣ ସମ୍ପାଦକ ଚକାନନ ସା ପରିଚାଳନା କରିଥିଲେ । ଏହି କାର୍ଯ୍ୟକାରିଣୀ ବୈଠକ ପ୍ରଥମ ଦିବସରେ ଆଞ୍ଚଳିକ ବିଭିନ୍ନ ସମସ୍ୟା, ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ, ଚାଷୀଙ୍କ ଉପରେ ରାଜ୍ୟ ସରକାରଙ୍କ ଟୋକନର ଅବ୍ୟବସ୍ଥା,ଝାରସୁଗୁଡା ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା,ବ୍ରଜରାଜନଗରରେ ବନ୍ଦଥିବା ଓରିଏଣ୍ଟ କାଗଜ କଳକୁ ପୁନଃ କାର୍ଯ୍ୟକ୍ଷମ କରିବା, ଘରୋଇ ବିଦ୍ୟୁତ କମ୍ପାନୀର ମନମୁଖୀ କାର୍ଯ୍ୟକୁ ବିରୋଧ,ଏମ୍‌ପି ସୁରେଶ ପୂଜାରୀଙ୍କ ଉଦ୍ୟମରେ ଝାରସୁଗୁଡାରେ କୋଲ୍ ଟ୍ରିବ୍ୟୁନାଲ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହୋଇଥିବାରୁ କେନ୍ଦ୍ର ସରକାର ଓ ଏମ୍‌ପିଙ୍କୁ ଧନ୍ୟବାଦ,କେନ୍ଦ୍ର ସରକାରଙ୍କ କରୋନା ଟିକା ପ୍ରଦାନ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଲୋକସଭାରେ ଏମ୍‌ପିଙ୍କ ଉପସ୍ଥାପନ, ଜିଲାର ପ୍ରତ୍ୟେକ ବ୍ଲକ୍‌ରେ ଶୀତଳଭଣ୍ଡାର ପ୍ରତିଷ୍ଠା ଦାବି ଆଦି ଉପରେ ଏକ ରାଜନୈତିକ ଚିଠା ପ୍ରସ୍ତାବ ପାରିତ କରାଯାଇଥିଲା। ଏହିପରି ବୈଠକର ଦ୍ୱିତୀୟ ଦିନରେ ମଞ୍ଜରୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ୪ସୂତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ସୂତ୍ରୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ ପଣ୍ଡା ପ୍ରଶିକ୍ଷକ ଭାବେ ରାଷ୍ଟ୍ରୀୟ ବିଚାରଧାରା ଓ ଭାଜପା ଦଳର ନୀତିଆଦର୍ଶ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଦ୍ୱିତୀୟ ସୂତ୍ରରେ ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ ସାମାଜିକ ଗଣମାଧ୍ୟମ,ପ୍ରୀଣ୍ଟ ଓ ବୈଦ୍ୟୁତିକ ମିଡିଆ,ସୂଚନା ପ୍ରଯୁକ୍ତି ଆଦି ସଦ୍‌ଉପଯୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ମହେନ୍ଦ୍ର କେଡିଆ । ତୃତୀୟ ସୂତ୍ରରେ ସଙ୍ଗଠନ ସରଂଚନା ଓ ନିର୍ବାଚନ ପରିଚାଳନା ସମ୍ପର୍କରେ ଜିଲା ସଭାପତି ମଙ୍ଗଳ ସାହୁ ପ୍ରଶିକ୍ଷଣ ଦେଇଥିବାବେଳେ ସଞ୍ଜୟ ଭୋଇ ସଭାପତିତ୍ୱ କରିଥିଲେ। ଚର୍ତୁଥ ତଥା ସମାରୋପ ସୂତ୍ରରେ ମୁଖ୍ୟ ଅତିଥିଭାବେ ବରଗଡ ଏମ୍‌ପି ସୁରେଶ ପୂଜାରୀ ଯୋଗଦେଇ ସମାରୋପ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିରେ ନବଲ ଅଗ୍ରୱାଲ,ବିମଳେନ୍ଦୁ ଭୋଳ,ପ୍ରେମସେନ ରାୟ, ରୀନା ପଟେଲ, ଆଲୋକ ସାହୁ, ଦ୍ୱିତୀୟ ଭୋଇ, ସୁଦାମ ପ୍ରଧାନ,କୁନ୍ଦନ ସିଂହଦେଓ, ପଙ୍କଜ ବେହେରା, ରାଜେଶ ଦାସ, ହେମନ୍ତ ପଟେଲ,ଏକ୍କାଦସିଆ ରଣା, ଟିକିନା ଧଳ, ସୁରେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଫୁଟବଲ୍ ଟୁର୍ନାମେଣ୍ଟ: ଗର୍ରାଖାଇ ଚାମ୍ପିୟନ

ଝାରସୁଗୁଡା ଅଫିସ୍,୧୯।୧୨



ବିଜୟୀ ଦଳକୁ ଅତିଥିମାନେ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

ଝାରସୁଗୁଡା ଜିଲା ବେଲପାହାଡ ପୌରାଞ୍ଚଳ ଅନ୍ତର୍ଗତ ଠୁଙ୍ଗିଆଡେରା ଜୟ ବଜରଙ୍ଗ କ୍ଲବ୍ ତରଫରୁ ତ୍ରିଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଫାଇନାଲ୍ ହୋଇଯାଇଛି। ଏଥିମଧ୍ୟରେ ଗର୍ରାଖାଇ ଦଳ ଓ ଜାହାଜପଡା ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ଜାହାଜପଡା ଦଳକୁ ହରାଇ ଗର୍ରାଖାଇ ଦଳ ଚାମ୍ପିୟନ ହୋଇଥିଲା। ଏହି ଫାଇନାଲ୍ ମ୍ୟାଚ୍‌ରେ ଜିଲା କଂଗ୍ରେସ ସଭାପତି ଭରତ ଅଗସ୍ତି ମୁଖ୍ୟଅତିଥି, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ବେଲପାହାଡ ଟାଉନ୍ କଂଗ୍ରେସ ସଭାପତି ଭାସ୍କର ପଟେଲ, ଭଗୀରଥ ପାତ୍ର, କିଶୋର ସାହୁ, ଚିତ୍ତରଞ୍ଜନ ରଥ, ରାଜେଶ ଶୁକ୍ଲା, ହିରାଧର ମାଝି, ପର୍ଶୁ ବୁଢୁଲା, ପୂର୍ଣ୍ଣ ବୁଢୁଲା, ପ୍ରଦୀପ ବାନୀ, ରାଜେଶ କୁର୍ମୀ, କୁନା ଭୋଇ, ଜଗା ପଟ୍ଟନାୟକ, ରାଜେଶ ହର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ବିଜେତା ଗର୍ରାଖାଇ ଦଳକୁ ଚାମ୍ପିୟନ ଟ୍ରଫି ସହ ୨୦ହଜାର ଟଙ୍କା ଓ ଉପବିଜେତା ଜାହାଜପଡା ଦଳକୁ ରନର୍ସ ଟ୍ରଫି ସହ ୧୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଆୟୋଜକ ଜୟ ବଜରଙ୍ଗ କ୍ଲବ୍‌ର ସଦସ୍ୟମାନେ ସହଯୋଗ କରିଥିଲେ।

# ଓଏସ୍‌ଇବି ୟୁନିୟନର ମିଶ୍ରଣ ପର୍ବ

ରାଉରକେଲା ଅଫିସ,୧୯।୧୨

ରାଉରକେଲା ଓଏସ୍‌ଇବି ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ଉଦିତନଗର ସ୍ଥିତ ସଂଘ କାର୍ଯ୍ୟାଳୟରେ ସଭାପତି ଇଂ. ହରିହର ବେହେରାଙ୍କ ଅଧ୍ୟକ୍ଷତାରେ ମିଶ୍ରଣ ପର୍ବ ପାଳିତ ହୋଇଛି। ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ଅନୀଲ ମଲ୍ଲିକ, ସୁକାନ୍ତ ମହାନ୍ତି, ଦିଗନ୍ତ ବାରିକ ଅତିଥି ଭାବେ ଉପସ୍ଥିତ ଥିଲେ। ମିଶ୍ରଣ ପର୍ବରେ ବିଦ୍ୟୁତ ସର୍କଲ ଅଧୀନ ସମସ୍ତ କର୍ମଚାରୀ, ସୁନ୍ଦରଗଡ଼ ଜିଲାରେ ଟାଟା ପାୱାର ଦ୍ୱାରା ନିଯୁକ୍ତ ବିଭିନ୍ନ ବ୍ୟବସାୟିକ ସହଯୋଗୀ ସଙ୍ଗଠନର ୪ଶହ ବିଦ୍ୟୁତ କର୍ମଚାରୀ ଓ ଠିକା ଶ୍ରମିକ ଓଏସ୍‌ଇବି ଏମ୍ପ୍ଲଇଜ ୟୁନିୟନରେ ସଭ୍ୟ ଭାବେ ଯୋଗ ଦେଇଥିଲେ। ବ୍ୟବସାୟିକ ସହଯୋଗୀ ଅନୁଷ୍ଠାନ ଗୁଡିକୁ ଉଚିତ ସମୟରେ ଦରମା ପ୍ରଦାନ, ଠିକା କର୍ମଚାରୀଙ୍କ ଇଏସ୍‌ଆଇ ଚିକିତ୍ସା ଓ ପିଏଫ୍, ଗ୍ରୁପ ଇନ୍ସୁରାନ୍ସ, ଦକ୍ଷତା ବୃଦ୍ଧି ସକାଶେ ତାଲିମ ବ୍ୟବସ୍ଥା, ବିଦ୍ୟୁତ କାର୍ଯ୍ୟ ସମୟରେ ନିରାପଦକରଣ ସାମଗ୍ରୀ ଯୋଗାଣ ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବରିଷ୍ଠ ସଦସ୍ୟ ପ୍ରଭାତ କୁମାର ବେହେରା, ଆନନ୍ଦ ଗିରି, ସନ୍ତୋଷ ମହାନ୍ତି, ମୌସମ ଦାସ, କପିଳ ପୃଷ୍ଟି, ବିଜୟ କୁମାର ପ୍ରଧାନ, ପ୍ରଦୀପ ଭୋଳ, ଜୟନ୍ତ ଚାଲାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଂଘର ସାଧାରଣ ସମ୍ପାଦକ ସୁବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଓଏସ୍‌ଇବିର ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସିମ୍ଫୋନୀ କମ୍ପାନୀର ଡିଲର ମିଟ୍

ସମ୍ବଲପୁର,୧୯।୧୨(ବ୍ୟୁରୋ)

ସିମ୍ଫୋନୀ କମ୍ପାନୀର ଡିଲର ମିଟ୍ ରବିବାର ସମ୍ବଲପୁରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ଜୋନାଲ ସେଲ୍‌ସ ମୁଖ୍ୟ ରତିଶ ଶ୍ରୀବାସ୍ତବ ଯୋଗଦେଇ ସିମ୍ଫୋନୀ କୁଲର ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ ଯେ, କରୋନା ସଂକ୍ରମଣ ଯୋଗୁ ପ୍ରାୟ ଦୁଇ ବର୍ଷ ବ୍ୟବସାୟ ମାନ୍ଦା ହୋଇଛି। ବ୍ୟବସାୟୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କମ୍ପାନୀ ସଦାସର୍ବଦା ଡିଲରମାନଙ୍କ ସୁଖ ଦୁଃଖର ସାଥୀ ହୋଇଛି। ଭବିଷ୍ୟତରେ ମଧ୍ୟ ରହିବ । ବ୍ୟବସାୟୀଙ୍କୁ ପ୍ରୋତ୍ସାହନ କରିବା ନେଇ କମ୍ପାନୀ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିଛି। ଡିଲରମାନଙ୍କଠାରେ ମହଜୁଦ ଥିବା କମ୍ପାନୀ କୁଲରଗୁଡିକରେ ୧୦ ପ୍ରତିଶତ ରିହାତି କରାଯାଇଛି। ସେହିପରି ଅନ୍ୟ କମ୍ପାନୀର କୁଲରଗୁଡିକରେ ୫ ପ୍ରତିଶତ ରିହାତି କରାଯାଇଛି। ଯଦ୍ୱାରା ଡିଲରମାନେ ପ୍ରୋତ୍ସାହିତ ହେବେ। ସେମାନଙ୍କ ଆର୍ଥିକ ସ୍ଥିତି ସୁଧୁରିବାରେ ସହାୟକ ହୋଇପାରିବ। ତେଣୁ କମ୍ପାନୀ ଡବଲ ଡୋଜ ଅଫର ଆରମ୍ଭ କରିଛି ବୋଲି ରତିଶ କହିଥିଲେ। ସିମ୍ଫୋନୀ କମ୍ପାନୀ ଡିଲର ମା' ଅଟୋମୋବାଇଲ ସତ୍ତ୍ୱାଧିକାରୀ ସୁଜିତ କୁମାର ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶାଖା ପରିଚାଳକ ପ୍ରକାଶ କୁମାର ବାରିକ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସୂଚନା ପ୍ରଦାନ କରିଥିଲେ। ସହରର ବିଭିନ୍ନ ଅଞ୍ଚଳରୁ ଡିଲରମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, କମ୍ପାନୀର ୫ଟି ଦେଶରେ ଉତ୍ପାଦକେନ୍ଦ୍ର ରହିଛି। ୬୦ଟି ଦେଶରେ ବ୍ୟବସାୟ କରୁଛି। କମ୍ପାନୀର ୫୦ଟି ମଡେଲ କୁଲର ଗ୍ରାହକଙ୍କୁ ଆକୃଷ୍ଟ କରିଛି ବୋଲି ଡିଲର ମିଟ୍‌ରେ କମ୍ପାନୀ ପକ୍ଷରୁ ସୂଚିତ କରାଯାଇଥିଲା।




ସମ୍ବଲପୁରଠାରେ ଆୟୋଜିତ ସିମ୍ଫୋନୀ କମ୍ପାନୀର ଡିଲର ମିଟ୍‌ରେ କମ୍ପାନୀର ଅଧିକାରୀ ଓ ଡିଲରମାନେ।

**ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ**

ରାଜଗାଙ୍ଗପୁର, (ଡି.ଏନ.ଏ.): ରାଜଗାଙ୍ଗପୁର ପୌରାଞ୍ଚଳର ଇଦଗାହାପଡା ନିବାସୀ ମହମ୍ମଦ ମୁରସିଦ (୩୦) ଶନିବାର ରାତିରେ ରାଜଗାଙ୍ଗପୁର କୁମାରକେଲା ଫାଟକ ନିକଟରେ ଏକ ପାସେଞ୍ଜର ଟ୍ରେନରେ କଟି ମୃତ୍ୟୁବରଣ କରିଛନ୍ତି। ଘଟଣାର ଖବର ପାଇ ରାଜଗାଙ୍ଗପୁର ଜିଆରପି ସବଇନ୍ସପେକ୍ଟର ମାରିଆନୁସ ମିଞ୍ଜ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ରଖିଥିଲେ।

**ସଂକ୍ଷେପରେ**

## ଲୁଟ୍ ଘଟଣାରେ ଜଣେ ଗିରଫ

**ରାଜଗାଙ୍ଗପୁର, ୧୯।୧୨(ଡି.ଏନ.ଏ.):** ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାମପାଲି ବାଇପାଶ ନିକଟରେ ଶନିବାର ଦିନ ୧୨ରେ କୁକୁଡା ଗ୍ରାମର ସୁସ୍ମିତା ସାହୁ ରାଜଗାଙ୍ଗପୁରରୁ କମ୍ପ୍ୟୁଟର ଶିକ୍ଷା ସାରି ସାଇକେଲରେ ଘରକୁ ଫେରୁଥିଲେ। ୨ଜଣ ଦୁର୍ବୃତ୍ତ ମୋଟର ସାଇକେଲ ଯୋଗେ ଆସି ତାଙ୍କୁ ଅଟକାଇ ଭେନେଟି ବ୍ୟାଗ ଲୁଟ୍ କରି ଫେରାର୍ ହୋଇଥିଲେ। ରାଜଗାଙ୍ଗପୁର ଥାନାରେ ଏ ସମ୍ପର୍କରେ ସୁସ୍ମିତା ଏତଲା ଦେଲାପରେ ପୋଲିସ ଘଟଣାର ତଦନ୍ତ କରି ରାଜଗାଙ୍ଗପୁର ଭାଟାପଡାର ସୋନି ସିଂ ରାଜପୁତଙ୍କୁ ଗିରଫ କରିଛି।

## ବଡ଼ଗାଁ ପୋଷ୍ଟ ଅଫିସ, ମଙ୍ଗଳା ମନ୍ଦିରରୁ ଚୋରି

**ବଡ଼ଗାଁ, ୧୯।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ପୋଷ୍ଟ ଅଫିସରୁ ପୁଣି ଚୋରି ହୋଇଛି। ଶନିବାର ରାତି ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୨ ଲାପ୍‌ଟପ, ୨ପ୍ରିଣ୍ଟର ମେଶିନ ନେଇଯାଇଥିଲେ। ନିକଟରେ ଥିବା ମଙ୍ଗଳା ମନ୍ଦିରରୁ ପିତଳ ବାସନ ସାମଗ୍ରୀ ନେଇ ଯାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଦୁଇ ମାସ ତଳେ ପୋଷ୍ଟ ଅଫିସରୁ ଚୋରି ହୋଇଥିଲା। ତେବେ ଅଞ୍ଚଳରେ ଚୋରି ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। କିଛିଦିନ ତଳେ ବଡ଼ଗାଁର ଆଲୋକ ପଟ୍ଟନାୟକ ରଖିଥିବା ୨୩ ବସ୍ତା ଧାନ ଚୋରି ହୋଇଥିଲା। ବଡ଼ଗାଁ ବସଷ୍ଟାଣ୍ଡର ଏକ ରାଶନ ଦୋକାନ ସମ୍ମୁଖରେ ବାଇକ୍ ରଖିଥିବା ଜଣେ ବ୍ୟକ୍ତିଙ୍କ ବାଇକ ଡିକି ଖୋଲି ୨୦ହଜାର ଟଙ୍କା ଦୁର୍ବୃତ୍ତ ନେଇଯାଇଥିଲେ।

## ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ବିଭାଗ ପକ୍ଷରୁ ଦୋକାନରେ ଚଢ଼ାଉ

**ବଡ଼ଗାଁ, ୧୯।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଶନିବାର ବିଭିନ୍ନ ଦୋକାନରେ ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ବିଭାଗ କର୍ମଚାରୀଙ୍କ ପକ୍ଷରୁ ଶନିବାର ଚଢାଉ କରାଯାଇଥିଲା। ପାନ ଦୋକାନ ଓ ଫାଷ୍ଟ ଫୁଡ ଦୋକାନରେ ଗୁଟଖା ଏବଂ ସସ ଜବତ କରି ଦୋକାନୀମାନଙ୍କ ଉପରେ ଜରିମାନା କରିଥିଲେ। ଆକସ୍ମିକ ଚଢ଼ାଉ ଯୋଗୁ ଦୋକାନୀମାନଙ୍କ ମଧ୍ୟରେ ଛନକା ପଶିଯାଇଛି।

## ବୋଲେରୋ-କାର୍ ମୁହାଁମୁହିଁ ଧକ୍କା

**ଲହୁଣୀପଡା,୧୯।୧୨(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜିଂ ପଞ୍ଚାୟତ ୧୪୩ ନମ୍ବର ଜାତୀୟ ରାଜପଥ ବିରତୋଳା ବିଶ୍ରାମ ଗୃହ ନିକଟରେ ରବିବାର ସନ୍ଧ୍ୟା ପ୍ରାୟ ସାତଟାରେ ବୋଲେରୋ ଓ କାର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରରେ ବସିଥିବା ସ୍ୱାମୀ ସ୍ତ୍ରୀ ଓ ଦୁଇ ସନ୍ତାନ ସୌଭାଗ୍ୟବଶତଃ ବଞ୍ଚି ଯାଇଥିବାବେଳେ ବୋଲେରୋ ଚାଳକ ସମେତ ଯାତ୍ରୀମାନେ ମଧ୍ୟ ବର୍ତ୍ତିଯାଇ ଫେରାର ହୋଇଯାଇ ଥିବା ଜଣାପଡିଛି। ଅନୁଗୋଳ ନାଲକୋରୁ ଓଡ଼ି ୦୨ଏଏକ୍ସ-୦୨୧୯ କାର ଯୋଗେ ରାଉରକେଲା ଦେଇ ରାଞ୍ଚି ଯାଉଥିବା ବେଳେ ରାଉରକେଲା ପଟରୁ ଓଆର୦୯କେ-୪୮୮୦ ବୋଲେରୋ ଲହୁଣୀପଡା ପଟେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ବନ୍ଦ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଉ

**ଲହୁଣୀପଡ଼ା,୧୯।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବଡ଼ପୁରୁଣାପଣି ପଞ୍ଚାୟତ କପଣ୍ଡ ଗ୍ରାମରେ ବନ୍ଦ ଥିବା ପେଲେଟ ପ୍ଲାଣ୍ଟ କାର୍ଯ୍ୟକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କପଣ୍ଡ ସେବା ସମିତି ପକ୍ଷରୁ ଏକ ଦାବିପତ୍ର ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗଙ୍କୁ ପ୍ରଦାନ କରାଯାଇଛି। କପଣ୍ଡ ଗ୍ରାମର ଖାତା ନମ୍ବର ୧୧୮ ପ୍ଲଟ ନମ୍ବର ୧୧୦୪ ଓ ୧୧୦୭ର ପ୍ରାୟ ଶତାଧିକ ଏକର ଜମି ଇଡ଼କୋକୁ ଉଦ୍ୟୋଗୀ ଲିଜ ମାଧ୍ୟମରେ ଯୋଗାଇ



ବଣାଇ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦିଆଯାଇଛି। ସେଠାରେ କାଇ ଇଣ୍ଟର ନ୍ୟାସନାଲ କମ୍ପାନୀ ତରଫରୁ ଶିଳ୍ପ ପ୍ରତିଷ୍ଠା କରାଯିବ। ଯାହା କି ଗତ ଫେବୃୟାରୀରେ ଭରଚୁଆଲ ଭିଡିଓ ମାଧ୍ୟମରେ ଶିଳାନ୍ୟାସ କରାଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ବଣାଇ ବିଧାୟକ, ଜିଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଉକ୍ତ ସ୍ଥାନରେ ଶିଳ୍ପ ପ୍ରତିଷ୍ଠା କରାଗଲେ ବ୍ୟାପକ ଗଛ କଟାଯିବ। ସ୍ଥାନୀୟ ବାସିନ୍ଦା ପ୍ରଭାବିତ ହେବା ସହିତ ପରିବେଶ ପ୍ରଦୂଷଣ ହେବା ଆଶଙ୍କାରେ କିଛି ଲୋକ ଅଦାଲତର ଆଶ୍ରୟ ନେଇଥିଲେ। ଫଳରେ ଶିଳ୍ପ ପ୍ରତିଷ୍ଠା କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।ଫଳରେ ସେଠାରେ ନିୟୋଜିତ ହୋଇଥିବା ପ୍ରାୟ ୫୦ ଶ୍ରମିକ କାର୍ଯ୍ୟରୁ ବଞ୍ଚିତ ହୋଇଥିଲେ। ଏହି ଶିଳ୍ପ ପ୍ରତିଷ୍ଠା ହେଲେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ନିଯୁକ୍ତି ପାଇବା ସମ୍ଭାବନା ଥିବାବେଳେ ପରୋକ୍ଷ ଭାବେ ଅନେକ ଲୋକ ଉପକୃତ ହେବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାନୀୟ ଜଳ ବିଦ୍ୟୁତ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ବିକାଶ ଘଟିବା ଦର୍ଶାଇ କପଣ୍ଡ ସେବା ସମିତି ପକ୍ଷରୁ ବଡ ପୁରୁଣାପଣି ପଞ୍ଚାୟତ ସରପଞ୍ଚ ପର୍ଶୁରାମ ଓରାମ, ୱାର୍ଡ ସଭ୍ୟ ଛାଲ ମାହାନ୍ତ, ବାସନ୍ତୀ କାଲ, କପଣ୍ଡ ସେବା ସମିତିର ସଭାପତି ପଙ୍କଜ କୁମାର ଦାସ, ସମ୍ପାଦକ ବିକ୍ରମ ପାତ୍ର ସମେତ ପ୍ରାୟ ତିନିଶହ ସମ୍ବଳିତ ଦସ୍ତଖତ ଥିବା ଏକ ଦାବିପତ୍ର ବଣାଇ ଉପଜିଲାପାଳଙ୍କୁ ପ୍ରଦାନ କରିବା ସହିତ ସାକ୍ଷାତ ଆଲୋଚନାରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରାଯାଇଛି।

## ବଡ଼ଗାଁ ହାଇସ୍କୁଲ ଜମିର ସୁରକ୍ଷା ଦାବି କଲେ କମିଟି

**ବଡ଼ଗାଁ, ୧୯।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଜମି ସୁରକ୍ଷାକୁ ନେଇ ସ୍କୁଲ କମିଟି ହସ୍ତକ୍ଷେପ କରିଛନ୍ତି। ସ୍କୁଲର କେତେକ ଜାଗାକୁ ମାଡ଼ିବସିଥିବା ବ୍ୟକ୍ତି ଛାଡ଼ିବାକୁ ନାରାଜ ଥିବାରୁ ସ୍କୁଲ ପରିସରକୁ ପାଚେରି ଘେରା କରାଯାଇପାରିନାହିଁ। ପାଚେରି ନିର୍ମାଣ ପରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଉଥିବାରୁ ଗୁରୁବାର ସ୍କୁଲ କମିଟିର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ଦେଖିଥିଲେ। ପୂର୍ବରୁ ଏଠାରେ କେବଳ ଶିକ୍ଷକଙ୍କ ବାସଗୃହକୁ ଯିବା ପାଇଁ ରାସ୍ତା ଥିଲା। ତେଣୁ ବର୍ତ୍ତମାନ ପାଚେରୀ ଦିଆଯିବା ଆବଶ୍ୟକ ବୋଲି ଦାବି କରିଥିଲେ। ସୂଚନାଯୋଗ୍ୟ ଯେ, ସ୍କୁଲ ଜମିକୁ କେତେକ ବ୍ୟକ୍ତି ଜବର୍ ଦଖଲ କରିଥିବାରୁ ମାପକରି ଜମିର ସୁରକ୍ଷା ପାଇଁ ଦାବି କରି ଆସୁଛନ୍ତି।

# ୧୫୪ ବସ୍ତା ଧାନ ଜବତ

**ବେଆଇନ ଧାନ ମହଜୁଦ ମାମଲା**

**ଲେଫ୍ରିପଡା, ୧୯।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଗିରିଙ୍ଗକେଲା ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟର୍ସରେ ବେଆଇନଭାବେ ବିପୁଳ ପରିମାଣର ଧାନ ମହଜୁଦ ଥିବା ଖବରପାଇ ଲେଫ୍ରିପଡା ତହସିଲଦାର ସାରିକାରାଣୀ ଧାମେଲଙ୍କ ନେତୃତ୍ୱରେ ଯୋଗାଣ ବିଭାଗ ଅଧିକାରୀ ତଥା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବିଜୟ କୁମାର ବାରିକ, ସହକାରୀ ଯୋଗାଣ ଅଧିକାରୀ ସୁରେନ୍ଦ୍ର ବାଗ ଏବଂ ସଦର ଯୋଗାଣ ନିରୀକ୍ଷକ ବବିଲତା ବେହେରା, ରେଭନ୍ୟୁ ସୁପରଭାଇଜର ତୃପ୍ତିମୟୀ ପଟେଲ ପ୍ରମୁଖ ସଦଳବଳ ଶୁକ୍ରବାର ଚଢ଼ାଉ କରିଥିଲେ। ସେହିଦିନ ସନ୍ଧ୍ୟାହେବାରୁ ସମ୍ପୃକ୍ତ କ୍ୱାର୍ଟର୍ସକୁ ସିଲ କରିଦିଆ ଯାଇଥିଲା। ଶନିବାର ଧାନବସ୍ତା ଓଜନ କରାଯାଇ ବେଆଇନ ଭାବେ ରଖାଯାଇଥିବା ବିପୁଳ ପରିମାଣ ଧାନ ଜବତ କରିଥିବା ଜଣାପଡିଛି।

ତହସିଲଦାର ଧାମେଲଙ୍କ ସୂଚନା ମୁତାବକ ଉକ୍ତ କ୍ୱାର୍ଟର୍ସରେ ମୋଟ ୩୩୩ ବସ୍ତା ତଥା ୧୪୯.୮୪ କୁଇଣ୍ଟାଲ ଧାନ ମହଜୁଦ ରହିଥିଲା ବେଳେ ତାହା ଲେଫ୍ରିପଡା ଲ୍ୟାମ୍ପସର ପୂର୍ବତନ ପରିଚାଳନା ପରିଷଦର ସଦସ୍ୟ ତଥା ଗିରିଙ୍ଗକେଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ବଚନ ପ୍ରଧାନ ସରକାରୀ କ୍ୱାର୍ଟର୍ସରେ ବେଆଇନଭାବେ ରଖିଥିଲେ। ପ୍ରଧାନଙ୍କ ନାମରେ ଲେଫ୍ରିପଡା ଲ୍ୟାମ୍ପସରେ ଧାନ ବିକ୍ରି ପାଇଁ ୮୧.୮୯ କୁଇଣ୍ଟାଲର ଟୋକନ ଆସିଥିବାରୁ ସେତିକି ପରିମାଣର ଧାନ ବାଦ ଦେଇ ବାକି ୧୫୪ ବସ୍ତା ତଥା ୬୭.୯୫ କୁଇଣ୍ଟାଲ ଧାନ ଜବତ କରାଯିବା ସହ ମାମଲା ରୁଜୁ କରାଯାଇ ଧାନକୁ ଜବତ କରାଯାଇଛି। ଏହି ସମ୍ପର୍କରେ ସୁନ୍ଦରଗଡ଼ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଚଢ଼ାଉ କରିଥିବା ଅଧିକାରୀ ଗଣ ସୂଚନା ଦେଇଛନ୍ତି।

# ନମାଜୀ ଛାତ୍ରଙ୍କୁ ସାଇକେଲ ବଣ୍ଟନ

**ସୁନ୍ଦରଗଡ଼,୧୯।୧୨(ଡି.ଏନ୍.ଏ)**

ସୁନ୍ଦରଗଡ଼ ଡେଙ୍ଗିଭାଡିସ୍ଥିତ ମଦିନା ମସ୍‌ଜିଦ ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ଏକ ସମାରୋହରେ ନିୟମିତ ନମାଜପାଠ କରୁଥିବା ଛାତ୍ରଙ୍କୁ ସାଇକେଲ ଦେଇ ପୁରସ୍କୃତ କରାଯାଇଛି। ମକତବ କମିଟି ପକ୍ଷରୁ ଆୟୋଜିତ ଏହି ସମାରୋହରେ ବିଗତ ୪୦ଦିନ ଧରି ନିୟମିତ ଦୈନିକ ୫ଥର ନମାଜ ପାଠ କରିଥିବା ଡେଙ୍ଗିଭାଡିର ୨୨ଛାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଛି। ଏହି ଛାତ୍ରମାନଙ୍କୁ ଗତ ମାସରୁ ଦୈନିକ ୫ଥର ନମାଜପାଠ କରିବା ସହ ସଚ୍ଚରିତ୍ରତା, ସତ୍ୟବାଦୀତା, ସତବ୍ୟବହାର, ଅସହାୟଙ୍କୁ ସାହାର୍ଯ୍ୟ ପରି ଆଚରଣ କରିବା ପାଇଁ ପ୍ରେରିତ କରାଯାଇଥିଲା। ଏହି ପୁରସ୍କାର ବିତରଣ ଉତ୍ସବରେ ମଦିନା ମସ୍‌ଜିଦର ପେଶ ଇମାମ ହାଜୀ ଅବଦୁଲ ରସିଦ କାଦରୀ କହିଥିଲେ ଯେ,ନମାଜ ମଣିଷକୁ ସମସ୍ତ ପ୍ରକାର ବଦଭ୍ୟାସ ଓ କୁସଂସ୍କାରରୁ ରକ୍ଷା କରିବା ସହ ନିଜ ଉପରେ ସଂଯମ ଓ ନିୟନ୍ତ୍ରଣ ତାଲିମ ଦିଏ। ତେଣୁ ନିୟମିତ ନମାଜ ପାଠ ଅଭ୍ୟାସ କରିବା ପାଇଁ ପିଲାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଆୟୋଜକ କମିଟିର ଆରଜୁ ହୁସେନ୍, ମସଜିଦ କମିଟି ସଭାପତି ହାଜୀ ସମସାଦ ଆଲମ, ସମ୍ପାଦକ ହାଜୀ ଏମ୍‌ଡି ସରୱାର, ଉପସଭାପତି ଅବଦୁଲ ଜୱାର, ମହମ୍ମଦ ସରଫରାଜ, ମହମ୍ମଦ ନିୟାଜ୍, ମହମ୍ମଦ ଅନଓର, ମହମ୍ମଦ ଖୁର୍ସିଦ ପ୍ରମୁଖ ଯୋଗଦେଇଥିଲେ। ସଦର ମସଜିଦ କମିଟି ସଭାପତି ହାଜୀ ଅବଦୁଲ ସୟିଦ, ହାଜୀ ମହମ୍ମଦ ସୁଲେମାନ, ହାଜୀ ଜସିମ୍ ଅହମ୍ମଦ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ସାଇକେଲ ବିତରଣ କରିଥିଲେ।

# ବିର୍ସା ମୁଣ୍ଡା ସୀମାନ୍ତ ମହାବିଦ୍ୟାଳୟର ବାର୍ଷିକୋତ୍ସବ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**କୁତ୍ରା, ୧୯।୧୨(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଓଡିଶା ଝାଡ଼ଖଣ୍ଡ ରାଜ୍ୟ ସୀମାବର୍ତ୍ତୀ ଗଏରବାହାଲ ସ୍ଥିତ ବୀର ବିର୍ସା ମୁଣ୍ଡା ସୀମାନ୍ତ ମହାବିଦ୍ୟାଳୟରେ ଶନିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ଧଳ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ସର୍ବଦା ଅନ୍ୟମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରି ଜଣେ ସୁନାଗରିକ ହେବା ସହ ନିଜର ବ୍ୟକ୍ତିତ୍ୱର ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜେଏସ୍‌ଡବ୍ଲୁ ଶିବା ସିମେଣ୍ଟ କାରଖାନାର ୟୁନିଟ ମୁଖ୍ୟ ଅନୀଲ କୁମାର ମିଶ୍ର ଯୋଗଦେଇ ଏହି ଉପାନ୍ତ ଅଞ୍ଚଳରେ ଗଢି ଉଠିଥିବା ମହାବିଦ୍ୟାଳୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଗତ ଦିନରେ ଶିବା ସିମେଣ୍ଟ କାରଖାନା ପକ୍ଷରୁ ପାନୀୟଜଳର ସୁବିଧା କରାଯାଇଥିବାବେଳେ ଆଗାମୀ ଦିନରେ ମଧ୍ୟ ସହଯୋଗର ହାତ ବଢାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭୀମସେନ ଜୈନ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସର୍ବୋପରି ବାଳିକା ବିଭାଗରେ ପ୍ରୀୟା ନାଗ ଏବଂ ବାଳକ ବିଭାଗରେ ଅମରଦୀପ କୁଲୁଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅଧକ୍ଷ ଧଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ଅମ୍ରୁସ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଶୋକ କୁମାର ସିନ୍ଧୁରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧନେଶ୍ୱର ସାହୁ, ସମୀର ପୁରୋହିତ, ଧନଞ୍ଜୟ ଠାକୁର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଭାଲୁଡୁମେର ଚାମ୍ପିୟନ

**କୁଆଁରମୁଣ୍ଡା,୧୯।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫୁଟବଲ ପଡ଼ିଆରେ ୯୦୦ ନାଗ୍ରା କିଷାନ ସମାଜ ଗଙ୍ଗା ଘାଟୀ କମିଟି, ଛେଣ୍ଡ ପକ୍ଷରୁ ଗତ ଏକ ସପ୍ତାହ ଧରି ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରବିବାର ଥିଲା ଟୁର୍ନାମେଣ୍ଟର ଅନ୍ତିମ ଦିବସ। ଏଥିରେ କୁଆଁରମୁଣ୍ଡାର ଭାଲୁଡୁମେର ଦଳ ଓ ବଡ଼ଗାଁର ଚାରପାଲି ମଧ୍ୟରେ ସଂଘର୍ଷପୂର୍ଣ୍ଣ ମୁକାବିଲା ଚାଲିଥିଲା। ଦୀର୍ଘ ସମୟ ବ୍ୟବଧାନରେ ଭାଲୁଡୁମେର ଦଳ ୧-୦ ଗୋଲରେ ଚାରପାଲି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିବରଣୀ କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା 'ଖ' ଜୋନର ଜିଲା ପରିଷଦ ସଭ୍ୟା ସୁନୀତା ଅହିର, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ତଥା ଡୁମେରଜୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ତଥା କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାଁସଦା, ସରପଞ୍ଚ ସୁଷମାକାନ୍ତି କିଣ୍ଡୋ ପ୍ରମୁଖ ଉପସ୍ଥିତ ଥିଲେ। ୯୦୦ ନାଗ୍ରା କିଷାନ ସମାଜ, ଗଙ୍ଗାଘାଟି କମିଟିର ସଭାପତି ପାନୁ ମାଝି, ଉପସଭାପତି ପୂର୍ଣ୍ଣ କିଷାନ, ଝର୍ଗି ଏକା, ସାଧାରଣ ସମ୍ପାଦକ ଚନ୍ଦ୍ରମଣି କିଷାନ, କୋଷାଧ୍ୟକ୍ଷ ସୋମନାଥ କିଷାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କୁତ୍ରା, ୧୯।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଡ଼ାକଟାରେ ଲକ୍ଷ୍ମୀ କ୍ଲବ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗ୍ରାମର ଗୌନ୍ତିଆ ଫକୀରମୋହନ ବରିହା ଯୋଗଦେଇ ଖେଳ ଆରମ୍ଭ କରିଥିଲେ। ତାଙ୍କ ସହିତ ବରିଷ୍ଠ ଖେଳାଳି ଶିବ ଲାକ୍ରା ଓ ପାତ୍ର ମାଝି ଉପସ୍ଥିତ ଥିଲେ। ପ୍ରାରମ୍ଭ ଖେଳ ତେଲିଘନା ଓ କୁତ୍ରା ଫ୍ରେଣ୍ଡସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫ୍ରେଣ୍ଡସ କ୍ଲବ ବିଜୟୀ ହୋଇଥିଲା। ଆୟୋଜକ କମିଟିରେ ସଭାପତି ଗୁଲବୋଦନ ଲାକ୍ରା, ଉପସଭାପତି ପବିତ୍ର ମାଝି, ସେକ୍ରେଟାରୀ ରାହୁଲ ଟପ୍ପୋ, ସୁବ୍ରତ ଟପ୍ପୋ, ସାଗର ଲାକ୍ରା, ଅଭିନାଶ ଲାକ୍ରା, ସରୋଜ ଟପ୍ପୋ, ସଚିନ ଲାକ୍ରା, ମହେଶ ଲାକ୍ରା, ସଞ୍ଜୟ ଟପ୍ପୋ, ରଞ୍ଜିତ ଟପ୍ପୋ, ସୁଶାନ୍ତ ମାଝି, ଶିବନାତ ଟପ୍ପୋ, ରାଜୁ ଏକ୍କା, ସୁମନ୍ତ ଟପ୍ପୋ, ରୋହିତ ମାଝି, ଶିବାଜୀ ମାଝି, ନୃପ ମାଝି, ଦେବେନ୍ଦ୍ର ବାଡ଼ା,ସୁଦାମ ମାଝି, ଦଶରଥ ଟପ୍ପୋ, ଅମିତ ମାଝି, ସୋମନାଥ ଲାକ୍ରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## କଳାକାର ଭତ୍ତାରୁ ବଞ୍ଚିତ ଦୃଷ୍ଟିବାଧିତ ନାରାୟଣ

**ବଡ଼ଗାଁ, ୧୯।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକର ସାହାଜବାହାଲ ଗୌଡ଼ପଡାର ନାରାୟଣ ଷଣ୍ଢ। ଜନ୍ମ ହେବାର ମାସେ ପରେ ମା'ଙ୍କ ମୃତ୍ୟୁ ହେଲା। ଜନ୍ମାନ୍ଧ ନାରାୟଣଙ୍କୁ ତାଙ୍କ ଅଜା ଆଈ ଲାଳନପାଳନ କରି ବଢାଇଲେ। ୧୯ବର୍ଷ ବୟସରେ ସୁନ୍ଦରଗଡ଼ ରାଣୀ ବଗିଚାର କୃଷ୍ଣଗୁରୁ ଦଳରେ ସାମିଲ ହୋଇ ଗୀତ ଗାଇବା ଶିଖିଲେ। ତା'ପରେ ନିଜଗାଁ ସାହାଜବାହାଲର ପାଲା ଗୁରୁ ସ୍ୱର୍ଗତ ଦୀନବନ୍ଧୁ ସେଠଙ୍କ ଠାରୁ ପାଲା ଗାୟନ ଶିକ୍ଷା ନେଇ ପ୍ରାୟ ୩ବର୍ଷ ପାଳିଆ ଭାବେ ମଞ୍ଚରେ ପାଲା ପରିବେଷଣ କରିଥଲେ। ତାଙ୍କୁ ସାକ୍ଷାତ କରି ପଚାରିବାରେ ସେ କହିଥିଲେ, ମୁଁ କାହାଠାରୁ କୀର୍ତ୍ତନ ଗାୟନ ଶିଖିନାହିଁ। ନିଜେ ଶିଖିବାକୁ ଚେଷ୍ଟା କରିଆସୁଥିଲି। ଗତ କିଛି ବର୍ଷ ମଧ୍ୟରେ ନକଟୀଗୁଡ, ବେହେରାମାଲ, ରାଏଡିହୀ, ଚେମଠାପଡା, ଲମଲୋଇ, କୁତରମା ଆଦି ୧୦ରୁ ଊର୍ଦ୍ଧ୍ୱ ଗାଁରେ ଲୋକଙ୍କୁ କୀର୍ତ୍ତନ ଶିଖାଇଥିବାବେଳେ ନିଜ ଗାଁରେ ମଧ୍ୟ ଶିଖାଉଛନ୍ତି। ଭାଇବନ୍ଧୁ, ମାଉସୀମା, ପୀଉସୀଙ୍କୁ ନେଇ ତାଙ୍କ ସଂସାର। ବାର୍ଦ୍ଧକ୍ୟ ଭତ୍ତା ଓ ୩୫କିଲୋ ଚାଉଳ ସରକାରଙ୍କଠାରୁ ମିଳିଥାଏ। କୀର୍ତ୍ତନ ଶିଖାଇଲେ ଲୋକେ ଯାହା ଦିଅନ୍ତି, ସେଥିରେ ତେଲଲୁଣର ସଂସାର ଚାଲିଯାଏ ବୋଲି କହିବା ସହିତ ସରକାରଙ୍କ କଳାକାର ଭତ୍ତା ଏଯାଏ ହୋଇ ନ ଥିବା କହିଛନ୍ତି। ପାମରା କଳା ବିକାଶ ପରିଷଦ, ମା' ଗାଙ୍ଗେସରୀ ପାଲା ପରିଷଦ ଜମାର୍ଲା,ବ୍ଲକ କଳା ସଂସ୍କୃତି ସଂଘ ସୁନ୍ଦରଗଡ଼ ସଦର, ଜିଲା ସଂସ୍କୃତି ପରିଷଦ ସୁନ୍ଦରଗଡ଼, ଯତରା ୨୦୧୨ ଓ ସଂସ୍କୃତି ଅଧିକାରୀଙ୍କ ଠାରୁ ପ୍ରଶଂସା ପତ୍ର,ପ୍ରମାଣପତ୍ର ପାଇଥିବା ନାରାୟଣ କଳାକାର ଭତ୍ତାରୁ ବଞ୍ଚିତ ହେବା ଦେଖିଲେ ଯୋଜନା ପ୍ରକୃତ ହିତାଧିକାରୀଙ୍କଠାରେ ପହଞ୍ଚିବାରେ ଦୀର୍ଘ ବର୍ଷ ବିଳମ୍ବ ହେବା ଦୁର୍ଭାଗ୍ୟଜନକ।

## ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବିତରଣ

**ଦେବଗଡ଼,୧୯।୧୨(ଡି.ଏନ.ଏ)**

ମାୟାଧର ସ୍ମୃତି ପରିଷଦ ପକ୍ଷରୁ ତିଲେଇବଣି ବ୍ଲକ ଢୋଲପଡା ଗ୍ରାମ ପଞ୍ଚାୟତର ଢୋଲପଡା, ହେଟଖମାର, କଦୋଗୁଡା, କୁମୁରାପାଲି, ଗୟାପାଲି, କାଳିଆଖମାର, ପଟାଖମଣ, ମାଝୀପାଲି ଓ ଚନ୍ଦ୍ରପୁର ଗ୍ରାମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବହୁ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶନିବାର କମ୍ବଳ ବିତରଣ କରାଯାଇଛି। ମାୟାଧର ସ୍ମୃତି ପରିଷଦ ପକ୍ଷରୁ ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଓ ଶିକ୍ଷୟିତ୍ରୀ ଯମୁନାମଣି ଜେନା ସମ୍ପୃକ୍ତ ଗ୍ରାମଗୁଡିକୁଯାଇ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବିତରଣ କରିଥିଲେ।

# କଳାକାର ଭତ୍ତା ନିମନ୍ତେ ସାମର୍ଥ୍ୟ ପରୀକ୍ଷା ଶିବିର ଉଦ୍‌ଯାପିତ

**ଦେବଗଡ଼,୧୯।୧୨(ଡି.ଏନ.ଏ)**

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ନିମନ୍ତେ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଗତ ୧୭ରୁ ଆରମ୍ଭ ହୋଇଥିବା ସାମର୍ଥ୍ୟ ପରୀକ୍ଷା ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାରଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେବଗଡ ପୌରାଞ୍ଚଳ ସମେତ ଜିଲାର ବାରକୋଟ, ରିଆମାଳ ଓ ତିଲେଇବଣି ବ୍ଲକର ୬୯ଜଣ କଳାକାରଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ୍, ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ଗୁରୁ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡେଶ୍ୱର ଶତପଥି, ରୋମିଓ ମହାପାତ୍ର, ସରସ୍ୱତୀ କିଷାନ, ବାରକୋଟ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ତ୍ରିପୁରାରୀ ନାଏକ, ରିଆମାଳ ବ୍ଲକ କଳା ସଂସ୍କୃତି ସଂଘ ଉପ-ସଭାପତି ଦୁଃଖିଶ୍ୟାମ ଜ୍ୟୋତିଷ, ତିଲେଇବଣି ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ଯୁଧିଷ୍ଠିର ସାହୁ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡକ୍ଟର ଭାରତ ଭୂଷଣ ନନ୍ଦ ଓ ଯୁକ୍ତ ୨ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଚିତରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ।



କଳାକାରମାନେ ସାମର୍ଥ୍ୟ ପରୀକ୍ଷା ଦେଉଛନ୍ତି।

# କ୍ଷତ୍ରିୟ ସମାଜର ଏକତା ବଜାୟ ରଖିବାକୁ ଆହ୍ୱାନ

**ରାଜପୁତ କ୍ଷତ୍ରିୟ ସମାଜର ବାର୍ଷିକ ସମାରୋହ**

**ସୁନ୍ଦରଗଡ,୧୯।୧୨(ଡି.ଏନ୍.ଏ)**

ସୁନ୍ଦରଗଡ଼ ରାଜପୁତ କ୍ଷତ୍ରିୟ ସମାଜର ବାର୍ଷିକ ସମାରୋହ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ବିକାଶ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସୁନ୍ଦରଗଡ ରାଜବାଟୀସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ କ୍ଷତ୍ରିୟ ସମାଜ ସଦସ୍ୟମାନେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ବିକାଶ ଭବନଠାରେ ପହଞ୍ଚିଥିଲେ। ବିକାଶ ଭବନ ଠାରେ ଆୟୋଜିତ ସମାରୋହରେ ଛତିଶଗଡ଼ ଯଶପୁରର ମହାରାଜା ରଣବିଜୟ ସିଂ ଯୁଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରାଜପୁତ କ୍ଷତ୍ରିୟ ସମାଜର ଐତିହ୍ୟ, ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜର ଦୁଷ୍ମନ୍ତ ପ୍ରତାପଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ମନୋଜ ଠାକୁର, ସମ୍ପାଦକ ରାଜେଶ ଶେଖର ଦେଓ, କୋଷାଧ୍ୟକ୍ଷ ଶେଖର ଠାକୁର, ଚୂଡାମଣି ସିଂ, ସ୍ୱାଧୀନ ରାୟ, ପ୍ରଦୀପ ସିଂ, ନରେନ୍ଦ୍ର ସିଂ, ରାଜୁ ଠାକୁର, ସୌମେନ୍ଦ୍ର ଠାକୁର, ଦୀପକ ସିଂ, ସୁନୀଲ ସିଂ, ପ୍ରେମାନନ୍ଦ ଠାକୁର, ଆନନ୍ଦ ଠାକୁର, ମନୋରଞ୍ଜନ ସିଂ, ଆଲୋକ ଠାକୁର, ଉଦୟସୂର୍ଯ୍ୟ ଠାକୁର, ସଞ୍ଜୟ ଦାନୀ, ସୁଧୀର ଦେବ ପ୍ରମୁଖ ଯୋଗଦେଇ ରାଜପୁତ କ୍ଷତ୍ରିୟ ସମାଜର ଏକତା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଶେରେ ସାଧାରଣ ସମ୍ପାଦକ ଆଡଭୋକେଟ ପ୍ରଣବ କୁମାର ସିଂ ଧନ୍ୟବାଦ ଦେଇଥିଲେ।




ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।

# ପୋଲିସ ଟାର୍ଗେଟ୍‌ରେ ଖବରଦାତା



ଖବରଦାତାମାନେ ମାଲକାନଗିରି ଥାନା ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରୁଛନ୍ତି।

## ପ୍ରତିବାଦରେ ଥାନା ସମ୍ମୁଖରେ ଧାରଣା

ମାଲକାନଗିରି,୧୯।୧୨ (ଡି.ଏନ୍.ଏ.)

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର କଣ୍ଠରୋଧ କରିବାକୁ ମାଲକାନଗିରି ପୋଲିସ ଉଦ୍ୟମ କରୁଛି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ସଂଗ୍ରହ କରିବାକୁ ଯାଇଥିବା ୫ ଖବରଦାତାଙ୍କ ବିରୋଧରେ ହୋଇଥିବା ଏକ ଅଭିଯୋଗକୁ ଭିତ୍ତି କରି ୫ ଜଣଙ୍କୁ ଉଠାଇ ନେଇ କୋର୍ଟଚାଲାଣ କରିଛି। ଯେତେବେଳେ ଖବରଦାତାମାନେ ଦେଇଥିବା ଏତଲା ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ପୋଲିସର ଏପରି ପାତରଅନ୍ତର ନୀତିର ସମାଲୋଚନା କରିବା ସହ ମାଲକାନଗିରି ଜିଲ୍ଲାର ଖବରଦାତାମାନେ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

ଖବରରୁ ଜଣାପଡ଼ିଛି କୋରୁକୋଣ୍ଡା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତ ୧୬ ତାରିଖ ବିଳମ୍ବିତ ରାତିରେ ଏହାର ସ୍ଥିତି ପରଖିବା ସହ ଖବର ସଂଗ୍ରହ ପାଇଁ ୨ ବୈଦ୍ୟୁତିକ ଏବଂ ଛାପା ଗଣମାଧ୍ୟମର ୫ଜଣ ପ୍ରତିନିଧି ଯାଇଥିଲେ। ଏହି ସମୟରେ ସେଠାରେ ସେମାନଙ୍କୁ ଦେଖି ସ୍ୱାସ୍ଥ୍ୟକେନ୍ଦ୍ରର ୩ ଜଣ ଡାକ୍ତର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିସହିତ ପରଦିନ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ପୃକ୍ତ ଡାକ୍ତର ମାଲକାନଗିରି ଥାନାରେ ଉକ୍ତ ଖବରଦାତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ବିଳମ୍ବିତ ରାତିରେ ଖବରଦାତାମାନେ ଜୋର ଜବରଦସ୍ତ ପଶି ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ୧୭ ତାରିଖ ବିଳମ୍ବିତ ରାତି ପ୍ରାୟ ୧ଟାରେ ଖବର ପ୍ରସାରଣ କରିଥିବା ବୈଦ୍ୟୁତିକ ଗଣମାଧ୍ୟମର ୨ଜଣ ପ୍ରତିନିଧି ଏବଂ ଅଭିଯୋଗରେ ନାମ ନ ଥିବା ଅନ୍ୟ ଗଣମାଧ୍ୟମର ୩ଜଣ ପ୍ରତିନିଧି ଏପରି ମୋଟ ୫ଜଣଙ୍କୁ ଜବରଦସ୍ତ ଘରୁ ଉଠାଇ ନେଇଥିଲା। ସେମାନଙ୍କୁ ଗାଳିଗୁଲଜ କରି ମାଲକାନଗିରି ଥାନାକୁ ଆଣି ରାତିସାରା ଅଟକ ରଖିଥିଲା। ଅନ୍ୟପକ୍ଷରେ ସେମାନଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ମିଥ୍ୟା ବୋଲି ସମ୍ପୃକ୍ତ ୫ ଖବରଦାତା କହିବା ସହ ୩ ଡାକ୍ତରଙ୍କ ନାମରେ ଥାନାରେ ପାଲଟା ଅଭିଯୋଗ କରିଥିଲେ। ହେଲେ ପୋଲିସ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ପୋଲିସର ଏପରି ପାତରଅନ୍ତର ନୀତିକୁ ମାଲକାନଗିରି ସାମ୍ବାଦିକ ସଂଘ, ଉତ୍କଳ ସାମ୍ବାଦିକ ସଂଘ, ରାଜ୍ୟ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ଜିଲ୍ଲାର ସମସ୍ତ ଖବରଦାତା ଥାନା ସମ୍ମୁଖରେ ଧାରଣା ଦେବା ସହ ସମ୍ପୃକ୍ତ ୩ ଡାକ୍ତରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏନେଇ ପୋଲିସ କୌଣସି ମତାମତ ଦେଇନାହିଁ।

## କେରଳରେ ୨...

ସ୍ତ୍ରୀଙ୍କ ସାମ୍ନାରେ ତାଙ୍କୁ ହତ୍ୟା କରିଛନ୍ତି। ପୋଲିସ ଉଭୟ ହତ୍ୟାକାଣ୍ଡର ତଦନ୍ତ କରୁଛି। ଜିଲ୍ଲାରେ ଦୁଇଦିନ ପାଇଁ ୧୪୪ ଧାରା ଜାରି କରାଯାଇଛି। ଅଯଥା ଭିଡ଼ ଜମାଇବାକୁ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଶାନ୍‌ଙ୍କ ମୃତଦେହକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆଲାପୁଝାର ମନ୍ନାନଚେରିସ୍ଥିତ ତାଙ୍କ ଭଡ଼ାଘରକୁ ଅଣାଯାଇଛି। ଡିଜିପି ଅନିଲ କାନ୍ତ ଏବଂ ସାଉଥ୍ ଜୋନ୍ ପୋଲିସ ଆଇଜି ହର୍ଷିତା ଅତ୍ତାଲୁରି ଗଣମାଧ୍ୟମକୁ କହିଛନ୍ତି, ଶାନ୍‌ଙ୍କ ଶବ ଶୋଭାଯାତ୍ରା ବେଳେ କୌଣସି ଉତ୍ତେଜନାମୂଳକ ସ୍ଲୋଗାନ ଦିଆଗଲେ ବରିଷ୍ଠ ନେତାମାନଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ସୁଦ୍ଧା ଏସ୍‌ଡିପିଆଇ, ପିଏଫ୍‌ଆଇ, ଆର୍‌ଏସ୍‌ଏସ୍ ଏବଂ ଭାଜପାର ୫୦ ଜଣଙ୍କୁ ଗିରଫ କରାଯାଇଛି। ବନ୍ଦନାମ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଶ୍ରୀନିବାସଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ରାତିରେ ହରିପ୍ପଡରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶ୍ରୀନିବାସଙ୍କ ହତ୍ୟାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଭାଜପା ରାଜ୍ୟ ସଭାପତି କେ. ସୁରେନ୍ଦ୍ରନ୍ ଦାବି କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ଶ୍ରୀନିବାସନଙ୍କୁ ମୌଳବାଦୀ ତତ୍ତ୍ୱ ହତ୍ୟା କରିଛନ୍ତି। ଏଭଳି ଭୀରୁ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ୍‌ଙ୍କ ଅଧୀନରେ କେରଳ କ୍ରମଶଃ ଏକ ଆଇନବିହୀନ ରାଜ୍ୟ ପାଲଟିବାରେ ଲାଗିଛି। ଏହି ରାଜନୈତିକ ହତ୍ୟା ପାଇଁ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଲଜ୍ଜିତ ଅନୁଭବ କରୁଥିବା କହିଛନ୍ତି। ରାଜନେତାମାନେ ଏଭଳି ହତ୍ୟାରୁ କ୍ଷାନ୍ତ ରହିବା ସହ ଗଣତନ୍ତ୍ରରେ ବିଶ୍ୱାସ ରଖିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ରାଜ୍ୟପାଳ ଗୃହ ବିଭାଗର ରିପୋର୍ଟକୁ ଅପେକ୍ଷା କରିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟନ୍ ଏହାକୁ ନିନ୍ଦା କରିବା ସହ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ଏପରି ବର୍ବର ଓ ଅମାନବୀୟ ହିଂସାତ୍ମକ କାର୍ଯ୍ୟ ରାଜ୍ୟ ପାଇଁ ବିପଦ। ହତ୍ୟାକାରୀଙ୍କୁ ଚିହ୍ନଟ କରିବାରେ ଲୋକେ ସହଯୋଗ କରିବେ ବୋଲି ବିଜୟନ ଆଶାବ୍ୟକ୍ତ କରିଛନ୍ତି।

## ଖିଅପାଉନି...

ମୋଟିଭ୍ ଅଫ୍ କ୍ରାଇମ (ହତ୍ୟାର ଉଦ୍ଦେଶ୍ୟ) ଜାଣିବାରେ ପ୍ରଥମେ ପୋଲିସ ବିଫଳ ହୋଇଥିବା ବେଳେ ଏବେ କ୍ରାଇମବ୍ରାଞ୍ଚ ସମାନ ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଓ ଅଟକ ବ୍ୟକ୍ତିଙ୍କ ବୟାନକୁ ନେଇ କ୍ରାଇମବ୍ରାଞ୍ଚ ସାମଞ୍ଜସ୍ୟ ଖୋଜୁଛି। ଦାସବର୍ମାଙ୍କ ପିଏସ୍‌ଓ ସର୍ବେଶ୍ୱର ଜେନାଙ୍କୁ ଅଟକ ରଖି ଜେରା ଜାରି ରଖିଛି। ମାତ୍ର ତାଙ୍କ ବିରୋଧରେ ଠୋସ୍ ପ୍ରମାଣ ଯୋଗାଡ଼ କରିପାରିନାହିଁ। ଅନ୍ୟପକ୍ଷରେ ଚିତ୍ତରଞ୍ଜନଙ୍କ ପରିବାରବର୍ଗ କ୍ରାଇମବ୍ରାଞ୍ଚ

## ପ୍ରଥମ ପୃଷ୍ଠାରୁ...

ଉପରେ ଆସ୍ଥା ରଖିଥିବା କହିଛନ୍ତି। ଏହି ହତ୍ୟାକାଣ୍ଡରେ ଜନୈକା ମହିଳା ଓ ଯୁବତୀଙ୍କୁ ନେଇ ଗତ ଦୁଇଦିନ ହେଲା ଚର୍ଚ୍ଚା ଜୋର ଧରିଥିଲା। ସମ୍ପୃକ୍ତ ଯୁବତୀ ଓ ମହିଳାଙ୍କୁ ଲାଏ ଡିଟେକ୍ସନ୍ ଟେଷ୍ଟରେ ସାମିଲ କରାଯିବ ବୋଲି ଅନୁମାନ କରାଯାଉଥିଲା। ମାତ୍ର ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ସେଭଳି କିଛି କରିନାହିଁ। ଫଳରେ ତଦନ୍ତର ଦିଗକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶୀତରେ ଥରୁଛି...

ସେଠାରେ ତାପମାତ୍ରା ୪.୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ସେହିପରି ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪ ଡିଗ୍ରୀ ତଳେ ରହିଥିଲା। କଶ୍ମୀର, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ତୁଷାରପାତ ହେଉଥିବାବେଳେ ସେଠାରୁ ଥଣ୍ଡା ପବନ ପ୍ରବାହିତ ହେଉଥିବାରୁ ସମଗ୍ର ଉତ୍ତର ଭାରତ ଶୀତରେ ଥରୁଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଶ୍ରୀନଗରରେ ଶନିବାର ରାତି ତାପମାତ୍ରା ବିୟୁକ୍ତ ୬ ଡିଗ୍ରୀ ସେଲ୍‌ସିୟସ୍ ରହିଥିବାବେଳେ ଜମ୍ମୁରେ ପାରଦ ୨.୩ ଡିଗ୍ରୀ ଥିଲା। ସେହିପରି ପହଲଗାମ୍‌ରେ ବିୟୁକ୍ତ ୮.୩ ଡିଗ୍ରୀ, ଗୁଲ୍‌ମାର୍ଗରେ ବିୟୁକ୍ତ ୮.୫ ଡିଗ୍ରୀ, ଲଦାଖର ଦ୍ରାସ୍ ସହରରେ ବିୟୁକ୍ତ ୨୦.୩ ଏବଂ ଲେହରେ ମାଇନସ୍ ୧୫.୩ ଡିଗ୍ରୀ ଅନୁଭୂତ ହୋଇଛି। ଉତ୍ତରାଖଣ୍ଡରେ ଅତ୍ୟଧିକ ଥଣ୍ଡା ପଡ଼ିଥିବାରୁ ପାଣିପାଗ ବିଭାଗ ପକ୍ଷରୁ ୨୪ ତାରିଖ ପର୍ଯ୍ୟନ୍ତ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶୁକ୍ରବାର ରାଣୀଚୌରିରେ ତାପମାତ୍ରା ସର୍ବନିମ୍ନ ବିୟୁକ୍ତ ୨.୭ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ମୁସୁରୀରେ ରାତିର ତାପମାତ୍ରା ୨ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଯାଇଥିଲା। ଶନିବାର ଉତ୍ତରାଖଣ୍ଡରେ ସର୍ବନିମ୍ନ ତାପମାତ୍ରା ୩.୮ ଡିଗ୍ରୀ ରହିଥିବା ପାଣିପାଗ ବିଭାଗ କହିଛି। ହିମାଚଳପ୍ରଦେଶର ମନାଲି, ଶିମ୍‌ଲା, ସୋଲାନ, କିନୌର, ଲହାଉଲ୍-ସ୍ପିଟି ଏବଂ ଡାଲହାଉସିରେ ତୁଷାରପାତ ହେଉଥିବାରୁ ଶୀତଲହରି ଜାରି ରହିଛି। ଚାମ୍ବା, ଲହାଉଲ୍-ସ୍ପିଟି, କିନୌର ଏବଂ ଶିମ୍‌ଲାରେ ପାଇପ୍‌ଲାଇନରେ ପାଣି ବରଫ ହୋଇଯାଉଛି।

ଉତ୍ତର-ପଶ୍ଚିମ ଦିଗରୁ କୋହଲା ପବନ ବହୁଥିବାରୁ ରାଜଧାନୀ ଦିଲ୍ଲୀର ଅଧିକାଂଶ ସ୍ଥାନରେ ଶନିବାର ତାପମାତ୍ରା ୬ ଡିଗ୍ରୀ ତଳେ ରହିଥିଲା, ଯାହାକି ଚଳିତ ଋତୁରେ ସର୍ବନିମ୍ନ। ଶୁକ୍ରବାର ଦିଲ୍ଲୀ ତାପମାତ୍ରା ୭.୭ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏଥିସହିତ କୁହୁଡ଼ି ଯୋଗୁ ରାସ୍ତାଘାଟ ଦୃଶ୍ୟମାନ ହୋଇ ନ ଥିଲା। ରବିବାର ସକାଳ ବେଳା ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ୧୦ରୁ ୨୦ କିଲୋମିଟର ବେଗରେ କୋହଲା ପବନ ବହିଥିଲା, ଯାହା ଅପରାହ୍ନ ବେଳକୁ ୨୫ରୁ ୪୦ କିଲୋମିଟରରେ ପହଞ୍ଚିଥିଲା ବୋଲି ପାଣିପାଗ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର, ଲଦାଖ, ଗିଲ୍‌ଗିଟ୍-ବଲ୍ଟିସ୍ତାନ, ମୁଜାଫରାବାଦ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶର ଉତ୍ତର ଭାଗରେ ପ୍ରବଳ ଶୀତ ଲହରି ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ରାଜସ୍ଥାନ, ପଞ୍ଜାବ, ହରିୟାଣା ଓ ଚଣ୍ଡିଗଡ଼ରେ ମଧ୍ୟ ଏହି ସମୟରେ ପ୍ରବଳ ଶୀତ ଅନୁଭୂତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# କେରାଣ୍ଡିମାଳ ଓ ଘଣ୍ଟଶିଳା ପାହାଡ଼ରୁ କୋଣାର୍କକୁ ଆସିଥିଲା ପ୍ରଥମ ପଥର

## ନିର୍ମାଣବେଳେ ଦିଆଯାଇଥିଲା ହାତୀଚିହ୍ନ ସ୍ୱର୍ଣ୍ଣମୁଦ୍ରା

ଡ. ସୁରେନ୍ଦ୍ର କୁମାର ମିଶ୍ର


ଘଣ୍ଟଶିଳା ପାହାଡ଼। ଫଟୋ: ଯଜ୍ଞେଶ୍ୱର ମହାନ୍ତି, ପୁରୀ

ମନ୍ଦିର ନିର୍ମାଣର ଦାୟିତ୍ୱ ମୁଖିଆଙ୍କୁ ଦିଆଯିବା ପରେ ଗଜପତି ନରସିଂହ ଦେବ 'ବିଡ଼ାନାସୀ'କୁ ଫେରିଯାଇଥିଲେ। କଟକର ବିଡ଼ାନାସୀ ନଅରରେ ସେତେବେଳେ ସେ ରହୁଥିଲେ। ସେହିଦିନଠାରୁ ସମସ୍ତ କାର୍ଯ୍ୟ ଓ ଖର୍ଚ୍ଚର ବିବରଣୀ ଲିଖିତ ଆକାରରେ ପ୍ରସ୍ତୁତ ହେଲା। ମନ୍ଦିରର ଭୂମି ଶୁଦ୍ଧି ଓ ମଙ୍ଗଳାରୋପଣ କାର୍ଯ୍ୟ ଆରମ୍ଭ କରିଥିଲେ ରାଜଗୁରୁ ଭୁବନେଶ୍ୱର ମହାପାତ୍ର। ହାତୀଚିହ୍ନ ଥିବା ୧୪ଟି ସ୍ୱର୍ଣ୍ଣମୁଦ୍ରା ତାଙ୍କୁ ଦକ୍ଷିଣା ସ୍ୱରୂପ ଦିଆଯାଇଥିଲା। ପୋଥିରୁ ଜଣାପଡୁଛି, କାର୍ଯ୍ୟ ଆରମ୍ଭ ହେଲାବେଳକୁ ସ୍ୱତନ୍ତ୍ର ଭଣ୍ଡାର ପ୍ରତିଷ୍ଠା ହୋଇସାରିଥିଲା। ଭଣ୍ଡାରରେ କେତେ ଅସ୍ତ୍ରପି (ସୁନାଖଣ୍ଡ), ଚକିମାଢ଼ (ମୁଦ୍ରା) ଏବଂ ଶସ୍ୟ ଥିଲା ତାହା ମଧ୍ୟ ହିସାବ ହୋଇସାରିଥିଲା।

ଦସ୍ତାବିଜ୍‌ରୁ ଜଣାପଡୁଛି ସ୍ଥପତି ଏବଂ ଓଝାମାନେ ଏକ ଏକ ସ୍ୱତନ୍ତ୍ର ଶିବିରରେ ରହୁଥିଲେ। ମୁଖିଆମାନେ ସେମାନଙ୍କ ଖର୍ଚ୍ଚ ନେଇ କାର୍ଯ୍ୟ ତୁଲାଉଥିଲେ। ପାଇଟିଆଳମାନେ ଗୋଟିଏ ସ୍ୱତନ୍ତ୍ର ଶିବିରରେ ରହୁଥିଲେ। ନାରାୟଣ ନାୟକଙ୍କୁ ୫୦ଟି ଶଗଡ଼ଗାଡ଼ି ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଥିଲା। 'ହାତୀଆଳ'ମାନେ ହାତୀଙ୍କ ସହିତ କୋଣାର୍କରେ ପହଞ୍ଚି ସାରିଥିଲେ। ହାତୀଆଳଙ୍କର ମୁଖ୍ୟ ଭାବେ ବିଶୁନି ଦୁଆରୀ ସଭିଙ୍କ ଦାୟିତ୍ୱ ନେଇଥିଲେ। ବାଣପୁର ଦଳବେହେରା କୋଣାର୍କରେ ପହଞ୍ଚିବା ପରେ ପ୍ରଥମ କିସ୍ତିରେ ୧୫୦୦ କାଠକଡ଼ି ଦେବା ପାଇଁ ତାଙ୍କୁ ୧୦୦ ମାଢ଼ ସୁନା ଦିଆଯାଇଥିଲା।

ମନ୍ଦିର ନିର୍ମାଣର ପ୍ରସ୍ତୁତି ପର୍ବ କିପରି ହୋଇଥିଲା ତାହା ଆମେ ଆଲୋଚନା କରୁଛେ। ପ୍ରସ୍ତୁତି ସରିବା ପରେ ମନ୍ଦିର ନିର୍ମାଣ ହେବାକୁ ଥିବା ସ୍ଥାନର ମାପ ଆରମ୍ଭ ହୋଇଥିଲା। ମନ୍ଦିର ସ୍ଥାନ ସହିତ ଜଗମୋହନର ସ୍ଥାନ ମପା କାର୍ଯ୍ୟ କରିଥିଲେ ସ୍ଥପତି ଗଦାଧର ମହାପାତ୍ର। ସ୍ଥାନ ସିନା ନିରୂପଣ ହେଲା, ତାହା ସମାନ ହେବ କେମିତି! ସତର ଦିନ ଲାଗିଥିଲା ୧୨୪ ଜଣ ପାଇଟିଆଳଙ୍କୁ ସେହି ସ୍ଥାନକୁ ସମାନ କରିବା ପାଇଁ। ଠିକ୍ ଭାବରେ କାମ ମନକୁ ପାଇଲା ନାହିଁ ଶ୍ରୀରାମ ନାୟକଙ୍କର। ସେ ୨୨ ପାଇଟିଆଳ ଧରି ଦୁଇଦିନ ସେଠାରେ ଲାଗିବା ପରେ ସେହି କାର୍ଯ୍ୟ ସରିଲା।

ଗଜପତି ନରସିଂହଦେବ ରାଜସିଂହାସନରେ ବସିଥିଲେ ମାର୍ଗଶିର ଶୁକ୍ଳପକ୍ଷ ଦଶମୀ ଦିନ। ସେଇ ଦିନକୁ ଧରାଗଲା ସପ୍ତମ ଅଙ୍କରେ। ସେଇଦିନ ପଡ଼ିଥିଲା ବୁଧବାର। ଶୁଭବେଳା ଦେଖି ମନ୍ଦିରର ଖସଡ଼ା ପ୍ରସ୍ତୁତ କରିଥିଲେ ସୂତ୍ରଧର ଶିବେଇ ସାମନ୍ତରାୟ।




ଓଡ଼ିଆ ପରମ୍ପରା ଅନୁଯାୟୀ ପ୍ରଥମେ ଶିଳ୍ପୀଙ୍କର ଅସ୍ତ୍ରପୂଜା ସମ୍ପନ୍ନ ହୋଇଥିଲା। ଏଥିରେ ନୂତନ ଭାବରେ ୪୮୩ଟି ମୁନିଆଁ ନିହଣ, ୩୨୬ଟି ଦାନ୍ତିବାଲା ନିହଣ, ରମ୍ପା ନିହଣ, କୋରମୁଣ୍ଡା ଓ ସୂତାକାଠି ସମୁଦାୟ ୧୨୯୪ଟି ହତିଆର ସାମଗ୍ରୀ ପୂଜାରେ ବସିଥିଲା। ଏହା ଥିଲା ଓଡ଼ିଶାର ପାରମ୍ପରିକ ଶିଳ୍ପୀକୁଳର ହତିଆର। ହତିଆର ପୂଜା ହୋଇ ସଜ ହେଲା ବେଳକୁ କେରାଣ୍ଡିମାଳ ଓ ଘଣ୍ଟଶିଳା ପାହାଡ଼ ଖଣିରୁ ପ୍ରଥମେ ପଥର ଆସି ପହଞ୍ଚିଥିଲା। ଏହି ଦୁଇଟି ଖଣିରୁ ପଥର ଆଣିବା ଦାୟିତ୍ୱରେ ଥିଲେ ବୁଢ଼ାଲେଙ୍କା ମହାଶୟ। ଶ୍ରୀକୂର୍ମ ପୀଠ କୋଷାଗାରରୁ ଏବାବଦ ଖର୍ଚ୍ଚ ହୋଇଥିଲା। ଶ୍ରୀକୂର୍ମ ପୀଠ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ। ସେବେ କଳିଙ୍ଗର ଏହା ପ୍ରସିଦ୍ଧ ବିଷ୍ଣୁକ୍ଷେତ୍ର ଥିଲା। ଏଠାରେ ଗଜପତିଙ୍କର ଏକ ଦୁର୍ଗ ମଧ୍ୟ ରହିଥିଲା।

ଶିଳ୍ପୀଙ୍କର ହତିଆର ନିର୍ମାଣ ହୋଇଆସିଲା କଟକର ବିଡ଼ାନାସୀରୁ। ପଥରଚନ୍ଦା ପାଂସ (ଯାହା ସହାୟ୍ୟରେ ବଡ଼ପଥର ଉଠାଯାଏ ଉପରକୁ) ଯୋଗାଇଲେ ଦାମ ମହାରଣା। ବଡ଼ ଶିକାଦଉଡ଼ି ଓ ସାଙ୍ଗଦଉଡି ପ୍ରସ୍ତୁତ ହୋଇ ରହିଲା। ବିରିବାଟିରୁ ବିଭିନ୍ନ କିସମର ଫାଉଡ଼ା ତିଆରି ହୋଇଆସିଲା। ଏ ସବୁ ପ୍ରସ୍ତୁତି ମନ୍ଦିର ନିର୍ମାଣ ଆରମ୍ଭ ସମୟରେ ହୋଇଥିଲା। ବରାଦ ହୋଇଥିଲା ତାପଙ୍ଗ ଦଳବେହେରାଙ୍କୁ ମାଙ୍କଡ଼ା ପଥର ପଠାଇବାକୁ। ସେ ୧୬୩ଟି ବଳଦଗାଡ଼ିରେ ପଥର ପଠାଇଲେ। ପାଇକମାନେ ବଳଦଗାଡ଼ି ସୁରକ୍ଷିତ ଭାବରେ କୋଣାର୍କରେ ପହଞ୍ଚାଇ ଦେଇଥିଲେ। ତାକୁ ୧୨ଦିନ ଧରି ୮୨ ଜଣ ପଥର କାରିଗର ଚଉପଟ କରି ସଜେଇଲା ବେଳକୁ ଅଇଁଠିଆ (ନିମାପଡ଼ା ଅଞ୍ଚଳର) ଦଳବେହେରା ୪୦ ଶଗଡ଼ରେ କାଠ ପଠାଇଲେ। ତଦନୁପାତରେ ଅଇଁଠିଆରୁ ମହାରଣା ପୁଣି ଆସି ପହଞ୍ଚିଲେ।

ଆମେ ମନ୍ଦିର ନିର୍ମାଣ ପ୍ରସ୍ତୁତିର ଚିତ୍ର ଜାଣିବା ପାଇଁ ଏ ସବୁ ବିଚାର ଆଲୋଚନା କରୁଛେ। କେଉଁଠାରୁ ଆସୁଛି, କିଏ ପଠାଉଛି, କେମିତି ଆସୁଛି ଲେଖିବାର ଉଦ୍ଦେଶ୍ୟ କେମିତି ଶୃଙ୍ଖଳିତ ଭାବରେ ଗୋଟିଏ ପରେ ଗୋଟିଏ କାର୍ଯ୍ୟ ହୋଇଥିଲା। ସହଯୋଗ ମାନସିକତାରେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ ପ୍ରତ୍ୟେକ ଓଡ଼ିଆ।


**GOVT. OF ODISHA DEPARTMENT OF WATER RESOURCES**
**OFFICE OF SUPERINTENDING ENGINEER**
**PURI IRRIGATION DIVISION, PURI**
Email I.D.: eepuri_eicwr.od@nic.in & eepuriirrigation@yahoo.com
No.A-751 **"e" PROCUREMENT NOTICE NO. PID-04 OF 2021-22**
**Bid Identification No. PID-92 of 2021-22 to PID-98 OF 2021-22**

**1. Name of the Work:** River/ Canal. **2. Total No. of package:** 7 Nos. **3. Tender Cost:** 14.74 Lakhs to 42.27 lakhs. **4. Bid security Declaration:** As Annexed in DTCN. **5. Class of contractor:-** "C" to "A" Class. **6. Cost of tender paper:-** Rs.6,000/- (Online payment mode). **7. Period of completion:-** Six Calendar months.

| Procurement Officer | Bid Identification No. | Availability of tender for online bidding | | Last date and time of seeking tender clarification | Date & time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Puri Irrigation Division, Puri | PID 92 of 2021-22 to PID 98 of 2021-22 | From 21.12.2021 11.00 AM | Upto 30.12.2021 5.30 PM | 30.12.2021 upto 5.30 PM | 31.12.2021 at 11.30 AM (In the Office of the Superintending Engineer, Puri Irrigation Division, Puri) |

Further detail conditions can be seen from the Govt. website http://www.tendersorissa.gov.in
OIPR-32011/11/0004/2122 **Sd./-Superintending Engineer, Puri Irrigation Division, Puri**

**GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
No.O-1398
**No. 5460/Date.18.12.2021**
**"e" Procurement Notice for Bridge Works under Biju Setu Yojana for the year 2021-22**

| | | | |
|---|---|---|---|
| 1. | Name of the Work | : | Bridge Works under Biju Setu Yojana |
| 2. | Total No. of Packages | : | 05 Nos. of Bridge Works |
| 3. | Estimated Cost of the Package | : | Varies from Rs.65.65 lakhs to Rs.571.37 lakhs |
| 4. | Class of Contractor | : | |
| | a) Estimated cost more tha Rs.40.00 lakhs upto Rs.300.00 lakhs | : | B Class & A class (of Odisha PWD) or relevant class of other licensing authorities |
| | b) Estimated cost more than Rs.300.00 lakhs upto Rs.600.00 lakhs | : | A Class & Special class (of Odisha PWD) or relevant class of other licensing authorities |
| | c) Estimated cost more than Rs.600.00 lakhs upto Rs.1500.00 lakhs | : | Special Class & Super Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Date & time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender- Online- C.C.- 32 of 2021 | 22.12.2021 at 11.00 A.M. | 05.01.2022 up to 5.00 P.M. | 06.01.2022 at 11.00 A.M. | To be intimated later on |

Further details can be seen from the website: www.tendersorissa.gov.in
OIPR-25082/11/0045/2122 Sd./- Chief Construction Engineer, Central Rural Works Circle, Bhubaneswar

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITA, SAMANTAPUR, BHUBANESWAR - 751013**
**TENDER CALL NOTICE**
**Bhubaneswar, dated the 18th December, 2021**
No. Adm-II-27/2021(p)/6593/CHSE/ Sealed Tenders are invited from Registered Travel Agencies/Tour Operators having GST Registration, IT-PAN for providing various categories of vehicles on hired basis.
The detailed tender documents along with last date and time of submission of tender can be viewed and downloaded from the Official website of Council at **http://www.chseodisha.nic.in**.
The Council, in its discretion, reserves the right to accept or reject any or all of the tender without assigning any reasons thereof.
By order of the Chairman
**Sd./- Finance Officer**
**CHSE, Odisha, Bhubaneswar**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR**
**(DISTRICT BLINDNESS CONTROL SOCIETY)**
email. npcbsubarnapur@rediffmail.com/npcbsubarnapur@gmail.com
**SHORT TENDER CALL NOTICE**
No.E-751:- Sealed Tenders are invited from interested Agency/ Firm for supply of Instrument & Equipments under DBCS/ SUNETRA, Subarnapur. The details regarding eligibility criteria, terms & conditions and the format of submission of Tender are mentioned in the Tender Documents which may be downloaded from the district website i.e. www.subarnapur.nic.in. The Tender should reach to the O/o. undersigned on or before 06.01.2022 by 01.00 PM through Speed Post/ Registered Post/ Courier Only.
**Sd./- Chief District Medical & Public Health Officer, Subarnapur**
**OIPR-10118/11/0011/2122**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, SUNDARGARH**
**E-mail: eemisundargarh@yahoo.co.in**
**'e' Procurement Notice**
**Bid Reference No. EE MID SNG 07/2021-22**
**eemisundargarh@yahoo.co.in**
**No.2288// MID // date.14.12.2021**
**No. A-758:-** Bid documents consisting of Work, Estimated cost, Cost of tender paper, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.
** Further details can be seen from the e-Procurement market place **http://tendersodisha.gov.in**

| | | |
|---|---|---|
| 1 | Name of the works :- | Civil construction works. |
| 2 | No of Works :- | 04 (Four) Nos. |
| 3 | Estimated cost :- | Varies from Rs.5.44 lakh to Rs.42.72 lakh (Approximately) |
| 4 | Period of completion | 03 (Three) Calendar months |
| 5 | Date and Time of availability of bid documents in the portal :- | From **dt.21.12.2021** at.10.00 AM to **dt.30.12.2021** up to 5.30 PM. |
| 6 | Last date / time of receipt of bids in the portal :- | **Dt.30.12.2021** up to 5.30 PM |
| 7 | Date of opening of Bid:- | **Dt.31.12.2021** at 11.00 AM onwards |
| 8 | Name and address of the OIT:- | Executive Engineer, Minor Irrigation Division, Sundargarh. |

**Sd./- Executive Engineer, M.I. Division, Sundargarh**
OIPR-32124/11/0006/2122

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, JARAKA IRRIGATION DIVISION, JARAKA**
**E-Mail Id: eeidjaraka@yahoo.com**
**No. A-756**
**"e" Procurement Notice**
**Bid Identification No. JKID-04/2021-22**
1. Name of the Work : Irrigation Project Works as per DTCN
2. Total No. of works : 10 (Ten) Nos. work
3. Estimated Cost : Varies of Rs.8.41 lakhs to Rs.23.92
4. Period of Completion : Sl. No. (1) to Sl. No. (10) 90 Days
5. Date & time of availability of Bid document in the portal : 10.00 A.M. of Dt.20.12.2021 upto 05.00 P.M. of Dt.28.12.2021
6. Last date & time for receipt of Bids in the portal : Upto 05.00 P.M. of Dt.28.12.2021
7. Date of Opening of Bids : Dt.29.12.2021 at 11.00 A.M. onwards
8. Name and address of the Officer Inviting Tender : Superintending Engineer, Jaraka Irrigation Division, Jaraka
9. Further details can be seen from the e-Procurement portal **"https://tendersodisha.gov.in"**.

**Sd./- Superintending Engineer**
**Jaraka Irrigation Division, Jaraka**
**OIPR-32098/11/0005/2122**

**OFFICE OF THE COLLECTOR & DISTRICT MAGISTRATE, DHENKANAL**
**(SOCIAL WELFARE SECTION)**
**e-mail id: dswodhenkanal@nic.in; Tel No.: 06762-224481**
**Tender No 2432/SW Dt. 15.12.2021**
No. g-63:- Sealed Tenders are invited from reputed registered printing press for printing & supply of Nua Arunima Workbook (I & II ), CA Card, Parents Manual, Poster on ECCE and Flipbook on ECCE under Anganwadi Services (Umbrella ICDS Scheme) for the year 2020-2021. The tender paper for the above purpose containing the terms and conditions, E.M.D. and statutory requirement can be obtained from the Office of the D.S.W.O., Dhenkanal during office hours on any working day between dt.l5.12.2021 to dt.28.12 .2021 till 5.30 PM on deposit of non refundable amount of Rs. 5000/-(Rupees Five Thousand) only in cash. The tender paper complete in all respect along with necessary documents in sealed cover should reach the office of the DSWO, Dhenkanal latest by 11.30 AM on dt. 29.12.2021 by person/ registered post/speed post/ courier with A.D. The tender will be opened on Dt.29.12.2021 at 12.30 PM in the office Chamber of Collector, Dhenkanal in the presence of the Purchase Committee Constituted for this purpose and the tenderer or their authorised representatives. The tender received beyond the date and time mentioned above shall not be taken into consideration. The Collector, Dhenkanal reserves the right to reject/cancel/withdraw any or all the tenders without assigning any reason thereof and shall bear no liability what so ever consequent upon such decision. **The details of Tender can be downloaded from the District Website http://dhenkanal.nic.in**
**OIPR-24066/11/0003/2122** **Sd./- Collector, Dhenkanal**

**Odisha Lift Irrigation Corporation Ltd.**
**(A Govt. of Odisha Undertaking)**
**OFFICE OF THE EXECUTIVE ENGINEER, L.I. DIVISION, KEONJHAR**
**E-Procurement Notice- 12 / 2021-22**
**E-mail-olickjr@gmail.com**
No.CAD-2356:- **No.3838/ Date 16.12.2021**
1. Name of the tender inviting officer : Executive Engineer, L.I. Division, Keonjhar
2. Name of the work : (i) Installation, electrification and energisation of 47 Nos. RL L.I. Project, Keonjhar, Ghatgaon, Patna, Saharpada, Telkoi, Champua and Joda block in Keonjhar district.
3. No. of packages : 47 Nos.
4. Tender amount : Varies from 23.631 lakhs to 35.227 lakhs
5. Date and time of availability of bid documents in the portal for online bidding from 10.00 hrs. dated 22.12.2021 to 17.00 hrs. dated 29.12.2021.
6. Last date and time of receipt of bids in the portal upto 17.00 hrs. dated 29.12.2021.
7. Last date and time of clarification upto 17.00 hrs. dated 27.12.2021.
8. Date of opening of tender at 11.00 hrs. dated 30.12.2021.
9. Further details can be seen from the e-procurement portal of Govt. of Odisha i.e. www.tendersodisha.gov.in.
10. subsequent corrigendum / addendum if required shall be available in the above portal.

Authority reserves the right to reject any or all the tenders, increase or decrease the quantities without assigning any reason thereof.
**Sd./- Executive Engineer, L.I. Division, Keonjhar**
OIPR-32156/11/0012/2122

## ଜିନିଷ ଏକ: ଉପକାର ଅନେକ
# କଲରା



**କଲରାର ସ୍ୱାଦ ପିତା ହେଲେ ମଧ୍ୟ ସେଥିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଆମକୁ ନୀରୋଗ ରଖିବାରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଭିଟାମିନ୍-ସି ମଧ୍ୟ ପ୍ରଚୁର ପରିମାଣରେ ରହିଛି। ତେବେ ଜାଣନ୍ତୁ ଏହାର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ...**

➤ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଓ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ପାଇଁ ବାହାର ଜୀବାଣୁକୁ ଏହା ଶରୀର ଭିତରକୁ ଯିବାକୁ ଦିଏ ନାହିଁ।

➤ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ। ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ।

➤ହାର୍ଟ ଏବଂ ଡାଇବେଟିସ ରୋଗୀମାନେ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ନିହାତି ଆବଶ୍ୟକ। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ।

➤ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଶରୀର ପାଇଁ ବେଶ୍ ଉପକାରୀ।

➤ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ମାରାତ୍ମକ ରୋଗକୁ ଏହା କିଛି ମାତ୍ରାରେ ମଧ୍ୟ କମାଇଥାଏ।

➤କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ। ଏହା ସହ ଯକୃତରୁ ବାଇଲ୍ ଏସିଡ୍ କ୍ଷରଣ କରି ମେଟାବୋଲିଜିମ୍‌ରେ ପରିଣତ କରିଥାଏ।

➤ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଏ। ଏହା ଶରୀରରେ ଆଲର୍ଜି ହେବାକୁ ଦିଏନାହିଁ। ଶରୀରରେ ଯଦି କ୍ୟାନ୍ସର୍ କୋଷ (ସେଲ୍) ବୃଦ୍ଧିକୁ କେତେକାଂଶରେ ରୋକିବାରେ ସକ୍ଷମ ହୋଇଥାଏ କଲରା।

➤କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ।

## ବହୁ ଉପଯୋଗୀ
# ଏମ୍. ଆଇ. ହେଲିକପ୍ଟର



ନିକୁଞ୍ଜ ବିହାରୀ ସାହୁ

> "ଏଥିରେ ଦୁଇଟି ଶକ୍ତିଶାଳୀ ଟର୍ବୋ ସାଫ୍ଟ ଇଞ୍ଜିନ ଖଞ୍ଜା ଯାଇଛି; ଫଳରେ କୌଣସି କାରଣରୁ ଗୋଟିଏ ଇଞ୍ଜିନ ଅଚଳ ହୋଇଗଲେ ଅନ୍ୟ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ଗନ୍ତବ୍ୟ ସ୍ଥଳରେ ନିରାପଦରେ ପହଞ୍ଚି ହେବ। ଏହି ଇଞ୍ଜିନଗୁଡ଼ିକ ହେଲା : TV୩-୧୧୭VM ଏବଂ VK-୨୫୦୦। ସେଥିମଧ୍ୟରୁ TV୩-୧୧୭VM ଇଞ୍ଜିନଟି ସର୍ବାଧିକ ୨୧୦୦ hp କ୍ଷମତା ପ୍ରଦାନ କରିପାରୁଥିଲା ବେଳେ VK-୨୫୦୦ ଇଞ୍ଜିନ ୨୭୦୦hp କ୍ଷମତା ପ୍ରଦାନ କରିବାକୁ ସକ୍ଷମ।"

ନିକଟରେ ଭାରତର ପୂର୍ବତନ ସେନାଧକ୍ଷ ବିପିନ ରାୱତଙ୍କ ସମେତ ସେନାର କିଛି କର୍ମଚାରୀଙ୍କୁ ନେଇ ଯାଉଥିବା ସେନାର ଏକ ହେଲିକପ୍ଟର ତାମିଲନାଡୁ ନୀଳଗିରିର ଦୁର୍ଗମ ଜଙ୍ଗଲ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହେବା ଦ୍ୱାରା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରଟି ଭାରତୀୟ ବାୟୁସେନାର ଏକ MI-୧୭V-୫ ପରିବହନ ବାୟୁଯାନ ବୋଲି ଜଣାପଡ଼ିଛି। ଏହି ହେଲିକପ୍ଟର ସମ୍ପର୍କରେ କିଛି ସୂଚନା ନିମ୍ନରେ ଦିଆଗଲା।

**ବହୁ-ଉପଯୋଗୀ ଦୁର୍ଦ୍ଧର୍ଷ ହେଲିକପ୍ଟର:** ଏହା ମୁଖ୍ୟତଃ ଏକ ପରିବହନ ହେଲିକପ୍ଟର ହେଲେ ସୁଦ୍ଧା ଶତ୍ରୁ ସେନା ଉପରେ ଆକ୍ରମଣ କରିବା ଏବଂ ପ୍ରତିକୂଳ ପରିସ୍ଥିତିରେ ଆକ୍ରମଣ ତଥା ଗୋଇନ୍ଦାଗିରି ନିମନ୍ତେ ସେନା ଓ ସାମଗ୍ରୀ ତୁରନ୍ତ ପରିବହନ କରି ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚାଇବା ପାଇଁ ଏଥିରେ ଯଥେଷ୍ଟ ସୁବିଧା ରହିଛି। ଏହା ବିଶ୍ୱର ଏକ ଅତ୍ୟାଧୁନିକ ତଥା ବହୁ-ଉପଯୋଗୀ ଦୁର୍ଦ୍ଧର୍ଷ ହେଲିକପ୍ଟର। ଏଥିରେ ବିମାନଚାଳନା ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରମାନ ଖଞ୍ଜାଯାଇଛି; ଯାହା ସାହାଯ୍ୟରେ ଏହା ଦିନରାତି ସବୁ ସମୟରେ ପୃଥିବୀର ଯେକୌଣସି ଭୌଗୋଳିକ ତଥା ଜଳବାୟୁ ପରିସ୍ଥିତିରେ ଏବଂ ଏପରି କି ଖରାପ ପାଗରେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିପାରିବ। ଏହି ହେଲିକପ୍ଟରକୁ ମଧ୍ୟ ବନ୍ୟା, ବାତ୍ୟା ଭଳି ଆପଦକାଳୀନ ପରିସ୍ଥିତିରେ ଯୋଗାଣ ଓ ଉଦ୍ଧାର କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଏହା ଯେକୌଣସି ସ୍ଥାନରେ ବିନା ହେଲିପ୍ୟାଡରେ ଏବଂ ଏପରି କି ରାତ୍ରି ସମୟରେ ମଧ୍ୟ ଅବତରଣ କରିବା ପାଇଁ ସକ୍ଷମ। ଏହା ଉଭୟ ଯାତ୍ରୀକକ୍ଷ ଓ ତଳପଟେ ଝୁଲୁଥିବା ଝୁଲାରେ ମାଲ ପରିବହନ କରିପାରେ।

**ଉତ୍ପାଦନ ଏବଂ ଇତିହାସ:** MI-୧୭ V-୫ ହେଲିକପ୍ଟର ବିଶ୍ୱରେ ନିଜର ବହୁ-ଉପାଦେୟତା, ବିଶ୍ୱସନୀୟତା ଏବଂ କାର୍ଯ୍ୟଦକ୍ଷତା ପାଇଁ ବେଶ୍ ଜଣାଶୁଣା। MI-୮/୧୭ ଶ୍ରେଣୀ ବାୟୁଯାନର ସାମରିକ ପରିବହନ ଉପଯୋଗ ନିମନ୍ତେ ବ୍ୟବହୃତ ଏକ ପରିବର୍ତ୍ତିତ ରୂପ। ଏହା ରୁଷର କାଜାନ୍ ହେଲିକପ୍ଟର କମ୍ପାନୀ ଦ୍ୱାରା ନିର୍ମିତ। ଆମ ଦେଶର ପ୍ରତିରକ୍ଷା ବିଭାଗ ଗତ ୨୦୦୮ ମସିହାରେ ଭାରତୀୟ ବାୟୁସେନା ନିମନ୍ତେ ୮୦ଟି ହେଲିକପ୍ଟର ଯୋଗାଣ ପାଇଁ ରୁଷୀୟ କମ୍ପାନୀ ନିକଟରେ ଚୁକ୍ତି କରିଥିଲା। ଭାରତକୁ ଏହି ହେଲିକପ୍ଟରର ଯୋଗାଣ ୨୦୧୧ ମସିହାରେ ଆରମ୍ଭ ହୋଇ ୨୦୧୮ ମସିହାରେ ସମାପ୍ତ ହୋଇଥିଲା।

**ଇଞ୍ଜିନ :** ଏଥିରେ ଦୁଇଟି ଶକ୍ତିଶାଳୀ ଟର୍ବୋ ସାଫ୍ଟ ଇଞ୍ଜିନ ଖଞ୍ଜାଯାଇଛି; ଫଳରେ କୌଣସି କାରଣରୁ ଗୋଟିଏ ଇଞ୍ଜିନ ଅଚଳ ହୋଇଗଲେ ଅନ୍ୟ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ଗନ୍ତବ୍ୟସ୍ଥଳରେ ନିରାପଦରେ ପହଞ୍ଚି ହେବ। ଏହି ଇଞ୍ଜିନଗୁଡ଼ିକ ହେଲା- TV୩-୧୧୭VM ଏବଂ VK-୨୫୦୦। ସେଥିମଧ୍ୟରୁ TV୩-୧୧୭VM ଇଞ୍ଜିନଟି ସର୍ବାଧିକ ୨୧୦୦ HP କ୍ଷମତା ପ୍ରଦାନ କରିପାରୁଥିଲାବେଳେ VK-୨୫୦୦ ଇଞ୍ଜିନ ୨୭୦୦HP କ୍ଷମତା ପ୍ରଦାନ କରିବାକୁ ସକ୍ଷମ। ଏହି ବିମାନର ସର୍ବାଧିକ ବେଗ ୨୫୦ କି.ମି./ଘଣ୍ଟା ଏବଂ ଏହା ଥରକେ ୫୮୦ କି.ମି. ଦୂରତା ପର୍ଯ୍ୟନ୍ତ ଉଡାଣ ଭରି ପାରିବ। ଏଥିରେ ଦୁଇଟି ଅତିରିକ୍ତ ଇନ୍ଧନ ଟାଙ୍କି ଖଞ୍ଜାଗଲେ ଏହାର ଅତିକ୍ରାନ୍ତ ପରିସରକୁ ୧୦୬୫ କି.ମି. ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇ ପାରିବ। ଏହା ଆକାଶରେ ସର୍ବାଧିକ ୬୦୦୦ ମିଟର ଉଚ୍ଚତାରେ ଉଡ଼ିପାରିବ।





**ଯାତ୍ରୀ ପ୍ରକୋଷ୍ଠ:** ଏହି ହେଲିକପ୍ଟରର କ୍ୟାବିନ୍ ଅପେକ୍ଷାକୃତ ପ୍ରଶସ୍ତ ଏବଂ ଏହା ମଧ୍ୟକୁ ପହଞ୍ଚିବା ନିମନ୍ତେ ଯାତ୍ରୀମାନଙ୍କ ପାଇଁ ମୁଖ୍ୟ ପାର୍ଶ୍ୱ-ପ୍ରବେଶଦ୍ୱାର ବ୍ୟତୀତ ତୁରନ୍ତ ସେନା ଏବଂ ସାମଗ୍ରୀ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ପଛପଟରେ ମଧ୍ୟ ଏକ ରାମ୍ପ (RAMP)ର ବ୍ୟବସ୍ଥା ଅଛି। ଏହା ଏକ ୩ ଜଣିଆ ଚାଳକଦଳଙ୍କ ସମେତ ସମୁଦାୟ ୩୬ଜଣ ସଶସ୍ତ୍ର ସୈନିକଙ୍କୁ ଆକାଶମାର୍ଗରେ ବହନ କରିନେଇପାରେ। ଏହି ହେଲିକପ୍ଟର ସର୍ବାଧିକ ୧୩,୦୦୦ କି.ଗ୍ରା. ଓଜନର ସାମଗ୍ରୀ ଉଠାଇ ଉଡାଣଭରିବା ସହିତ ନିଜ ତଳଭାଗରୁ ଲମ୍ବିଥିବା ଝୁଲା (SLING)ରେ ମଧ୍ୟ ୪୫୦୦ କି.ଗ୍ରା. ଓଜନର ଅତିରିକ୍ତ ଭାର ବହନ କରିପାରେ। ଏହି ହେଲିକପ୍ଟର କ୍ରାନ୍ତିମଣ୍ଡଳୀୟ, ସାମୁଦ୍ରିକ କିମ୍ବା ମରୁଭୂମି ଭଳି ବିଭିନ୍ନ ପ୍ରକାରର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବାକୁ ସକ୍ଷମ।

**ଚାଳକ କକ୍ଷ (COCK-PIT):** ଏହି ହେଲିକପ୍ଟରର ଚାଳକ କକ୍ଷରେ ଉଡାଣ ଓ ବିମାନଚାଳନା ସମ୍ପର୍କିତ ଅତ୍ୟାଧୁନିକ ଯନ୍ତ୍ରାବଳୀ ଯଥା ଚାରୋଟି ବହୁ-ଉପାଦେୟୀ ପ୍ରଦର୍ଶନ ପରଦା (MULTI FUNCTION DISPLAY-MFD), ରାତିରେ ଦୃଶ୍ୟ ନିମନ୍ତେ ଉପକରଣ, ପାଣିପାଗ ସମ୍ପର୍କିତ ସୂଚନା ପ୍ରଦାନ ନିମନ୍ତେ ବିମାନସ୍ଥ ରାଡାର ଏବଂ ଅଟୋ-ପାଇଲଟ ଆଦି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ସ୍ଥାପିତ ହୋଇଛି।

**ଅସ୍ତ୍ରଶସ୍ତ୍ର:** ଏହା କେବଳ ଏକ ପରିବହନ ହେଲିକପ୍ଟର ନୁହେଁ; ଏଥିରେ ମଧ୍ୟ ଅନେକ ପ୍ରକାରର ମାରଣାସ୍ତ୍ର ଖଞ୍ଜା ଯାଇପାରିବ। ଏହି ବିମାନରେ ସ୍ଥାପିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଶତ୍ରୁ ସେନା, ଟ୍ୟାଙ୍କ, ଭୂମିଗତ ଲକ୍ଷ୍ୟସ୍ଥଳୀ, ଶତ୍ରୁର ଦୁର୍ଗ, ସ୍ଥିର କିମ୍ବା ଗତିଶୀଳ ବସ୍ତୁକୁ ଆଘାତ କରିହେବ। ଏହି ହେଲିକପ୍ଟରରେ ଥିବା ମାରକ ଅସ୍ତ୍ରମାନ ହେଲା SHTURM-V କ୍ଷେପଣାସ୍ତ୍ର, S-୮ ରକେଟ, ୨୩MM ମେଶିନ୍ ଗନ୍, PKT ମେଶିନ୍‌ଗନ୍ ଏବଂ AKM ସବ୍-ମେଶିନ୍‌ଗନ୍। ରୁଷ୍ ଦ୍ୱାରା ବିକଶିତ SHTURM-V ବ୍ୟବସ୍ଥା ବେତାର ତରଙ୍ଗ ଦ୍ୱାରା ମାର୍ଗନିର୍ଦ୍ଦେଶିତ ଏକ କ୍ଷେପଣାସ୍ତ୍ର, ଯାହାକୁ ଆକାଶମାର୍ଗରୁ ପ୍ରହାର କରି ଶତ୍ରୁପକ୍ଷର କୌଣସି ଟ୍ୟାଙ୍କକୁ ଧ୍ୱଂସ କରାଯାଇପାରିବ। ସେହିପରି, S-୮ ଏକ ସ୍ୱଳ୍ପ ଦୂରଗାମୀ ରକେଟ୍, ଯାହା ୩.୬ କି.ଗ୍ରା. ଓଜନର ବିସ୍ଫୋରକ ସାମଗ୍ରୀ ବହନ କରି ନିର୍ଭୁଲ ରୂପେ ଶତ୍ରୁ ଶିବିରରେ ପ୍ରବେଶ କରିପାରିବ। ଏହାର ସ୍ୱଳ୍ପ ଓଜନ ହେତୁ ଏହାକୁ ସହଜରେ ହେଲିକପ୍ଟରରେ ଖଞ୍ଜି ଏକାଥରକେ ଅନେକ ରକେଟ୍‌କୁ ଲକ୍ଷ୍ୟସ୍ଥଳୀ ଉଦ୍ଦେଶ୍ୟରେ ନିକ୍ଷେପ କରିହେବ। ଆହୁରି ମଧ୍ୟ, ୭.୬୨ MM ନଳୀ ବ୍ୟାସ ଓ ୭୭୨ MM ନଳୀ ଲମ୍ବ ବିଶିଷ୍ଟ PKT ମେଶିନ୍‌ଗନ୍ ଏକ ସ୍ୱୟଂଚାଳିତ ବନ୍ଧୁକ ଯେଉଁଥିରୁ ଏକ ମିନିଟରେ ପ୍ରାୟ ୫୦୦ ରାଉଣ୍ଡ ଗୁଳି ଅନବରତ ବର୍ଷଣ କରି ୪ କି.ମି. ଦୂରତାରେ ଥିବା ଲକ୍ଷ୍ୟସ୍ଥଳୀକୁ ଆଘାତ କରିହେବ। ଏହି ହେଲିକପ୍ଟରରୁ ଏକକାଳୀନ ୮ଟି ଲକ୍ଷ୍ୟସ୍ଥଳୀ ଉପରେ ଆକ୍ରମଣ କରିହେବ।

**ସୁରକ୍ଷା ବ୍ୟବସ୍ଥା:** ଶତ୍ରୁର ଗୁଳିଗୋଳା ଓ କ୍ଷେପଣାସ୍ତ୍ର ମାଡ଼ରୁ ରକ୍ଷା କରିବା ପାଇଁ ଏହି ହେଲିକପ୍ଟରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା ଚାଳକ କକ୍ଷ, ଇନ୍ଧନ ଟାଙ୍କି ଓ ଅସ୍ତ୍ରଶସ୍ତ୍ର ଭଣ୍ଡାର ଇତ୍ୟାଦି ଚାରିପଟେ ମୋଟା ଧାତବ ଚାଦର ସୁରକ୍ଷା ବଳୟର ଆବରଣ ଅଛି। ଏଥିରେ ଥିବା ଯୁଗ୍ମ ଇଞ୍ଜିନ୍ (TWIN ENGINE) ବ୍ୟବସ୍ଥା ଜରିଆରେ ଗୋଟିଏ ଇଞ୍ଜିନ୍ ଅଚଳ ହୋଇଗଲେ ସୁଦ୍ଧା ଅନ୍ୟ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ବାୟୁଯାନକୁ ନିରାପଦସ୍ଥଳୀରେ ପହଞ୍ଚାଇ ହେବ। ଏଥିରେ ସ୍ଥାପିତ ଅଟୋ-ପାଇଲଟ (AUTOPILOT) ବ୍ୟବସ୍ଥା ବିନା ତ୍ରୁଟିରେ ଚାଳକକୁ ବିମାନଚାଳନା ସମ୍ପର୍କିତ ଅନେକ ଜଟିଳ କାର୍ଯ୍ୟ ସ୍ୱୟଂଚାଳିତ ଉପାୟରେ ସମ୍ପାଦନ କରିବା ଦିଗରେ ମାର୍ଗନିର୍ଦ୍ଦେଶିତ କରିଥାଏ। ଏଥିରେ ମଧ୍ୟ ଏକ ଅତିରିକ୍ତ ସ୍ଲାଇଡିଙ୍ଗ ପ୍ରବେଶଦ୍ୱାର, ପାରାସୁଟ୍ ଅବତରଣ ବ୍ୟବସ୍ଥା, ସର୍ଚ୍ଚଲାଇଟ୍ ଏବଂ ଜଳରେ ଭାସିବା ଭଳି ସହାୟକ ଉପକରଣମାନ ସ୍ଥାପିତ ଅଛି। ଏଥିରେ ଥିବା ଜାମର୍ ବ୍ୟବସ୍ଥା ଇଞ୍ଜିନରୁ ନିର୍ଗତ ଇନଫ୍ରା-ରେଡ୍ ବିକିରଣକୁ ପ୍ରତିହତ କରେ; ଯାହାଦ୍ୱାରା ଶତ୍ରୁର କୌଣସି କ୍ଷେପଣାସ୍ତ୍ର ଏହି ଇନଫ୍ରା-ରେଡ୍ ସଙ୍କେତକୁ ଅନୁସରଣ କରି ବିମାନକୁ ଆଘାତ କରିବାକୁ ସମର୍ଥ ହୋଇ ନ ଥାଏ।

-ଏଜୁକେଶନ୍ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ: ୮୦୧୮୬୦୮୮୫୮

## ସ୍ମରଣ ଶକ୍ତି ହ୍ରାସ କରେ ଅତ୍ୟଧିକ ମିଠା



ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିଥାଏ। ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି ବିଷୟକୁ ନେଇ ହୋଇଥିବା ଗବେଷଣାରୁ ଟୋକିଓ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏ ବିଷୟରେ ଜାଣିପାରିଛନ୍ତି। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ୍ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟତା ଦେଖିବାକୁ ମିଳିଥିଲା।

## ସକାରାତ୍ମକ ମାନସିକତା ପାଇଁ...



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏହାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଏ ବିଷୟରେ ଜଣାପଡ଼ିଛି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ (ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ଅସନ୍ତୁଳିତ ରହୁଥିଲା) ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେବାକୁ ସେମାନେ ପରାମର୍ଶ ଦେଇଥିଲେ। ଯେଉଁମାନଙ୍କର କଥାବାର୍ତ୍ତା ଶୈଳୀ ନମ୍ର ରହୁଥିଲା ସେହି ଅନୁସାରେ ସେମାନଙ୍କର ମାନସିକତା ମଧ୍ୟ ସକାରାତ୍ମକ ରହୁଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମାନସିକତା ସକାରାତ୍ମକ ରହିଲେ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିପାରନ୍ତି ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ସର୍ଭେରୁ ମଧ୍ୟ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖେ ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ।

## କାର୍ଯ୍ୟଦକ୍ଷତା ବଢ଼ାଇବାର ନୂଆ ଉପାୟ



ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ପଢ଼ାପଢ଼ି କରନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇପାରେ। ଏପରି ଆକଳନ କରିଛନ୍ତି ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ। ଏକ ସର୍ଭେରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ ପ୍ରତିଦିନ କିଛି ସମୟ ପଢ଼ିବା ଦ୍ୱାରା ଆମଠାରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। 'କାର୍ଯ୍ୟଦକ୍ଷତା ଓ ପଢ଼ାପଢ଼ି' ଶୀର୍ଷକ ବିଷୟକୁ ନେଇ ହୋଇଥିବା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିବା ବେଳେ ଅନ୍ୟ ଗ୍ରୁପ୍ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ପଢ଼ାପଢ଼ି କରିବାକୁ ପରାମର୍ଶ ଦିଆଯାଇଥିଲା। କିଛି ସପ୍ତାହ ପରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ କିଛି ସମୟ ପଢୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଛି ଜଣଙ୍କର କାର୍ଯ୍ୟଦକ୍ଷତା ବଢ଼ିଛି। ଆଗ୍ରହର ସହ ସେମାନେ ସମସ୍ତ କାର୍ଯ୍ୟକୁ କରୁଛନ୍ତି ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## କ୍ୟାଲୋରିକୁ ସନ୍ତୁଳିତ ରଖେ ରକ୍ତଦାନ

କଥାରେ ଅଛି ରକ୍ତଦାନ ମହାପୁଣ୍ୟ। ଅନେକେ ଏହାକୁ ଜୀବନର ଏକ ଅଙ୍ଗ ଭାବରେ ଧରିନେଇଥାଆନ୍ତି। ତେବେ ରକ୍ତଦାନ କରିବା ଦ୍ୱାରା ଆମ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିବ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। କାରଣ ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ। ଏଥିରେ ଅସନ୍ତୁଳିତ ପରିଲକ୍ଷିତ ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିବା ସହ ଆମ ଶରୀର ପାଇଁ ଅନେକ କ୍ଷତି ପହଞ୍ଚାଏ। ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିଥାଏ । ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଯଥେଷ୍ଟ ଜରୁରୀ। ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରୁଥିବା କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରିମାଣ କେତେ ରହୁଛି ତାହାକୁ ପରୀକ୍ଷା କରିବା ପରେ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ । ତେବେ କ୍ୟାଲୋରି ସ୍ତରକୁ ସନ୍ତୁଳିତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର।



## ସ୍ୱାସ୍ଥ୍ୟ ସୂଚନା

● ଯଦି ଆପଣଙ୍କ ଚର୍ମ ଶୁଖିଯାଉଛି, ତେବେ ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ। ଏହାଦ୍ୱାରା ଚର୍ମରେ ନମନୀୟତା ବଜାୟ ରହିଥାଏ।

● ବାହାର ଜିନିଷ କିମ୍ବା ଜଙ୍କ୍ ଫୁଡ୍ କେବେ ବି ଖାଆନ୍ତୁ ନାହିଁ। ଏହା ଶରୀରରେ ଏସିଡିଟି ସୃଷ୍ଟି କରିପାରେ। ତେଣୁ, ଯଥା ସମ୍ଭବ ଏପରି ଖାଦ୍ୟଠାରୁ ନିଜକୁ ଦୂରେଇ ରଖନ୍ତୁ।

● ଖାଦ୍ୟ ତାଲିକାରେ ଶାଗଜାତୀୟ ଖାଦ୍ୟ ଏବଂ ତଟାକ ଫଳମୂଳ ସାମିଲ୍ କରନ୍ତୁ। ଏପରି ଖାଦ୍ୟ ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇଥାଏ।



● ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗମାନଙ୍କ ସହ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଆପଣ ଚାହିଁଲେ, ସୋସିଆଲ୍ ମିଡ଼ିଆକୁ ମଧ୍ୟ ବ୍ୟବହାର କରିପାରିବେ।

● ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଛନ୍ତି କି ? ତେବେ ଔଷଧ ଖାଇବା ସହ ଯୋଗ, ପ୍ରାଣାୟମ, ବ୍ୟାୟାମ ଆଦି କରିପାରନ୍ତି। ତା'ସହ ଡାକ୍ତରଙ୍କ ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ପରାମର୍ଶ କରନ୍ତୁ।

● ଯେ କୌଣସି କାର୍ଯ୍ୟକୁ ବହୁ ସମୟ ଧରି ଆଦୌ କରନ୍ତୁ ନାହିଁ। କାମ କଲା ବେଳେ ମଝିରେ ମଝିରେ ବିରତି ନିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଡିସେମ୍ବର ୨୦/୨୦୨୧ Sambalpur, Monday, December 20/ 2021

# ଓଡ଼ିଶା ମହିଳା ଚାମ୍ପିୟନ, ପୁରୁଷଙ୍କୁ ବ୍ରୋଞ୍ଜ




କିଟ୍ ପରିସରରେ ଅନୁଷ୍ଠିତ ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ଚାମ୍ପିୟନ ଓଡ଼ିଶା ମହିଳା ଦଳ ଏବଂ ବ୍ରୋଞ୍ଜ ବିଜୟୀ ପୁରୁଷ ଦଳ ମୁଖ୍ୟ ଅତିଥି କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ସହ।

**ଭୁବନେଶ୍ୱର,୧୯।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରଗ୍‌ବୀ ପାଇଁ ଖୁସି ଖବର। ଜାତୀୟ ସିନିୟର ରଗ୍‌ବୀରେ ଓଡ଼ିଶା ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ରାଜ୍ୟ ସରକାର ରଗ୍‌ବୀକୁ ପ୍ରୋତ୍ସାହନ ଦେଇ ଆସୁଥିବାବେଳେ ଓଡ଼ିଶା ଦଳର ଏହି ସଫଳତା ରାଜ୍ୟର ରଗ୍‌ବୀ ପ୍ରେମୀଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆରଏଫ୍‌ୟୁ), ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ, କିଟ୍ ବିଶ୍ୱବିଦ୍ୟାଳୟ, ସୋସାଇଟି ଜେନେରାଲ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୮ମ ସିନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ମହିଳା ବିଭାଗ ଫାଇନାଲରେ ମହାରାଷ୍ଟ୍ରକୁ ୨୦-୧୦ରେ ହରାଇ ଓଡ଼ିଶା ଚାମ୍ପିୟନ ହୋଇଛି। ସେମିଫାଇନାଲରେ ଓଡ଼ିଶା ଦଳ ୨୨-୧୦ରେ ଦିଲ୍ଲୀକୁ ଏବଂ ମହାରାଷ୍ଟ୍ର ୧୨-୦ରେ ପଶ୍ଚିମବଙ୍ଗକୁ ହରାଇ ଟାଇଟଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୩୦-୭ରେ

### ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ

ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ପୁରୁଷ ବିଭାଗ ଫାଇନାଲରେ ହରିୟାଣା ୨୪-୧୦ରେ ମହାରାଷ୍ଟ୍ରକୁ ହରାଇ ଚାମ୍ପିୟନ ହୋଇଛି। ସେମିଫାଇନାଲରେ ମହାରାଷ୍ଟ୍ର ୩୨-୦ରେ ଓଡ଼ିଶାକୁ ଏବଂ ହରିୟାଣା ୪୩-୦ରେ ଦିଲ୍ଲୀକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ହାରି ଯାଇଥିବା ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀକୁ ୧୨-୧୦ରେ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି।

ଏହି ଟୁର୍ନାମେଣ୍ଟର ପୁଲ୍-୨ରେ ସ୍ଥାନ ପାଇଥିବା ଓଡ଼ିଶା ମହିଳା ଦଳ ଏହାର ପ୍ରଥମ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ୬୦-୦ ଏବଂ ଦ୍ୱିତୀୟ ମ୍ୟାଚରେ ଝାଡ଼ଖଣ୍ଡକୁ ୩୩-୦ରେ ହରାଇ ନକ୍‌ଆଉଟରେ ପ୍ରବେଶ କରିଥିଲା। ଏହାପରେ ପ୍ରି- କ୍ୱାର୍ଟର ଫାଇନାଲରେ ପଞ୍ଜାବକୁ ୬୨-୦ରେ ଏବଂ କ୍ୱାର୍ଟର ଫାଇନାଲରେ ଗୋଆକୁ ୨୭-୦ରେ ପରାସ୍ତ କରିଥିଲା। ସେହିପରି ପୁରୁଷ ବିଭାଗର ପୁଲ୍-୬ରେ ସ୍ଥାନିତ ହୋଇଥିବା ଓଡ଼ିଶା ପ୍ରଥମ ମ୍ୟାଚରେ ଗୁଜରାଟକୁ ୩୧-୫ ଓ ଦ୍ୱିତୀୟ ମ୍ୟାଚରେ ତେଲଙ୍ଗାନାକୁ ୩୦-୦ରେ ହରାଇ ନକ୍‌ଆଉଟରେ ପହଞ୍ଚିଥିଲା। ଏହି ପର୍ଯ୍ୟାୟରେ ଦଳ ପ୍ରି- କ୍ୱାର୍ଟରରେ ବିହାରକୁ ୪୦-୦ ଏବଂ କ୍ୱାର୍ଟର ଫାଇନାଲରେ ତାମିଲନାଡୁକୁ ୨୮-୧୫ରେ ହରାଇ ଦେଇଥିଲା।

ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା, ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ନୂଆ ସଭାପତି ରାହୁଲ ବୋଷ, କିସ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଶାନ୍ତ କୁମାର ରାଉତରାୟ ଏବଂ ରଗ୍‌ବୀ ଇଣ୍ଡିଆର ସମ୍ପାଦକ ଗେରାଲ୍ଡ ଆଣ୍ଟୋନି ପ୍ରଭୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ପୋଡିୟମ ମଣ୍ଡନ କରିଥିବା ଦଳର ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ସରକାର ରଗ୍‌ବୀକୁ ପ୍ରୋତ୍ସାହନ ଦେଇ ଆସୁଥିବାବେଳେ ରଗ୍‌ବୀ ଇଣ୍ଡିଆ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ଏପରି ଏକ ସମ୍ମାନଜନକ ପ୍ରତିଯୋଗିତା କିଟ୍ ପରିସରରେ ଆୟୋଜନ କରିଥିବାରୁ ଅଚ୍ୟୁତ ସମସ୍ତଙ୍କୁ ଧନ୍ୟବାନ ଜଣାଇଛନ୍ତି।

### ପୋଜିଶନ

**(ମହିଳା)**
ସ୍ୱର୍ଣ୍ଣ: ଓଡ଼ିଶା
ରୌପ୍ୟ: ମହାରାଷ୍ଟ୍ର
ବ୍ରୋଞ୍ଜ: ଦିଲ୍ଲୀ

**(ପୁରୁଷ)**
ସ୍ୱର୍ଣ୍ଣ: ହରିୟାଣା
ରୌପ୍ୟ: ମହାରାଷ୍ଟ୍ର
ବ୍ରୋଞ୍ଜ: ଓଡ଼ିଶା




# ଜୟଦେବ ସ୍ପୋର୍ଟିଂକୁ ହରାଇଲା ୟୁ ଆଣ୍ଡ୍ ମି

**ସୋର,୧୯।୧୨ (ଡି.ଏନ୍.ଏ)**

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ମହୁମୁହାଣ ପଞ୍ଚାୟତ ବାଗୁଡ଼ି କ୍ରିକେଟ୍ ପଡ଼ିଆଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୩ତମ ମହାବୀର କପ୍ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ରବିବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଜୟଦେବ ସ୍ପୋର୍ଟିଂ ଭୁବନେଶ୍ୱରକୁ ହରାଇ ବାଲେଶ୍ୱରର ୟୁ ଆଣ୍ଡ୍ ମି ଟିମ୍ ବିଜୟୀ ହୋଇଛି। ୟୁ ଆଣ୍ଡ୍ ମି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ୨୧୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଜୟଦେବ ସ୍ପୋର୍ଟିଂ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୧ ରନ୍ କରି ପରାଜିତ ହୋଇଥିଲା। ୟୁ ଆଣ୍ଡ୍ ମିର ସବ୍ୟସାଚୀ ଆଚାର୍ଯ୍ୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା, ସମ୍ମାନିତ ଅତିଥି ସରପଞ୍ଚ ଶାନ୍ତିଲତା ବେହେରା ଏବଂ ଅଧ୍ୟାପକ ରଣଜିତ ଠାକୁର ଯୋଗ ଦେଇଥିଲେ। ମହାବୀର କ୍ଲବ ସଭାପତି ଅଖିଳରାମ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ବୀରେନ୍ଦ୍ର କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ।




# ରାହୁଲ ବୋଷ ରଗ୍‌ବୀ ଇଣ୍ଡିଆର ନୂଆ ସଭାପତି



ରଗ୍‌ବୀ ଇଣ୍ଡିଆ ନିର୍ବାଚନ ପରେ ନବନିର୍ବାଚିତ ସମ୍ପାଦକ ଗେରାଲ୍ଡ ଆଣ୍ଟୋନି ପ୍ରଭୁ (ବାମ) ଓ ସଭାପତି ରାହୁଲ ବୋଷ(ବାମରୁ ତୃତୀୟ)ଙ୍କ ସହ ଓଡ଼ିଶା ସଂଘ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ସଭାପତି ପ୍ରିୟଦର୍ଶୀ ମିଶ୍ର ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ବା ରଗ୍‌ବୀ ଇଣ୍ଡିଆର ନିର୍ବାଚନ କିଟ୍‌ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଭିନେତା ତଥା ପୂର୍ବରୁ ବୋର୍ଡ ସଦସ୍ୟ ରହି ଆସିଥିବା ରାହୁଲ ବୋଷ ରଗ୍‌ବୀ ଇଣ୍ଡିଆର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ରାହୁଲ ପୂର୍ବତନ ସଭାପତି ବିକ୍ରମ ଆହୁଜାଙ୍କୁ ୨୯-୨୧ ଭୋଟ୍‌ରେ ପରାସ୍ତ କରିଛନ୍ତି। ଦୁଇଜଣଯାକ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ରରୁ ପ୍ରତିନିଧିତ୍ୱ କରୁଥିଲେ। ସମ୍ପାଦକ ପଦ କିନ୍ତୁ ବଜାୟ ରଖିଛନ୍ତି କର୍ନାଟକ ରଗ୍‌ବୀ ଫୁଟବଲ ୟୁନିୟନରୁ ପ୍ରତିନିଧିତ୍ୱ କରୁଥିବା ଗେରାଲ୍ଡ ଆଣ୍ଟୋନି ପ୍ରଭୁ। ନିର୍ବାଚନରେ ସେ ରଗ୍‌ବୀ ଆସୋସିଏଶନ ଅଫ୍ ଦିଲ୍ଲୀର ପ୍ରମୋଦ କୁମାର ଯାଦବଙ୍କୁ ପରାସ୍ତ କରିଛନ୍ତି। ଏହା ବ୍ୟତୀତ ପୁରୁଷ ଉପସଭାପତି ଭାବେ ପରବିନ୍ଦର କୁମାର (ରଗ୍‌ବୀ ଆସୋସିଏଶନ ଅଫ୍ ପଞ୍ଜାବ), ମହିଳା ଉପସଭାପତି ପାଇଁ ସନୟା ମେହେଟା ବ୍ୟାସ (ବେଙ୍ଗଲ ରଗ୍‌ବୀ ଫୁଟବଲ ୟୁନିୟନ), କୋଷାଧ୍ୟକ୍ଷ ପାଇଁ ସେନ୍ଥିଲ ଭି. ତ୍ୟାଗରାଜନ (ତାମିଲନାଡୁ ରଗ୍‌ବୀ ଫୁଟବଲ ୟୁନିୟନ), ପୂର୍ଣ୍ଣ ସଦସ୍ୟ ପୁରୁଷ ପ୍ରତିନିଧିଭାବେ ଅମିତ କୁମାର ଦେ (ରଗ୍‌ବୀ ଫୁଟବଲ ଆସୋସିଏଶନ ଅଫ୍ ଉତ୍ତର ପ୍ରଦେଶ) ଏବଂ ପୂର୍ଣ୍ଣ ସଦସ୍ୟା ମହିଳା ପ୍ରତିନିଧିଭାବେ ଆନ୍ଦ୍ରିଆ କ୍ରିଜ୍‌ଲେ (ଗୋଆ ରଗ୍‌ବୀ ୟୁନିୟନ) ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କର୍ନାଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅରବିନ୍ଦ କାମାଥ ରିଟର୍ନିଂ ଅଫିସରଭାବେ ଦାୟିତ୍ୱ ତୁଲାଉଥିଲେ। ନିର୍ବାଚନରେ ୨୬ଟି ପୂର୍ଣ୍ଣକାଳୀନ ଆସୋସିଏଶନ ଏବଂ ଅନୁଷ୍ଠାନର ୨ ଜଣ ଲେଖାଏ ସଦସ୍ୟ ଅଂଶଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ବିକ୍ରମ ଆହୁଜା ସଭାପତି,ଗେରାଲ୍ଡ ପ୍ରଭୁ ସମ୍ପାଦକ ଏବଂ ସନୟା ମେହେଟା ବ୍ୟାସ କୋଷାଧ୍ୟକ୍ଷ ଥିଲେ। ରାହୁଲ ଦୀର୍ଘଦିନ ଧରି ରଗ୍‌ବୀ ସହିତ ସମ୍ପୃକ୍ତ ରହି ଆସିଛନ୍ତି। ତୃଣମୂଳ ସ୍ତରରୁ ରଗ୍‌ବୀର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରି ଆସୁଛନ୍ତି। ତେଣୁ ସେ ଏବେ ରଗ୍‌ବୀ ଇଣ୍ଡିଆର ମୁଖ୍ୟ ହୋଇଥିବାରୁ ଭାରତୀୟ ରଗ୍‌ବୀ ଏକ ନୂଆ ସୋପାନରେ ପହଞ୍ଚିବା ଆଶା କରାଯାଉଛି। ରଗ୍‌ବୀ ଇଣ୍ଡିଆ ନିର୍ବାଚନରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଅଂଶଗ୍ରହଣ କରିଥିଲେ।

# ବିଏମ୍‌ଡବ୍ଲ୍ୟୁ ମୋଟୋରାଡ ଇଣ୍ଟରନ୍ୟାଶନାଲ ପାଇଁ ଭାରତୀୟ ଦଳ

**ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି)**

ବିଏମ୍‌ଡବ୍ଲ୍ୟୁ ମୋଟୋରାଡ ପକ୍ଷରୁ ଭାରତୀୟ ଫାଇନାଲିଷ୍ଟଙ୍କ ନାମ ଘୋଷଣା କରାଯାଇଛି। ଏମାନେ ହେଲେ କୋଲକାତାର ରମିଜ ମଲିକ, ବେଙ୍ଗାଲୁରୁର ଚାଇଡେ ଗୌଡ଼ା ଏବଂ ପୁଣେର ଆଦିବ ଜାବାନମାର୍ଡି। ଏହି ତିନିଜଣ ଆଲ୍‌ବାନିଆରେ ହେବାକୁଥିବା ବିଏମ୍‌ଡବ୍ଲ୍ୟୁ ମୋଟୋରାଡ ଇଣ୍ଟରନ୍ୟାଶନାଲ ଜିଏସ୍ ଟ୍ରଫି-୨୦୨୨ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଦେଶବ୍ୟାପୀ ଆୟୋଜିତ ମଲ୍ଟିସିଟି କ୍ୱାଲିଫାୟର ରାଉଣ୍ଡରୁ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଛି। ଏଥର ପ୍ରଥମଥର ପାଇଁ ଜଣେ ମହିଳା ଜିଏସ୍ ରାଇଡର ଆଞ୍ଚଳିକ ଯୋଗ୍ୟତା ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରାଇଡରମାନେ ହାର୍ଡକୋର୍, ଆଡ୍‌ଭେଞ୍ଚର ରାଇଡିଂ, ଟିମ୍‌ୱର୍କ ଚ୍ୟାଲେଞ୍ଜ୍ ସମେତ ବିଭିନ୍ନ କଷ୍ଟସାଧ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆଲ୍‌ବାନିଆରେ ଭାରତୀୟ ଦଳର ପ୍ରତିଯୋଗୀମାନେ ବ୍ରାଜିଲ, ଚାଇନା, ଫ୍ରାନ୍ସ, ଜର୍ମାନୀ, ଜାପାନ, ଲାଟିନ ଆମେରିକା, ମେକ୍ସିକୋ, ନେଦରଲାଣ୍ଡ୍ସ, ରୁଷ୍, ଦକ୍ଷିଣ ଆଫ୍ରିକା, ଦକ୍ଷିଣ ପୂର୍ବ ଏସିଆ, ଦକ୍ଷିଣ କୋରିଆ, ୟୁନାଇଟେଡ କିଙ୍ଗଡମ୍, ଆମେରିକା ଆଦି ଟିମ୍ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବେ। ପ୍ରକାଶଯୋଗ୍ୟ ଯେ, ଇଣ୍ଡିଆନ ନ୍ୟାଶନାଲ କ୍ୱାଲିଫାୟର ପ୍ରତି ଦୁଇ ବର୍ଷରେ ଥରେ ଆୟୋଜନ ହୋଇଥାଏ। ୩ୟ ସଂସ୍କରଣ ପାଇଁ ମଲ୍ଟିସିଟି କ୍ୱାଲିଫାୟର ରାଉଣ୍ଡକୁ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଓ ଭୁବନେଶ୍ୱରରେ ଆୟୋଜନ କରାଯାଇଥିଲା। ସମଗ୍ର ଦେଶରୁ ୨୫୦ରୁ ଅଧିକ ରାଇଡର ଏଥିରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ବିକ୍ରମ ପାୱା କହିଛନ୍ତି ଯେ, "ଜିଏସ୍ ଟ୍ରଫି ହେଉଛି ପ୍ରତିଯୋଗିତାମୂଳକ ଦକ୍ଷତା ଆହ୍ୱାନ, ଟିମ୍‌ୱାର୍କ ଏବଂ ଉନ୍ନତ ଚାଳନାର ଏକ ହଲ୍‌ମାର୍କ। ଚମତ୍କାର ପ୍ରଦର୍ଶନ ସହ ଧୈର୍ଯ୍ୟ, ଚାଳନା ଦକ୍ଷତା, ଦଳଗତ ଉତ୍ସାହ ପ୍ରଦର୍ଶନ ପାଇଁ ମୁଁ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଉଛି। ଆମ ଦେଶକୁ ଅନ୍ତର୍ଜାତୀୟ ଜିଏସ୍ ଟ୍ରଫି ଆଣିବା ପାଇଁ ଚମତ୍କାର ପ୍ରଦର୍ଶନ ସହ ଧୈର୍ଯ୍ୟ, ଚାଳନା ଦକ୍ଷତା ଗୁଣ ଆବଶ୍ୟକ ଥିଲା। ଭାରତୀୟ ଦଳକୁ ଶୁଭକାମନା। ଆଗକୁ ବଢ଼ ଏବଂ ମେକ୍ ଲାଇଫ୍ ଏ ରାଇଡ୍"।



ଚୌଡେ ଗୌଡ଼ା, ରମିଜ ମଲିକ ଓ ଆଦିବ ଜାଭାନମାର୍ଡି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଜିଲା ତୈଳିକ ବୈଶ୍ୟ ସମାଜର ସଭା

ସୋନପୁର,(ନି.ପ୍ର.): ସୋନପୁର ସହରସ୍ଥିତ ସୁବର୍ଣ୍ଣମେରୁ ମନ୍ଦିର ପ୍ରାଙ୍ଗଣରେ ଜିଲା ତୈଳିକ ବୈଶ୍ୟ ସମାଜ କାର୍ଯ୍ୟକାରିଣୀ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ତୈଳିକ ବୈଶ୍ୟ ସମାଜ ସଭାପତି ପଙ୍କଜ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ। ସମାଜର ଆହ୍ୱାନ କ୍ରମେ ସମସ୍ତ ବ୍ଲକରୁ ଜିଲା କମିଟି ଓ ବ୍ଲକ କମିଟି ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲା ସଂଘ ସହ ବ୍ଲକ ସଂଘଗୁଡିକ ସୁଦୃଢ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲା କୋଷାଧକ୍ଷ ହରି ସାହୁ ସଭା ସଂଯୋଜନା କରିଥିଲେ। ସନ୍ତୋଷ ସାହୁ, କ୍ଷୀରୋଦ୍ରୋ ସାହୁ, ଅର୍ଜୁନ ସାହୁ, ପ୍ରଫୁଲ୍ଲ ସାହୁ, ରୁଦ୍ରାକ୍ଷ ସାହୁ, ଧନଞ୍ଜୟ ସାହୁ, ନନ୍ଦିଘୋଷ ସାହୁ, ସୁଶାନ୍ତ ସାହୁଙ୍କ ସହ ଜିଲା କମିଟି ଓ ବ୍ଲକ କମିଟି ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ୬ ମିଲର୍ସଙ୍କୁ କାରଣ ଦର୍ଶାଅ ନୋଟିସ

**ବରଗଡ଼ ଅଫିସ୍,୧୯।୧୨**

- ରାଇସ ମିଲ୍ କରୁଛି ପ୍ରଦୂଷଣ
- ପ୍ରଦୂଷଣ ଆଇନକୁ ଅବମାନନା
- ନୋଟିସ୍‌ରେ ସୀମିତ କାର୍ଯ୍ୟାନୁଷ୍ଠାନ

ବରଗଡ଼ ଜିଲାରେ ଶିଳ୍ପ ପ୍ରଦୂଷଣ ବଢ଼ି ଚାଲିଛି। ଜିଲାରେ ଥିବା ଅନେକ ଛୋଟବଡ଼ ଶିଳ୍ପାନୁଷ୍ଠାନ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ କରୁନାହାନ୍ତି। ତାହା ହିଁ ପ୍ରଦୂଷଣର ପ୍ରମୁଖ କାରଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ମଧ୍ୟ ଏହା ଅଜଣା, ଅଛପା ହୋଇ ରହିନାହିଁ । ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବାବେଳେ ପ୍ରଦୂଷଣ ଆଇନ ଅବମାନନା ଦର୍ଶାଇ ଚିରାଚରିତ ଢ଼ଙ୍ଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଜିଲାର କିଛି ରାଇସ୍ ମିଲ ମାଲିକ (ମିଲର୍ସ)ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରୁଛି। ମାତ୍ର ପରବର୍ତ୍ତୀ ସମୟରେ ସେଭଳି କିଛି ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ନଜିର ନାହିଁ। ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇ ସାରିବା ପରେ ମିଲର୍ସଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କାରଣ ଦର୍ଶାଅ ନୋଟିସ ଜାରି କରିବା ଆଲୋଚନାର ବିଷୟ ହୋଇଛି। ଏହି କ୍ରମରେ ଶନିବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବରଗଡ଼ ଜିଲାର ୬ ମିଲର୍ସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ସେଗୁଡିକ ହେଲା ଗୋବିନ୍ଦପୁରସ୍ଥିତ ଅନନ୍ତ ଆଗ୍ରୋ ଇଣ୍ଡଷ୍ଟ୍ରିଜ, ପଥର୍ଲାର ବାଲଗୋପାଳ ରାଇସ ପ୍ରଡ଼କ୍ଟସ, ଉତ୍କଳ ଫୁଡ୍ସ, ଗୁଡ଼େଶିରାର ଲାଠ୍ ରାଇସ୍ ପ୍ରଡ଼କ୍ଟସ ପ୍ରାଇଭେଟ ଲିଃ, ଶ୍ରୀ ଶ୍ୟାମ ସୁନ୍ଦର ପେଡ୍ଡି ପ୍ରୋସେସିଂ ମିଲ୍ ପ୍ରାଇଭେଟ୍ ଲିଃ ଏବଂ ତୁରୁଙ୍ଗାର ଶ୍ରୀ ଶ୍ୟାମଜୀ ଇଣ୍ଡଷ୍ଟ୍ରିଜ୍। ନୋଟିସ ପାଇବାର ୧୫ଦିନ ମଧ୍ୟରେ ସ୍ପଷ୍ଟୀକରଣ ନ ଦେଲେ ବନ୍ଦ ନୋଟିସ ଜାରି କରାଯିବ ବୋଲି ସୂଚାଇ ଦିଆଯାଇଛି ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପତ୍ରସଂଖ୍ୟା–୬୫୫୪ ତା–୧୮।୧୨।୨୧ରିଖରେ ଅନନ୍ତ ଆଗ୍ରୋ ଇଣ୍ଡଷ୍ଟ୍ରିଜକୁ ନୋଟିସ୍ ହୋଇଛି । ଗତ ୮ତାରିଖରେ ବୋର୍ଡ଼ର ଏକ ପ୍ରତିନିଧି ଦଳ ନିରୀକ୍ଷଣ ପାଇଁ ଯାଇଥିବାବେଳେ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ନ ଥିବା ପରିଲକ୍ଷିତ ହୋଇଥିଲା। ତରଳ ବର୍ଜ୍ୟବସ୍ତୁ ମିଲ୍ ବାହାର ଜମିକୁ ଯାଉଥିବାବେଳେ ବ୍ୟଏଲରରୁ ନିଷ୍କାସିତ ପାଉଁଶ ମିଲ ପରିସର ଏବଂ ବାହାରେ ଇତସ୍ତତଃ ପଡ଼ିଥିବା ଦେଖିବାକୁ ମିଳିଥିଲା। ବାଲଗୋପାଳ ରାଇସ୍ ପ୍ରଡ଼କ୍ଟସକୁ ବୋର୍ଡ଼ର ପତ୍ରସଂଖ୍ୟା–୬୫୪୨, ତା।୧୮।୧୨।୨୧ରିଖ, ଉତ୍କଳ ଫୁଡ୍ସକୁ ପତ୍ରସଂଖ୍ୟା–୬୫୩୯ ତା।୧୮।୧୨।୨୧ରିଖ, ଲାଠ୍ ରାଇସ୍ ପ୍ରଡ଼କ୍ଟସ ପ୍ରାଇଭେଟ ଲିଃକୁ ପତ୍ରସଂଖ୍ୟା–୬୫୪୫ ତା।୧୮।୧୨।୨୧ରିଖ, ଶ୍ରୀ ଶ୍ୟାମ ସୁନ୍ଦର ପେଡ୍ଡି ପ୍ରୋସେସିଂ ମିଲ୍ ପ୍ରାଇଭେଟ୍ ଲିଃକୁ ପତ୍ରସଂଖ୍ୟା–୬୫୫୧ ତା।୧୮।୧୨।୨୧ରିଖ ଏବଂ ଶ୍ରୀ ଶ୍ୟାମଜୀ ଇଣ୍ଡଷ୍ଟ୍ରିଜ୍‌କୁ ପତ୍ରସଂଖ୍ୟା–୬୫୪୮ ତା।୧୮।୧୨।୨୧ରିଖରେ ଅନୁରୂପ ନୋଟିସ୍ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଡଃ ସତ୍ୟ ନାରାୟଣ ନନ୍ଦ, ଇଂ ଆର. କେ ଏକ୍କା ପ୍ରମୁଖ ଉକ୍ତ ମିଲ୍‌ଗୁଡ଼ିକୁ ନିରୀକ୍ଷଣ କରି ନମୁନା ସଂଗ୍ରହ କରିଥିଲେ। ତେବେ ଉତ୍କଳ ଫୁଡ୍ସକୁ ଗତ ୧୩ତାରିଖ ଏବଂ ଅନ୍ୟ ରାଇସ ମିଲଗୁଡ଼ିକୁ ଗତ ୮ତାରିଖରେ ସେମାନେ ନିରୀକ୍ଷଣରେ ଯାଇଥିବା ନୋଟିସରେ ଉଲ୍ଲେଖ ରହିଛି। ଗୋଟିଏ ପଟେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଣ ଦର୍ଶାଅ ନୋଟିସ କରିଥିବା ବେଳେ ଅନ୍ୟପଟେ ଯୋଗାଣ ବିଭାଗ ସେଭଳି କିଛି ରାଇସ୍ ମିଲକୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ପ୍ରଦୂଷଣ କରୁଥିବା ରାଇସ୍ ମିଲ୍ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

## ସଂକ୍ଷେପରେ

### ୩୫ ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ,୧୯।୧୨(ଡି.ଏନ.ଏ.):** ବେଆଇନ ଦାଦନ ଚାଲାଣ ବେଳେ ରବିବାର ମଧ୍ୟାହ୍ନରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଚଢ଼ାଉ କରି ୩୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧରେ ୧୯ ପୁରୁଷ ଓ ୧୬ ଜଣ ମହିଳା ରହିଛନ୍ତି। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଖପ୍ରାଖୋଲ-ଧଣ୍ଡାମୁଣ୍ଡା ରାସ୍ତାର ଗୁଣ୍ଡୁରୁପାଲି ବସ୍‌ଷ୍ଟାଣ୍ଡଠାରେ କେତେକ ଶ୍ରମିକ ଥିବା ଜାଣି ପଚରାଉଚରା କରିଥିଲେ। ସେମାନଙ୍କୁ ପଦ୍ମପୁର ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାରଙ୍କ ମାଧମରେ ତାମିଲନାଡୁର ଏକ ଇଟାଭାଟିକୁ ପଠାଯାଉଥିବା ଜଣା ପଡିଥିଲା। ପରେ ସେମାନଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଥାନାକୁ ଅଣାଯାଇଛି। ଉଦ୍ଧାର ଶ୍ରମିକମାନେ ବରଗଡ ଜିଲା ଜଗଦଲପୁର ଥାନା ଜଟେସିରା ଗାଁର। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୩୧/୨୧)ରୁଜୁ ହୋଇଛି। ପରେ ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ନିଜ ଗାଁକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ମେଳାରେ ଜୁଆ ଖେଳ, ୫ ଧରା ପଡିଲେ

**ଖପ୍ରାଖୋଲ,୧୯।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକ ତଥା ଖପ୍ରାଖୋଲ ଥାନା ଅନ୍ତର୍ଗତ ଗମ୍ଭାରୀ ଗାଁରେ ଲକ୍ଷ୍ମୀପୂଜା ମେଳାରେ ଜୁଆ ଖେଳୁଥିବା ବେଳେ ପୋଲିସ ଚଢାଉ କରି ଶନିବାର ରାତିରେ ୫ଜଣଙ୍କୁ ଧରିଛି। ଘଟଣାସ୍ଥଳରୁ ପୋଲିସ ନଗଦ ୧୯୧୦ ଟଙ୍କା ସହ ଜୁଆ ପଟି ଜବତ କରିଛି। ସେମାନଙ୍କ ମଧରେ ଧରା ପଡିଥିବା ନାବାଳକଙ୍କୁ ଥାନାରୁ ଜାମିନରେ ଛାଡି ଦିଆଯାଇଥିବା ବେଳେ ଅନ୍ୟ ୪ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୩୦/୨୧)ରୁଜୁ ହୋଇଛି।

### ଆନ୍ତଃଜିଲା ସାହାଣୀ କପ୍ ଲାଗି ପ୍ରସ୍ତୁତି ବୈଠକ

**ଲୋଇସିଂହା,୧୯।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମଠାରେ ଆସନ୍ତା ଜାନୁୟାରୀ ୧୪ରୁ ୨୨ତାରିଖ ପର୍ଯ୍ୟନ୍ତ ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଲୋଇସିଂହା ଷ୍ଟାଡିୟମ ସଭାଗୃହରେ ଷ୍ଟାଡିୟମ କମିଟି କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୁଟବଲ ଆସୋସିଏଶନ ଅଫ ଓଡିଶା(ଫାଓ)ର ସଭାପତି ଶ୍ରୀକର ମିଶ୍ର ପଡିଆ ତଦାରଖ କରିବା ସହ ଉକ୍ତ ବୈଠକରେ ସାମିଲ ହୋଇଥିଲେ। ସ୍ଥାନୀୟ ଜନସାଧାରଣ ଓ ଷ୍ଟାଡିୟମ କମିଟି ସହଯୋଗରେ ସାହାଣୀ କପ ସଫଳତାର ସହ ଆୟୋଜନ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ବୈଠକରେ ଅଶୋକ କୁମାର ବରିହା, ବିଭୂତି ଭୂଷଣ ସାହାଣୀ, ବ୍ରଜ ବିଶୋଇ, ମହେଶ କର, ଭାଗବାତିଆ ଭୋଇ, ଟିକୁ ପାଣ୍ଡିଆଙ୍କ ସମେତ ବହୁ କ୍ରୀଡାବିତ ଓ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ।

### କୁମ୍ଭାର ସମାଜର ବାର୍ଷିକ ଅଧିବେଶନ

**ପାଇକମାଲ,୧୯।୧୨(ଡି.ଏନ.ଏ):** ପାଇକମାଲ ବ୍ଲକ ଅନ୍ତର୍ଗତ ସୋଢ଼ା ଗ୍ରାମସ୍ଥିତ ପଠାରିଗୁଡି ପରିସରରେ ସୋଢ଼ା ସର୍କଲ କୁମ୍ଭାର ସମାଜର ବାର୍ଷିକ ଅଧିବେଶନ ସଭାପତି ଗୋବିନ୍ଦ ରଣାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଛି। ନିରାକାର ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ଅଧିବେଶନ ଆରମ୍ଭ ହୋଇଥିଲା । ଏଥିରେ ପାଇକମାଲ ଓ ଝାରବନ୍ଧ ବ୍ଲକ ସଭାପତି ଶ୍ୟାମ ରଣା ମୁଖ୍ୟଅତିଥି, ସମ୍ପାଦକ କୁବେର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବିରଞ୍ଚି ରଣା, ବାଲାଜୀ ରଣା, ଫକୀର ମୋହନ ରଣା, ଅରୂପା ରଣା, ଗଣ୍ଡା ରଣା, ବୈଷ୍ଣବ ରଣା, ଅକ୍ରୂର ରଣା, ବିଶି ରଣା, ସୁଧୀର ରଣା ପ୍ରମୁଖ ଯୋଗ ଦେଇ ନିଜ ନିଜ ମତ ଉପସ୍ଥାପନ କରିଥିଲେ ।

### ୨୪ରୁ କ୍ରିଷ୍ଣା କପ୍ କ୍ରିକେଟ

**ପଦ୍ମପୁର,୧୯।୧୨(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ମହୁଲପାଲି ସ୍କୁଲ ପଡ଼ିଆରେ ଆସନ୍ତା ୨୪ ତାରିଖରୁ ୨୦ତମ କ୍ରିଷ୍ଣା କପ୍ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। କେସିସି ଦ୍ୱାରା ଆୟୋଜିତ ଏହି ଗ୍ରାମାଞ୍ଚଳ ଟେନିସ ବଲ କ୍ରିକେଟ ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୨୯ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ବିଜେତା ଦଳକୁ ନଗଦ ୧୫,୦୦୧ ଟଙ୍କା ଓ ଉପବିଜେତା ଦଳକୁ ୮,୦୦୧ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏଥିପାଇଁ ରବିବାର କେସିସି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନମ ସାହୁ ସଭାପତିତ୍ୱ କରିଥିଲେ। ଶେଷରେ ତୀର୍ଥ ତନସନା ଧନ୍ୟବାଦ ଅର୍ପଣ କରିଥିଲେ।

## ପଦ୍ମପୁରରେ ଗୋଷ୍ଠୀ ସଂଘର୍ଷ, ୫ ଗିରଫ

**ପଦ୍ମପୁର, ୧୯।୧୨ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର କଚେରି ସାମ୍ନାରେ ରବିବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୫ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଭିମସାର ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦିବ୍ୟରଞ୍ଜନ ବାଗ (ସିପୁନ), ଲଳିତ ପ୍ରସାଦ ବାଗ( ପପୁ), ଅଭୟ ବାଗ, ଗୋରାଚନ୍ଦ ବାଗ ଏବଂ ଧର୍ମେନ୍ଦ୍ର ବୁଡେକ (କଏଁରୁ)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁସାରେ, କିଛିଦିନ ତଳେ ଧର୍ମେନ୍ଦ୍ର (କଏଁରୁ) ବୁଡେକ ଧାରୁଆ ଅସ୍ତ୍ର ଧରି କଚେରି ସାମ୍ନା କୀଟନାଶକ ଦୋକାନ ନିକଟରେ ଗାଳିଗୁଲଜ କରିଥିଲେ। ଖବର ପାଇ ପୋଲିସ ତାଙ୍କୁ ଥାନାରେ ଅଟକ ରଖି କିଛି ସମୟ ପରେ ଛାଡି ଦେଇଥିଲା। ଘଟଣାର ୨ଦିନ ପରେ କଏଁରୁଙ୍କୁ କେହି ଜଣେ ଗାଳିଗୁଲଜ କରିଥିଲେ। ଫଳରେ ସେ ଉତ୍ତ୍ୟକ୍ତ ହୋଇ ରବିବାର କଚେରି ସାମ୍ନା ସରୋଜ ବାଗଙ୍କ କୀଟନାଶକ ଦୋକାନକୁ ଆସିଥିଲେ ଏବଂ ସେଠାରେ ଅଭୟ ବାଗଙ୍କୁ ଗାଳି ସହ ମାଡ ମାରିଥିଲେ। ଅଭୟ ଫୋନ କରି ଦୋକାନ ମାଲିକଙ୍କୁ ଜଣାଇବା ପରେ କିଛି ଲୋକ ସଂଘବଦ୍ଧ ଭାବେ ମାରଣାସ୍ତ୍ର ଧରି ଦୋକାନ ପାଖକୁ ଆସି କଏଁରୁଙ୍କୁ ଆକ୍ରମଣ କରିଥିଲେ। ଏଭଳି ଆକ୍ରମଣ ପ୍ରତି ଆକ୍ରମଣରେ ଅଜିତ ବିଶ୍ୱାସ, ଅନୀଲ ଗୁର୍ଲା, ଚାନ୍ଦ ସୁନା, ସୁରେଶ ବାଗ, ସୁରଜ ସୁନା ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁରେଶ ଓ ସୁରଜ ଗୁରୁତର ଥିବାରୁ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ପୃଥକ୍ ଦୁଇଟି ମାମଲା (ନଂ.୩୦୬।୨୧, ନଂ.୩୦୭।୨୧) ରୁଜୁ କରିଛି।

## ଯାଦବ ଭବନ ନିର୍ମାଣ ପାଇଁ ଭୂମି ପୂଜନ



ଯାଦବ ଭବନ ନିର୍ମାଣ ପାଇଁ ଭୂମି ପୂଜନ କରାଯାଉଛି।

**କଣ୍ଟାବାଞ୍ଜି, ୧୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଯାଦବ ସମାଜର ନୂତନ ଭବନ ନିର୍ମାଣ ପାଇଁ ରବିବାର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେ.ଭି. ଡିଗ୍ରୀ କଲେଜ ନିକଟରେ ନିର୍ମାଣ ହେବାକୁ ଥିବା ଜମିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ସେହିପରି ବିଧାନ ନିର୍ବାଚନମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ନିର୍ମାଣ ହେବାକୁ ଥିବା ଯାଦବ ଭବନ ପାଇଁ ମଧ ପୃଥକ ଭାବେ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ମିଳିଛି। ଏଥିପାଇଁ ସମାଜ ତରଫରୁ ଏକ ସଭା ସ୍ଥାନୀୟ ହେମାଲ ଭବନରେ ଅନୁଷ୍ଠିତ ହୋଇ ଧନ୍ୟବାଦ ଜ୍ଞାପନ କରାଯାଇଛି । ଏହି ସଭାରେ ଜିଲା ସଭାପତି ପରମାନନ୍ଦ ହାତୀ, ନଗର ସଭାପତି ବେଦବ୍ୟାସ ନାଗ, ତୁରେକେଲା ବ୍ଲକ ସଭାପତି ମକରଧ୍ୱଜ ନିଆଲ, ମୁରିବାହାଲ ବ୍ଲକ ସଭାପତି ତୀର୍ଥ ହାତି, ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା, ବଙ୍ଗୋମୁଣ୍ଡା ସଭାପତି ରାଧେଶ୍ୟାମ କେତକୀ, କଣ୍ଟାବାଞ୍ଜି ଏନଏସି ସଭାପତି ଉଦ୍ଧବ ଘିଭେଲା ପ୍ରମୁଖ ଉପସ୍ଥିତ ଥିଲେ।

## ଗଣ୍ଡୱାନା ଗୋଣ୍ଡ ସମାଜର ସାମାଜିକ ସଭା



ଗଣ୍ଡୱାନା ଗଣ୍ଡ ମହାସଭାରେ ସମାଜର ସଦସ୍ୟମାନେ।

**ଲୋଇସିଂହା,୧୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ନଅଗାଁ(ଖ) ସର୍କଲ ଅଧୀନ ତେନ୍ତୁଲିଖୁଣ୍ଟି ଗାଁରେ ନିଖିଳ ଭାରତୀୟ ଗଣ୍ଡୱାନା ଗୋଣ୍ଡ ସମାଜର ଏକ ସାମାଜିକ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦଶରଥ ଛତ୍ରିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ଆଦିବାସୀଙ୍କ ସାମାଜିକ ଚଳଣି, ରୀତିନୀତି, ସଂସ୍କୃତି, ଶିକ୍ଷା ଅଧିକାର ବିଷୟରେ ଆଲୋଚନା ହୋଇଥିଲା । ଏହାବାଦ ସଂଗଠନରୁ ବାଦ୍ ଥିବା ନଅଗାଁ(ଖ), ତେନ୍ତୁଲିଖୁଣ୍ଟି ଏବଂ ବେନ୍ଦ୍ରା ଗ୍ରାମର ୨୨ ପରିବାରକୁ ନଅଗାଁ(ଖ) ସର୍କଲରେ ସାମିଲ କରାଯାଇଥିବା ସଭାପତି ଦଶରଥ ଛତ୍ରିଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଗଲପୁର ମଣ୍ଡଳ ସଭାପତି ଭୁବନେଶ୍ୱର ଧରୁଆ, ଚନ୍ଦ୍ରମଣି ଭୋଇ, ଲଳିତ ମୋହନ ପୁଟା, ଚନ୍ଦ୍ରଶେଖର କୁଅଁର, ଦେବେନ୍ଦ୍ର ପୁଟା, କିଶୋର ଭୋଇ, ନୀଳକଣ୍ଠ ପୁଟା, ରାଜକୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ହିମାଂଶୁ ଦଳପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ସାହାଯ୍ୟକୁ ଚାହିଁ ଆଖି ବୁଜିଲେ ପ୍ରଶାନ୍ତ

**ଲୋଇସିଂହା,୧୯।୧୨(ଡି.ଏନ.ଏ.)**

### ୟୁରିଆ ସାର ଖାଇ କିଡ଼ନୀ ନଷ୍ଟ ଘଟଣା



ମା' ଲକ୍ଷ୍ମୀଙ୍କ ସହ ପ୍ରଶାନ୍ତ।(ଫାଇଲ ଫଟୋ)

ପ୍ରଶାସନର ସାହାଯ୍ୟ ମିଳିଲାନି। ମୃତ୍ୟୁ ସହ ସଂଗ୍ରାମ କରୁଥିବା ପ୍ରଶାନ୍ତ ଶେଷରେ ଆଖି ବୁଜିଲେ। ଏଭଳି ଏକ ଦୁଃଖଦ ଘଟଣା ରବିବାର ସକାଳେ ଘଟିଛି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସକମା ପଞ୍ଚାୟତ ଅନ୍ତର୍ଗତ କୁଟରାପାଲି ଗାଁରେ। ଏହା ପରେ ପୁଅକୁ ବଞ୍ଚାଇବା ପାଇଁ ସବୁ କିଛି ହରାଇଥିବା ବିଧବା ମା' ଲକ୍ଷ୍ମୀ ଏବଂ ବଡଭାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

କୁଟୁରାପାଲି ହରିଜନ ବସ୍ତିର ପ୍ରଶାନ୍ତ ଛତ୍ରିଆ(୨୮) । ବାପା କବିରାଜ ଛତ୍ରିଆଙ୍କ ୮ ବର୍ଷ ତଳେ ମୃତ୍ୟୁ ହୋଇ ଯାଇଥିବା ବେଳେ ବିଧବା ମା' ଏବଂ ମଝିଆ ଭାଇଙ୍କୁ ନେଇ ତାଙ୍କ ପରିବାର। ୨୦୨୦ ମସିହାରେ ଦୁର୍ଗାପାଲିରେ ବିବାହ କରି ସ୍ତ୍ରୀଙ୍କ ସହ ଶ୍ୱଶୁର ଘରେ ରହୁଥିଲେ ପ୍ରଶାନ୍ତ। ସ୍ତ୍ରୀ ଗର୍ଭବତୀ ଥିବାବେଳେ ଗତ ଶ୍ରାବଣ ମାସରେ ପ୍ରଶାନ୍ତ ପାରିବାରିକ ଅଶାନ୍ତିରୁ ୟୁରିଆ ସାର ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ଜାଣି ଦାଦନ ଖଟିବାକୁ ଯାଇଥିବା ମଝିଆ ଭାଇ ନରେଶ ଓ ମା' ଲକ୍ଷ୍ମୀ ବଲାଙ୍ଗୀର ଚାଲିଆସିଥିଲେ। ପ୍ରଶାନ୍ତଙ୍କୁ ବଲାଙ୍ଗୀର ସମେତ ବିଭିନ୍ନ ସ୍ଥାନରେ ଚିକିତ୍ସା କରିଥିଲେ। ହେଲେ ସେତେବେଳକୁ ତାଙ୍କର ଦୁଇଟି ଯାକ କିଡ଼ନୀ ସଂକ୍ରମିତ ହୋଇଯାଇଥିଲା। ପ୍ରଶାନ୍ତଙ୍କୁ ଭଲ କରିବା ପାଇଁ ଧାରକରଜ, ଜମି ବିକି ପରିବାର ଲୋକେ ଚିକିତ୍ସା କରାଇଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଏହା ପରଠାରୁ ଦେଖାଦେଲା ଅର୍ଥାଭାବ। ଚିକିତ୍ସା ଅଭାବରୁ ପ୍ରଶାନ୍ତ ଘରେ ଶଯ୍ୟାଶାୟୀ ହୋଇ ପଡି ରହିଲେ। ପରେ ଅଧିକ ଅସୁସ୍ଥ ହୋଇ ପଡି ଖାଇବା ଛାଡି ଦେଇଥିଲେ। ସହାୟତା ପାଇଁ ମା' ଏବଂ ମଝିଆ ଭାଇ ନିବେଦନ କରିଥିଲେ। ଏନେଇ ଡିସେମ୍ବର ୧୮ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସାହାଯ୍ୟ ପାଇଁ ସାମାଜିକ କର୍ମୀ ଉମେଶ ଭୋଇ ସାମାଜିକ ଗଣମାଧ୍ୟମ ଜରିଆରେ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ହେଲେ କୌଣସି ସାହାଯ୍ୟ ମିଳିବା ପୂର୍ବରୁ ପ୍ରଶାନ୍ତ ମୃତ୍ୟୁ ହୋଇଗଲା।

## ବରଗଡ଼କୁ ୬ସ୍ୱର୍ଣ୍ଣ, ୩ରୌପ୍ୟ ପଦକ

**ବରଗଡ଼ ଅଫିସ୍,୧୯।୧୨**




ଆୟୋଜକଙ୍କ ଗହଣରେ ବରଗଡ଼ର କୃତୀ ପ୍ରତିଯୋଗୀମାନେ ।

### ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତା

ପଞ୍ଜାବ ରାଜ୍ୟ ଅମୃତସର ଖାଲସା କଲେଜରେ ଅନୁଷ୍ଠିତ ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ବରଗଡ଼ ଜିଲାର ପ୍ରତିଯୋଗୀମାନେ କୃତିତ୍ୱ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ସ୍ୱର୍ଣ୍ଣ ଏବଂ ୩ଜଣ ରୌପ୍ୟ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। କୃତୀ ପ୍ରତିଯୋଗୀମାନଙ୍କ ମଧ୍ୟରୁ ସିଦ୍ଧି ଠାକୁର, ଦିବ୍ୟାନୀ ପାତ୍ର, ସ୍ୱାଭିମାନ ନାଏକ, ଆହ୍ୱାନ ମିଶ୍ର, ରୋହିତ ମାଝି, ନୁପୁର ଠାକୁର ସ୍ୱର୍ଣ୍ଣ ଏବଂ ଓମ୍ ଷଣ୍ଢ, ତନୁଶ୍ରୀ ପାତ୍ର, ଦେବପ୍ରେମ ବେହେରା ରୌପ୍ୟ ପଦକ ପାଇଛନ୍ତି। ଜାତୀୟ କୋଚ୍ ବିଜୟ ଭୋଇଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ରବିବାର ବରଗଡ଼ରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ସଂକୀର୍ତ୍ତନ ପରିଷଦ ପକ୍ଷରୁ ଆୟୋଜିତ ସମାରୋହକୁ ପ୍ରମୋଦ ଦାଶ ସଂଯୋଜନା କରିଥିଲେ। ଶିକ୍ଷାବିତ ଭୋଜରାଜ ଠାକୁର, ସୁଶୀଲ ଦାଶ, ଡଃ ଡୋଲାମଣି ଶତପଥି, ସୁରେଶ ଗନ୍ତାୟତ, ସୁଶୀଲ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ନିଗମାନନ୍ଦ ବିହାର କମିଟି ପକ୍ଷରୁ ସମ୍ପାଦକ ଟିକେଲାଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପଡ଼ାବାସୀଙ୍କ ପକ୍ଷରୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ତରଣୀସେନ ଦେବତା, ଲକ୍ଷ୍ମୀଧର ଦିଶ୍ରୀ, ବାଙ୍କାବିହାରୀ ସାହୁ ପ୍ରମୁଖ ସମ୍ବର୍ଦ୍ଧନା ଦେଇଥିଲେ।

## ଅମରପାଲି କ୍ରିକେଟ: ତ୍ରିବଣପୁର ଚାମ୍ପିୟନ

**ଅମରପାଲି,୧୯।୧୨(ଡି.ଏନ.ଏ)**




ଚାମ୍ପିୟନ ତ୍ରିବଣପୁର ଦଳକୁ ମନ୍ତ୍ରୀ ପଦ୍ମନାଭ ବେହେରା ପୁରସ୍କୃତ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଭଗାବନ ସାହୁ ଗ୍ରାଉଣ୍ଡରେ ଜେମସଷ୍ଟର କ୍ଲବ ଓ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୯ତମ ଅମରପାଲି କ୍ରିକେଟ କପର ଫାଇନାଲରେ ମୁର୍ଷୁଣ୍ଡୀକୁ ହରାଇ ତ୍ରିବଣପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ମୁର୍ଷୁଣ୍ଡୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୭ ଉଇକେଟ ହରାଇ ୧୨୨ରନ କରିଥିଲା। ଜବାବରେ ତ୍ରିବଣପୁର ଦଳ ୯.୫ ଓଭରରେ ୯ ଉଇକେଟ ହରାଇ ୧୨୩ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ତ୍ରିବଣପୁର ୫ଓଭରରେ ୫ଉଇକେଟ ହରାଇ ୫୦ରନ କରିଥିବା ବେଳେ ମୁର୍ଷୁଣ୍ଡୀ ୩.୫ ଓଭରରେ ଗୋଟିଏ ଉଇକେଟ ହରାଇ ୫୧ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ବିଜୟୀ ହେବାରୁ ସୁପରଓଭର କରାଯାଇଥିଲା। ଏଥିରେ ତ୍ରିବଣପୁର ୧୫ରନ କରିଥିବା ବେଳେ ମୁର୍ଷୁଣ୍ଡୀ ୩ରନ କରିଥିଲା। ଫଳରେ ତ୍ରିବଣପୁର ଦଳ ୨–୧ ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଟୁର୍ନାମେଣ୍ଟ ସଭାପତି ଜୟପ୍ରକାଶ ସାହୁ ଅଧ୍ୟକ୍ଷତା କରିଥିଲେ। ବାଣିଜ୍ୟ ପରିବହନ ଓ ଯୋଜନା ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତି ଦନ୍ତା, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ସମିତି ସଭ୍ୟ ପୀତାମ୍ବର ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚାମ୍ପିୟନ ତ୍ରିବଣପୁର ଦଳକୁ କବିନ ସ୍ମାରକୀ ଟ୍ରଫି, ରନର୍ସ ଅଫ ଦଳକୁ ତ୍ରିଲୋଚନ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ତ୍ରିବଣପୁରର ସିକୁନ ପଧାନ ମ୍ୟାନ ଅଫ ଦି ମ୍ୟାଚ, ମୁର୍ଷୁଣ୍ଡୀର ପ୍ରିୟ ରଞ୍ଜନ ସିଂଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ବ୍ୟାଟସମ୍ୟାନ, ସନାତନ ମହାକୁର ଶ୍ରେଷ୍ଠ ବୋଲର, ସାୱନ ତ୍ରିପାଠୀ ପିପୁଲ ଚଏସ ଆୱାଡ ଭାବେ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ପ୍ରଥମ ସେମି ଫାଇନାଲରେ ସେଲେଡିକୁ ହରାଇ ତ୍ରିବଣପୁର ଓ ଖଣ୍ଡହତାକୁ ହରାଇ ମୁର୍ଷୁଣ୍ଡୀ ଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଭାଜପା ନେତା ରଘୁନାଥ ଜଗଦଲା, ସମିତି ସଭ୍ୟ ଲବ କୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ ଓ ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଲସ୍ତଲାରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

**କାମଟିକ୍ରା, ୧୯।୧୨(ଡି.ଏନ.ଏ)**

ଅତାବିରା ବ୍ଲକ ଅଧୀନ ଲସ୍ତଲା ଗ୍ରାମରେ ରବିବାର ରାତିରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ବରଗଡ ଓ ସୁରଜମୁଖୀ ସାଂସ୍କୃତିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନାପଡା ସରପଞ୍ଚ ମୁଖ୍ୟଅତିଥି ଭାବେ ଦୀପକ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଳାକାର ଗାନ୍ଧୀ ବାରିକ, ଶାନ୍ତିଲତା ମେହେର ଓ ଯୁବକେନ୍ଦ୍ର ଉପଦେଷ୍ଟା କମିଟିର ବରିଷ୍ଠ ସଦସ୍ୟ ତ୍ରିଲୋଚନ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଲସ୍ତଲା, ବରଗଡ଼, କୁମାରୀ, ବୁଡାମାଲ, ଲେବିଡି ଆଦି ଗ୍ରାମର କଳାକାରମାନେ ଭାଗ ନେଇ ସୋଲୋ, ଡୁଏଟ ଓ ଗ୍ରୁପ୍ ଡ୍ୟାନ୍ସପରିବେଷଣ କରିଥିଲେ। ଗୌରଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ

**ସୋନପୁର, ୧୯।୧୨(ନି.ପ୍ର.)**

ସୋନପୁର ସହର ମହାନଦୀ ଧାରା ଆବାସିକ ଶିକ୍ଷାକେନ୍ଦ୍ର ପରିସରରେ ପ୍ରାଥମିକ ଚିକିତ୍ସା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣା କିମ୍ବା ଦୈବୀ ଦୁର୍ବିପାକ ସମୟରେ କିଭଳି ପ୍ରାରମ୍ଭିକ ଚିକିତ୍ସା କରାଯାଇ ଜୀବନ ବଞ୍ଚା ଯାଇ ପାରିବ ସେ ଉପରେ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଥିଲା। ଏପରିକି ପ୍ରାରମ୍ଭିକ ଚିକିତ୍ସା ନ ପାଇ ଅନେକ ଜୀବନ ନଷ୍ଟ ହୋଇଯାଉଥିବା ବେଳେ କିଛି ସାଧାରଣ କୌଶଳ ଦ୍ୱାରା ଜୀବନ ବଞ୍ଚାଯାଇ ପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଶିକ୍ଷାନୁଷ୍ଠାନର ମୁଖ୍ୟ ପ୍ଲାବନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

## ଲାଠୋର ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଲାଠୋର,୧୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତର ନୂତନ ଗୃହ ରବିବାର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ତପନ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ରଶ୍ମିରଞ୍ଜନ ରାଉତ, ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ ପାଣି, ସହକାରୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ, କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ରାଉତ, ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଯୋଗ ଦେଇଥିଲେ। ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପଞ୍ଚାୟତ ଗୃହକୁ ବିଡିଓ ରାଉତ ଫିତାକାଟି ଉଦ୍‌ଘାଟନ କରିଥିଲେ। ନିର୍ମାଣ ହୋଇଥିବା ନୂତନ ଗୃହରେ ବୈଠକ ହଲ, ସରପଞ୍ଚ, ପଞ୍ଚାୟତ କାର୍ଯନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକଙ୍କ ପୃଥକ କାର୍ଯ୍ୟାଳୟ ରହିଛି। ଗ୍ରାମ ରୋଜଗାର ସେବକ ଶିବା ମେହେର, ଯୋଗାଣ ସହାୟକ ସତ୍ୟ ରଣାଙ୍କ ସହ ୱାର୍ଡସଭ୍ୟ ସମୂହ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଜିଓଟେଗ ଜୁବରାଜ ଗୁର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

## ଜୁନାଗଡ଼ ବ୍ଲକ ଯାଦବ ସମିତିର ବୈଠକ

ଜୁନାଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ହିଂଜିଳିବାହାଲିଠାରେ ରବିବାର ଜୁନାଗଡ଼ ବ୍ଲକ ଯାଦବ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରେମାନନ୍ଦ ଘିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମାଜର କଲ୍ୟାଣ ଓ ସାମାଜିକ ଉତ୍ଥାନ ଦିଗରେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଅଗାମୀ ଦିନରେ ଜୁନାଗଡ଼ଠାରେ ସମାଜ ଭବନ ନିର୍ମାଣ ପାଇଁ ଭୂମି ପୂଜନ ବିଷୟରେ ଆଲୋଚନା କରାଯାଇଥିଲା। ସଭାପତିଙ୍କ ସମେତ ସମ୍ପାଦକ ଈଶ୍ୱର ଗୋପାଳ, ବିଧାନ ଲହଜଳ, ଶଶୀକାନ୍ତ ହଂସ, ନୀଳମଣି ପୁଞ୍ଜି, ଘନଶ୍ୟାମ ବଛା, ଈଶ୍ୱର ହଂସ, ଗୌରହରି ବାଗ, ବଳଦେବ ନାଗ, ଦିବାକର ଛତ୍ରିଆ ପ୍ରମୁଖ ଯାଦବ ନେତୃମଣ୍ଡଳୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଚକ୍ରଧର ପଣ୍ଡାଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚିତ



ବଲାଙ୍ଗୀର ଅଫିସ, ୧୯।୧୨: ବଲାଙ୍ଗୀର ପିପି ଏକାଡେମୀ ପରିସରରେ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢୀ, ବରିଷ୍ଠ ଶିକ୍ଷକ ସୁନୀଲ କୁମାର ବେହେରା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ର ଏବଂ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ । ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କ ପୁତ୍ର ସନ୍ତୋଷ ପଣ୍ଡା ଉକ୍ତ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ପ୍ରଦାନ କରିଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କ ଜୀବନୀ ଉପରେ ସମସ୍ତେ ଅତିଥି, ବକ୍ତାମାନେ ଆଲୋକପାତ କରିଥିଲେ । ଏହି ସଭାରେ ସନ୍ତୋଷ ପଣ୍ଡା ଓ ତାଙ୍କ ସହଧର୍ମିଣୀ ପଙ୍କଜିନୀ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ କକଥିଲେ ।

### ଆମ୍ବେଡକର ଭବନ ଉଦ୍‌ଘାଟିତ

ବରପାଲି,୧୯।୧୨(ଡି.ଏନ.ଏ): ବରଗଡ଼ ଜିଲା ବରପାଲି-ସୋହେଲା ରାସ୍ତା ପାର୍ଶ୍ୱରେ ନିର୍ମିତ ଭାରତ ରତ୍ନ ଡଃ ବି. ଆର ଆମ୍ବେଡ଼କର ଭବନ ରବିବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଲକ୍ଷେଘର ଦଳିତ ଉନ୍ନୟନ ସଂଘ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘର ଜିଲା ସଭାପତି ସୂର୍ଯ୍ୟ କୁମାର ଗଡ଼ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ଏମ୍‌ପି ଡଃ ପ୍ରଭାସ ସିଂ, ଦ୍ୱାରିକା ନାଗ, ଲବଣୀ ନାଗ, ଶିବଲାଲ ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂଘର ସମ୍ପାଦକ ବିରେନ୍ଦ୍ର ମହାନନ୍ଦ ବିବରଣୀ ପାଠ କରିଥିବା ବେଳେ ସୁଦର୍ଶନ ସୁନା, ଗଜରାଜ ତାଣ୍ଡି ଏବଂ ସଂଘର ଅନ୍ୟ ସଭ୍ୟବୃନ୍ଦ ସହଯୋଗ କରିଥିଲେ ।

### ଶତପ୍ରତିଶତ ଟିକାକରଣ ଅଭିଯାନ ଆରମ୍ଭ

ବୋଡେନ,୧୯।୧୨(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକରେ ସତପ୍ରତିଶତ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟାର ପକ୍ଷରୁ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକାରୀ ଡ. ସଞ୍ଜୀବ ନାଏକ, ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀକଲେଜ ଜାତୀୟ ସେବା ସସ୍ଥା ଅଧୀକାରୀ ଡ. କିଶୋର କୁମାର କର୍ଣ୍ଣ, ୟାର ସଭାପତି ମହେନ୍ଦ୍ର କୁମାର ଯୋଷୀ ପ୍ରମୁଖ ଯୋଗଦେଇଥିଲେ। ୟାର ସମ୍ପାଦକ ହରିଦାସ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ଟିକାକରଣ ଅଭିଯାନ ସଚେତନତା ରଥକୁ ପତକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ବ୍ଲକର ଗ୍ରାମାଚଞ୍ଚଳରେ ବୁଲି ଲୋକଙ୍କୁ ଟିକା ନେବାକୁ ସଚେତନ କରିବ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ୩୦ଜଣଙ୍କୁ ନିଯୁକ୍ତି ଦିଆଯାଇଛି।

### ଭାଜପାର କାର୍ଯ୍ୟକାରିଣୀ ବୈଠକ

ବୋଡେନ,୧୯।୧୨(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ବ୍ଲକ ନାଗପଡା ପଞ୍ଚାୟତ ହାଇସ୍କୁଲ ପଡିଆଠାରେ ଭାଜପାର କାର୍ଯ୍ୟକାରିଣୀ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପାତଲଗଙ୍ଗା ମଣ୍ଡଳ ସଭାପତି ଗୌରିଶଙ୍କର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ହରିଜନ ମୋର୍ଚ୍ଚା ସଂଯୋଜକ ବେଣୁଧର ଜଗତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାରେ ଜିଲା ସଭାପତି ସୁବ୍ରତ ସିଂ ଠାକୁର, ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ଜିଲା ସାଧାରଣ ସମ୍ପାଦକ ନେତ୍ରାନନ୍ଦ ମନହିରା, କାର୍ଯ୍ୟକାରୀଣି ସଦସ୍ୟ ଅନ୍ତରାମ ଚିନ୍ଦା, ପୂର୍ବତନ ସମିତି ସଭ୍ୟ ବିଜୁ କଟା ପ୍ରମୁଖ ଉପସ୍ଥିତ ଥିଲେ। ମିଶ୍ରଣ ପର୍ବରେ ସ୍ଥାନୀୟ ଅଞ୍ଚଳର ୬୫ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ସ୍ଥାନୀୟ ଅଚଞ୍ଚର ଭାଜପା କର୍ମୀ ତଥା ଲୋକମାନେ ଉପସ୍ଥିତ ଥିଲେ।

# ଜିଲା ପରିଷଦ ନିର୍ବାଚନ ନେଇ ଅଙ୍କକଷା

ସୋନପୁର,୧୯।୧୨(ନି.ପ୍ର.)

**ଜନତା ଦଳ ଥରେ, ବିଜେଡି ଓ ଭାଜପା ୨ ଥର ଲେଖାଏ ସଫଳତା ପାଇଛନ୍ତି**

ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଆଉ କିଛି ଦିନ ପରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବ। ଏହା ପୂର୍ବରୁ ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡିକ ପ୍ରସ୍ତୁତି ଆରମ୍ଭ କଲେଣି। ଜିଲା ପରିଷଦ ନିର୍ବାଚନ ଦଳୀୟ ଚିହ୍ନରେ ଲଢା ଯାଉଥିବାରୁ ସୁବର୍ଣ୍ଣପୁର ଜିଲାର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ। ତେଣୁ ପ୍ରମୁଖ ଦଳର ନେତୃବୃନ୍ଦ ପରିଷଦ ଗଠନ ପାଇଁ ଅଙ୍କକଷା ଆରମ୍ଭ କରିଛନ୍ତି। ୧୯୯୭ରୁ ୨୦୧୭ ପଞ୍ଚାୟତ ନିର୍ବାଚନ ମଧ୍ୟରେ ତତ୍କାଳୀନ ଜନତା ଦଳ ଥରେ, ବିଜେଡି ୨ଥର ଓ ଭାଜପାକୁ ୨ଥର ଜିଲା ପରିଷଦ ଗଠନ ପାଇଁ ସୁଯୋଗ ମିଳିଛି। କଂଗ୍ରେସ ଥରେ ହେଲେ ଅଧକ୍ଷ ଆସନ ପାଇ ପାରିନାହିଁ।

୧୩ ଆସନ ବିଶିଷ୍ଟ ସୁବର୍ଣ୍ଣପୁର ଜିଲା ପରିଷଦ ଆସନରୁ ୧୯୯୭ ପ୍ରଥମ ଜିଲା ପରିଷଦ ନିର୍ବାଚନରେ ଜନତା ଦଳ ୬, କଂଗ୍ରେସ ୪, ଭାଜପା ୨ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ଗୋଟିଏ ଆସନ ମିଳିଥିଲା। ଜନତା ଦଳ ଜିଲା ପରିଷଦ ଗଠନ କରିଥିଲା। ୨୦୦୨ ନିର୍ବାଚନରେ କଂଗ୍ରେସ ୬, ଭାଜପା ୪ ଓ ବିଜେଡି ୩ଟି ଆସନ ଦଖଲ କରିଥିଲା। ଭାଜପା ଜିଲା ପରିଷଦ ସଭାପତି ପଦ ହାତେଇ ଥିଲା। ୨୦୦୭ ନିର୍ବାଚନରେ ବିଜେଡିକୁ ୯, ଭାଜପା ୩ ଓ କଂଗ୍ରେସକୁ ୧ଟି ଆସନ ମିଳିଥିଲା। ବିଜେଡି ଜିଲା ପରିଷଦ ଗଠନ କରିଥିଲା। ୨୦୧୨ ନିର୍ବାଚନରେ ବିଜେଡିକୁ ଏକତରଫା ସଫଳତା ମିଳିଥିଲା। ଦଳକୁ ୧୨ଟି ଜିଲା ପରିଷଦ ଆସନ ମିଳିଥିବା ବେଳେ କଂଗ୍ରେସକୁ ୧ଟି ଆସନ ମିଳିଥିଲା। ଭାଜପା ଖାତା ଖୋଲି ପାରି ନଥିଲା। ବିଜେଡି ଜିଲା ପରିଷଦ ଗଠନ କରିଥିଲା। ୨୦୧୭ ନିର୍ବାଚନରେ ଭାଜପାକୁ ୧୦ଜିଲା ପରିଷଦ ଆସନ ମିଳିଥିବା ବେଳେ ବିଜେଡିକୁ ମାତ୍ର ୩ଟି ମିଳିଥିଲା। ଭାଜପା ଜିଲା ପରିଷଦ ଗଠନ କରିଥିଲା। ଗତ ଜିଲା ପରିଷଦ ନିର୍ବାଚନରେ କଂଗ୍ରେସ ଖାତା ଖୋଲି ପାରି ନ ଥିଲା। ଏପରିକି ଅଧିକାଂଶ ଆସନରେ କଂଗ୍ରେସ ପ୍ରାର୍ଥୀ ଅମାନତ ହରାଇଥିଲେ। ଆସନ୍ତା ନିର୍ବାଚନରେ ବିଜେଡି କ୍ଲିନ୍ ସୁଇପ୍ କରିବାକୁ ରଣନୀତି ପ୍ରସ୍ତୁତ କରୁଛି। ଜିଲାର ୨ ବିଧାୟକ ନିରଞ୍ଜନ ପୂଜାରୀ ଓ ପଦ୍ମନାଭ ବେହେରା ନବୀନଙ୍କ ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଅଛନ୍ତି। ତେଣୁ ୨ ମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ପାଇଁ ଜୋରଦାର ଉଦ୍ୟମ କରିବେ ବୋଲି ଦଳୀୟ ନେତୃବୃନ୍ଦ ଆଶାବାଦୀ ଅଛନ୍ତି। ତେବେ ସଂଗଠନ ଆଧାରରେ ୨୦୧୭ ନିର୍ବାଚନର ପୁନାରବୃତ୍ତି ପାଇଁ ଭାଜପା ଲକ୍ଷ୍ୟ ରଖିଛି। କଂଗ୍ରେସ ମଧ ପଛରେ ନ ପଡି ନିଜର ସଂଗଠନକୁ ସଜାଡିବା ପାଇଁ ଉଦ୍ୟମ କରୁଛି। ଏଭଳି ସ୍ଥିତିରେ ବିଜେଡି, ଭାଜପା ଓ କଂଗ୍ରେସ ଆସନ୍ତା ନିର୍ବାଚନରେ ସଫଳତା ପାଇବା ପାଇଁ ଆଶାବାଦୀ ଅଛନ୍ତି।

# ଜେଲଗଲେ ଅଭିଯୁକ୍ତ, ସୁଧାର ଗୃହଗଲେ ନାବାଳକ

ବଲାଙ୍ଗୀର ଅଫିସ, ୧୯।୧୨

**ଘରେ ପଶି ଯୁବକଙ୍କ ତଣ୍ଟି କାଟି ହତ୍ୟା ଘଟଣା**

ବଲାଙ୍ଗୀର ସହର ଗାନ୍ଧୀନଗରପଡା ବରଫ ମିଲ୍ ସମ୍ମୁଖ ଗଳିରେ ଶୁକ୍ରବାର ଅପରାହ୍ନରେ ଘରେ ପଶି ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସ ଜଣେ ନାବାଳକଙ୍କ ସହ ୨ଜଣ ଛାତ୍ରଙ୍କୁ ଧରିଥିଲା। ଗିରଫ ଯୁକ୍ତତିନି ଶ୍ରେଣୀ ପ୍ରଥମ ବର୍ଷ ଛାତ୍ର ରାଜୀବ ସେନ୍ଦ୍ରିଆ(୧୯)ଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ୍ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତ୍‌କୁ ପଠାଇ ଦିଆଯାଇଛି। ଧରା ପଡିଥିବା ଅନ୍ୟତମ ନାବାଳକ ଅଭିଯୁକ୍ତଙ୍କୁ ପୋଲିସ ଜିଲା ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରିବା ପରେ ରାଉରକେଲା ସ୍ଥିତ କରେକ୍ସନାଲ୍ ହୋମ୍‌କୁ ପଠାଇ ଦେଇଛି। ପୋଲିସ ସୂତ୍ରରୁ ଏହି ସୂଚନା ଦିଆଯାଇଛି। ଶୁକ୍ରବାର ଅପରାହ୍ନରେ ଗାନ୍ଧୀନଗରପଡାର ଅରବିନ୍ଦ କୁମାର ସିଂଙ୍କୁ ଘରେ ପଶି ତଣ୍ଟି କାଟି ହତ୍ୟା କରାଯାଇଥିବା ଜଣାପଡିଥିଲା। ମୃତ ଅରବିନ୍ଦଙ୍କ ପିତା ରଣଜିତ୍ ସିଂ ଦୁଇଜଣ ଯୁବକ ତାଙ୍କ ଘରୁ ବାହାରି ଦୌଡି ପଳାଇଥିବା ସୂଚନା ଦେଇଥିଲେ। ସିସିଟିଭି ସୂଚନା ଆଧାରରେ ଟାଉନ୍ ପୋଲିସ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଧରିଥିଲା। ଅରବିନ୍ଦ ଓ ଅଭିଯୁକ୍ତ ସାବାଳକ ଛାତ୍ର ରାଜୀବ ଓ ନାବାଳକ ପରସ୍ପରକୁ ଚିହ୍ନିଥିଲେ। କୌଣସି କାରଣକୁ ନେଇ ପରସ୍ପର ବିବାଦରେ ପଡି ଦୁଇ ଅଭିଯୁକ୍ତ ଅରବିନ୍ଦଙ୍କୁ ହତ୍ୟା କରିଥିବା ପୋଲିସ ପକ୍ଷରୁ ଅନୁମାନ କରାଯାଉଛି। ଅନ୍ୟପକ୍ଷେ ବ୍ଲାକ୍‌ମେଲିଂ ଓ ସମଲିଙ୍ଗୀ ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସହରରେ ଆଲୋଚନାର ବିଷୟ ହୋଇଛି।

# ‘ବିଷାଦରୁ ବାହାରି ଅମୃତର ସନ୍ଧାନ କବିର ଧର୍ମ’

ବଲାଙ୍ଗୀର ଅଫିସ, ୧୯।୧୨



କବିତା ଆସର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କବି, କବୟିତ୍ରୀ।

**ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ କବିତା କିଶଳୟ କାର୍ଯ୍ୟକ୍ରମ**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟଠାରେ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ରଚନା ପକ୍ଷରୁ କବିତା କିଶଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ସନାତନ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ସରକାରୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ମନୋରଞ୍ଜନ ମିଶ୍ର ଉଦ୍‌ଘାଟନୀ ଭାଷଣରେ କବିଙ୍କ ସହ ସମୟ କଟାଇବାର ମୁହୂର୍ତ୍ତ ଆନନ୍ଦଦାୟକ ବୋଲି କହିଥିଲେ । ସାହିତ୍ୟିକ ଠାକୁର ନିଜ ବକ୍ତବ୍ୟରେ ବିଷାଦଠାରୁ ବାହାରି ଅମୃତର ସନ୍ଧାନ କରିବା କବିର ଧର୍ମ ବୋଲି କହିଥିଲେ। ସ୍ୱାଗତ ଭାଷଣ କୌତୁକ ପନ୍ଦର ଏବଂ ଜଗନ୍ନାଥ ସାହୁ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ୧୫ଜଣ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । କବି ପ୍ରହ୍ଲାଦ ଶତପଥୀ ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ପରମ୍ପରା ଓ ଆଧୁନିକତାର ସମନ୍ୱୟରେ କାମିନୀକୁ ନିଜସ୍ୱ ଶୈଳୀରେ ଲିପିବଦ୍ଧ କରି ଅବିଶ୍ରାନ୍ତ ଭାବରେ ଆଗେଇ ଯିବାକୁ ଯୁବ କବିମାନଙ୍କୁ ଉତ୍ସାହିତ କରିଥିଲେ। କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତା ଯେତେ ଦୂର ଯାଇ ପାରିବୁ ଯା ପାଠ କରିଥିଲେ କବି ମୃଗେଶ ବୈଷ୍ଣବ ପାଣିଗ୍ରାହୀ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ କବୟିତ୍ରୀ ଲିଲି ପଟେଲ ଓ ରତ୍ନମୟ ତ୍ରିପାଠୀ। ଅଧାପକ ଡ. ଲକ୍ଷ୍ମଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କୁଚିଣ୍ଡାକୁ ହରାଇ ବରଗଡ଼ ଚାମ୍ପିୟନ

ଝାରବନ୍ଧ,୧୯।୧୨(ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧ ଗ୍ଲୋବାଲ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ ସର୍ବଭାରତୀୟ ଲକ୍ଷ୍ମଣ ବରିହା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବରଗଡ଼ ୟୁନାଇଟେଡ୍ ପ୍ରତିପକ୍ଷ କୁଚିଣ୍ଡାକୁ ୪-୨ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ହିମାଦ୍ରୀ ବରିହା, କୁମୁଦିନୀ ସାହୁ, ଝାରବନ୍ଧ ଥାନା ଅଧିକାରୀ ଦିଲ୍ଲୀପ ବେହେରା, ପାଇକମାଳ ଥାନାଧିକାରୀ ବିଶ୍ୱଜିତ ମନବୋଧ, ଡା. ନରେନ୍ଦ୍ର ପ୍ରଧାନ, ସରପଞ୍ଚ ଧନମତୀ ପାଣ୍ଡେ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରଶାନ୍ତ ବେହେରା, ଚିତ୍ତରଞ୍ଜନ ପାଣ୍ଡେ, ଅଶ୍ୱିନୀ ମେହେର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଟିକେଶ୍ୱର ପଟେଲ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ଭାଗ ନେବେ ବୌଦ୍ଧର ବିଶ୍ୱନାଥ ମିଶ୍ର

ବୌଦ୍ଧ,୧୯।୧୨(ସ୍ୱ.ପ୍ର.)


ଡାକଟିକଟ ସଂଗ୍ରହକାରୀ ବିଶ୍ୱନାଥ ମିଶ୍ର ।

ଆସନ୍ତା ଜାନୁୟାରୀ ୧୯ ତାରିଖଠାରୁ ଦୁବାଇଠାରେ ହେବାକୁ ଥିବା ଏମିରେଟସ -୨୦୨୨ ଅନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ଭାଗ ନେବାକୁ ବୌଦ୍ଧର ଡାକଟିକଟ ସଂଗ୍ରାହକ ବିଶ୍ୱନାଥ ମିଶ୍ର ମନୋନୀତ ହୋଇଛନ୍ତି । ଅନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ଭାଗ ନେବା ପାଇଁ ଭାରତୀୟ ଫିଲାଟେଲିକ୍ସ କଂଗ୍ରେସ ପକ୍ଷରୁ ୧୬ ଜଣଙ୍କୁ ମନୋନୀତ କରାଯାଇଛି। ଓଡ଼ିଶାରୁ ମନୋନୀତ ହୋଇଥିବା ତିନି ଜଣଙ୍କ ମଧ୍ୟରୁ ବୌଦ୍ଧ ବନ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ବିଶ୍ୱନାଥ ମିଶ୍ର ଅନ୍ୟତମ। ଏହି ଡାକଟିକଟ ପ୍ରଦର୍ଶନୀରେ ୧୨ଟି ବିଭାଗରେ ଡାକଟିକଟ ପ୍ରଦର୍ଶିତ ହେବ। ସେଥିମଧ୍ୟରୁ ଇକ୍ୱୋଡେ-ଦି ସିମ୍ବଲ ଅଫ୍ ସ୍କିଡ୍ ଘୋଡାର ଗତି ସଂପର୍କିତ ବିଭାଗରେ ବୌଦ୍ଧର ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା ସଂଗୃହୀତ ବିଭିନ୍ନ ଦେଶର ବହୁ ପ୍ରକାରର ଡାକଟିକଟ, ଲଫାପା,ପୋଷ୍ଟକାର୍ଡ ଆଦି ରହିଅଛି। ୮୦ ପୃଷ୍ଠା ସମ୍ବଳିତ ଆଲବମ୍‌ରେ ଶତାଧିକ ବର୍ଷର ପୁରୁଣା ଡାକ ଜିନିଷ ମଧ୍ୟ ରହିଛି। ଭାରତୀୟ ଫିଲାଟେଲିକ୍ସ କଂଗ୍ରେସ ପକ୍ଷରୁ ନିୟୋଜିତ ଜାତୀୟ କମିଶନର ଅଜୟ କୁମାର ମିତଲ ସଂଗ୍ରାହକ ବିଶ୍ୱନାଥଙ୍କ ସମେତ ସମସ୍ତ ୧୬ ଜଣଙ୍କ ଆଲବମ୍ ସବୁ ନେଇ ଅନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ଉପସ୍ଥାପନ କରିବେ ବୋଲି ଜଣାପଡିଛି।

# ‘ବୌଦ୍ଧ ମାଟିର ସଂସ୍କୃତି , ଇତିହାସ ଅତି ପ୍ରାଚୀନ’

ବୌଦ୍ଧ,୧୯।୧୨(ସ୍ୱ.ପ୍ର.)



ଗଡଜାତ ମହୋତ୍ସବ ଉଦ୍‌ଯାପନୀ ଦିବସରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**ପଞ୍ଚମ ଗଡଜାତ ମହୋତ୍ସବ ଉଦ୍‌ଯାପିତ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ମହୋତ୍ସବ କମିଟିର ସଭାପତି ବିଶ୍ୱଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଓକିଲ ସଂଘର ସଭାପତି ସିଦ୍ଧେଶ୍ୱର ଦାସ ଓ ମୁଖ୍ୟବକ୍ତା ଭାବେ ବୌଦ୍ଧ ବିଇଓ ଧ୍ରୁବଚରଣ ଘିବେଲା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଅମାତ କରୋନା କଟକଣା ମାନି ଗଡଜାତ ମହୋତ୍ସବ ଜାରି ରଖିଥିବାରୁ ଆୟୋଜକଙ୍କୁ ପ୍ରଂଶସା କରିଥିଲେ। ଏକଦା ବୌଦ୍ଧ ଗଡଜାତ ଏକ ପ୍ରମୁଖ ଶାସନ କେନ୍ଦ୍ର ଥିଲା। ବୌଦ୍ଧର ସଂସ୍କୃତି, ଇତିହାସ ଅତି ପ୍ରାଚୀନ। ମହୋତ୍ସବ ଦ୍ୱାରା ଏସବୁକୁ ବଞ୍ଚାଯାଇ ପାରିବ ବୋଲି ବିଧାୟକ ଅମାତ ମତବ୍ୟକ୍ତ କରିଥିଲେ। ମହୋତ୍ସବ ପରିଷଦର ସଂପାଦକ ଦେବାଶିଷ ମହାକୁଡ ବିବରଣୀ ପାଠ କରିଥିଲେ । ଉଦ୍‌ଯାପନୀ ଦିବସର ପ୍ରଥମ ପର୍ଯ୍ୟାୟରେ ଏକ ଯୁବ ସଚେତନତା ଶିବିର ବୌଦ୍ଧ ମହିଳା ମହାବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ର ନାଥ ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ପ୍ରଶିକ୍ଷକ ଭାବେ ଅଧାପକ ପ୍ରବୀର ଦାସ, ପ୍ରାଣୀ ଚିକିତ୍ସକ ପ୍ରିୟବ୍ରତ ବେହେରା, ସିନେ ନିର୍ଦ୍ଦେଶକ ବନମାଳୀ ରଣା, ପରିବେଶ ସୁରକ୍ଷାର ଜିଲା ସଂଯୋଜକ ଲିଙ୍ଗରାଜ ମହାକୁଡ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ସଚେତନ କରାଇଥିଲେ ।

ଏହି ଶିବିରରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ବୌଦ୍ଧ ମହିଳା ମହାବିଦ୍ୟାଳୟ. ଆଦର୍ଶ ମହାବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇଥିଲେ । ଗଡଜାତ ମହୋତ୍ସବ ପରିଷଦ ପକ୍ଷରୁ ସମାଜସେବୀ ଭାବେ ଅଧାପକ ପ୍ରବୀର ଦାସ, ଉତ୍ତମ ଚିକିତ୍ସକ ଭାବେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡ.ବିଜୟ କୁମାର ସାହୁ, ଅଗ୍ରଣୀ କୃଷକ ଭାବେ ହରପ୍ରସାଦ ପଣ୍ଡା, ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ପ୍ରଧାନ, ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ସଞ୍ଜୀବ କୁମାର ମହାକୁଳ ଓ ଧରିତ୍ରୀ ଖବର କାଗଜର ପ୍ରତିନିଧି ଅଜିତ କୁମାର ବାରିକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ କଣ୍ଠଶିଳ୍ପୀ ପ୍ରସନ୍ନଜିତ୍ ସାମଲ, ସନ୍ତୋଷ ଦାସ ଓ ରୁବିନା ଜେନାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବିଜୟ କୁମାର ସାହୁ ପରିଚାଳନା କରିଥିଲେ । ଦୁଃଖିଶ୍ୟାମ ଗାଇଗୌରିଆ ଧନ୍ୟବାଦ ଦେଇଥିଲେ।

# ବିଜେଡି କର୍ମୀ ସମ୍ମିଳନୀରେ ୨ଶହ ନୂତନ ସଦସ୍ୟଙ୍କ ଯୋଗଦାନ

ସିନାପାଲି,୧୯।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡାଲଠାରେ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମନୋଜ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର କୁମାର ପ୍ରସାଦ ଢୋଲକିଆ, ବିଜେଡି ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଜିଲା ସଭାନେତ୍ରୀ ସରସ୍ୱତୀ ବାଗ, ରମେଶ ତିୱାରୀ, ପ୍ରିୟରଞ୍ଜନ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଅଞ୍ଚଳର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ନୂତନ ଭାବେ ଯୋଗଦେଇଥିଲେ। ଉକ୍ତ କର୍ମୀ ସମ୍ମିଳନୀରେ ୧୫୦ରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଏତଦ୍ ବ୍ୟତୀତ ୧୨୭ଟି ରାଜସ୍ୱ ଗ୍ରାମର ଝାଙ୍କର ଦେବୀ ପୂଜକମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନ ସକାଶେ ପ୍ରାର୍ଥୀ କିପରି ମନୋନୀତ କରାଯିବ ତାଉପରେ ମୁଖ୍ୟ ଅତିଥି ଅବଗତ କରାଇଥିଲେ। ମହେନ୍ଦ୍ର ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚ ଦିବସୀୟ କଥନ, ଶିକ୍ଷଣ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ରମାନେ।

କର୍ଲାମୁଣ୍ଡା,୧୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ବସ୍ତି ପ୍ରାଥମିକ ବିଦ୍ୟାଳୟଠାରେ ପଞ୍ଚ ଦିବସୀୟ ସ୍ପିଚ ଥେରାପୀ କାର୍ଯ୍ୟକ୍ରମ ରବିବାର ଉଦ୍‌ଘାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ପ୍ରଥମରୁ ଦଶମ ଶ୍ରେଣୀର ଶ୍ରବଣ ବାଧିତ ଓ କଥନ ବାଧିତ ବିଦ୍ୟାର୍ଥୀମାନଙ୍କୁ ନେଇ ସ୍ପିଚ ଥେରାପୀ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଥିଲ। ଏହି କାର୍ଯ୍ୟକ୍ରମ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସହଦେବ ସୁନା ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବା ବେଳେ ଭୋଇପଡା ପ୍ରାଥମିକ ବିଦ୍ୟାଳୟ ସତନ୍ତ୍ର ଶିକ୍ଷା ତାମିଲପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ସାହୁ ଓ ରିଶିଡା ସରକାରୀ ଉଚ୍ଚ ବିଦ୍ୟାଳୟ ସତନ୍ତ୍ର ଶିକ୍ଷା ତାମିଲପ୍ରାପ୍ତ ଶିକ୍ଷକ ଗୋପାଳ କୃଷ୍ଣ ମେହେର ସମ୍ବଳ ବ୍ୟକ୍ତି ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀ ସମ୍ବଳ ବ୍ୟକ୍ତି ପ୍ରଦୀପ କୁମାର ବେହେରା ଆୟୋଜନ କରିଥିଲେ।

# ଭାଜପାର ତୃତୀୟ କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୧୯।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ରବିବାର ଭାଜପା ନଗର ମଣ୍ଡଳ ପକ୍ଷରୁ ତୃତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗକୁ ପୌର ନିର୍ବାଚନ ଦୃଷ୍ଟିରେ ରଖି ବୁଥସ୍ତରକୁ ଅଧିକ ମଜଭୁତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଭବାନୀପାଟଣା ନଗର ସଭାପତି ସନ୍ତୋଷ କୁମାର ବିଶିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ସଭାପତି ଭବେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ଭାରତ ଭୂଷଣ ଦେଓ, ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ସଦସ୍ୟ ଦିବ୍ୟଜ୍ୟୋତି ମୁଣ୍ଡ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ରମେଶ ଚନ୍ଦ୍ର ମାଝି, ଯୁବ ମୋର୍ଚ୍ଚା ଜିଲା ସଭାପତି ବିଜୟ ଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ମୋଦିଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ଭବାନୀପାଟଣା ନଗର ମଣ୍ଡଳରେ ବିଭିନ୍ନ ୱାର୍ଡର ଅନେକ ଯୁବକ ଭାଜପାରେ ସାମିଲ ହୋଇଥିଲେ।


ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ।

# ରାସ୍ତା ନିର୍ମାଣ ଦାବିରେ ତାତିଲେ ଲୋକେ

ଲାଞ୍ଜିଗଡ଼,୧୯।୧୨(ଡି.ଏନ.ଏ.)


ସ୍ଥାନୀୟ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

**ସ୍ଥାନୀୟ ବାସୀନ୍ଦାଙ୍କ ରାସ୍ତା ଅବରୋଧ ଜାରି**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ଲାଞ୍ଜିଗଡ଼ ସହରରୁ ଜଗନ୍ନାଥପୁରକୁ ସଂଯୋଗ କରୁଥିବା ରାସ୍ତା ସଂକୀର୍ଣ୍ଣ ତଥା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଏହି ରାସ୍ତାରେ ଦିନରାତିଦିନ ଦୁର୍ଘଟଣା ଘଟି ଅକାଳରେ ଧନଜୀବନ ଚାଲିଯାଉଛି। ଶନିବାର ଜଗନ୍ନାଥପୁର ପମ୍ପ ହାଉସ ନିକଟରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ପୂର୍ବରୁ ଗାଁର ଦଶରୁ ଅଧିକ ଲୋକେ ଆହତ ହୋଇଛନ୍ତି। ପ୍ରଶାସନ ନିକଟରେ ରାସ୍ତା ନିର୍ମାଣ ସହିତ ଏହାର ଚଉଡା ବୃଦ୍ଧି ପାଇଁ ବାରମ୍ବାର ଦାବି କରାଯାଉଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏହାକୁ ନେଇ ଜଗନ୍ନାଥପୁରବାସୀ କ୍ଷୋଭ ପ୍ରକାଶ କରିବା ସହିତ ରାସ୍ତାକୁ ଓହ୍ଲାଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଜଗନ୍ନାଥପୁର ତିନିଛକ ନିକଟରେ ଚଉଡା ରାସ୍ତା ନିର୍ମାଣ ଦାବିରେ ସ୍ଥାନୀୟ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି। ସକାଳୁ ରାସ୍ତା ଅବରୋଧ କରାଯିବାରୁ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ବଳଭଦ୍ରପୁର, ବିଜେପୁର, ତ୍ରିଲୋଚନପୁର ସମେତ ବେଦାନ୍ତ ଷ୍ଟାଫ କଲୋନୀକୁ ମଧ ଯାତାୟାତ ଠପ ହୋଇଯାଇଛି। ଗ୍ରାମବାସୀଙ୍କ ଧାରଣା ଓ ରାସ୍ତା ଅବରୋଧ ପରେ ଏହାର ସମାଧାନ ପାଇଁ ଲାଞ୍ଜିଗଡ ପୋଲିସ ପକ୍ଷରୁ ଉଦ୍ୟମ କରାଯାଇଥିଲେ ହେଁ ଲୋକେ ପ୍ରଶାସନ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ନ ମିଳିବା ଯାଏଁ ହଟିବେ ନାହିଁ ବୋଲି ଅଡିବସିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଜିତେନ୍ଦ୍ର କୁମାର ନାଏକ, ଲକ୍ଷ୍ମୀ ଚଣ୍ଡି, ତରଣୀସେନ ନାଏକ, ହୃଷିକେଶ ନାଏକ, ସୁବାସ ଶୃଗାଳ, ମୁଗାନା ମାଝି, କାଳିଆ ମାଝି, ବିମଳ ମାଝି, ଧନଡିରି ମାଝି, ଶ୍ୟାମସୁନ୍ଦର ମାଝି, ଭୂବନ ସୁନା, ଲକ୍ଷ୍ମଣ ନାଏକ ପ୍ରମୁଖଙ୍କ ନେତୃତ୍ୱରେ ରାସ୍ତା ଅବରୋଧ ଜାରି ରହିଛି।